

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୪ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 04 MARCH 2021

Vol.No. 32 ■ No. 60 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଥଟାମଜାରୁ ଦୁଇ ଛାତ୍ରଙ୍କ ମଧ୍ୟରେ ଛୁରାମାଡ : ଜଣେ ଛାତ୍ର ମେଡିକାଲରେ ଭର୍ତ୍ତି, ଅନ୍ୟ ଜଣେ ଅଟକ

ଗଂଜାମ,୦୩/୦୩ (ନି.ପ୍ର): ସ୍କୁଲ ଭିତରେ ଛୁରା ମାଡ । ଗଂଜାମ ଜିଲ୍ଲାରୁ ଆସିଛି ଏକ ଅଭାବନୀୟ ଖବର । ଭଂଜନଗର ବୋରସିଂ ହାଇସ୍କୁଲରେ ଦଶ୍ମ ଜଣ ଛାତ୍ରଙ୍କ ମଧ୍ୟରେ ଛୁରାମାଡ ହୋଇଛି । ଥଟ୍ଟାମଜାକୁ କେନ୍ଦ୍ର କରି ଦଶମ ଶ୍ରେଣୀର ଉଭୟ ଛାତ୍ରଙ୍କ ମଧ୍ୟରେ ଛୁରାମାଡ ହୋଇଥିବା ଜଣାପଡିଛି । ଜଣେ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ଭଂଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଛୁରା ମାଡ କରିଥିବା ଅନ୍ୟ ଜଣେ ଛାତ୍ରଙ୍କୁ ସ୍କୁଲରେ ଅଟକ ରଖାଯାଇଛି । ଗାଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଂଚି ଛାନଭିନ ଛାନଭିନ ଆରମ୍ଭ କରିଛି ।

# ଶିମିଳିପାଳ ଅଭୟାରଣ୍ୟରେ ଅଗ୍ନି ନିୟନ୍ତ୍ରଣାଧୀନ

## ସତର୍କ ରହିବା ସହ ପ୍ରତିଷେଧ ମୂଳକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୦୩/୦୩ (ନି.ପ୍ର): ଶିମିଳିପାଳ କେବଳ ଓଡିଶା ବା ଭାରତର ନୁହେଁ ଏହା ସମଗ୍ର ବିଶ୍ୱର ଏକ ଅମୂଲ୍ୟ ସମ୍ପଦ। ତେଣୁ ଏହାର ସୁରକ୍ଷା ପାଇଁ ସତର୍କ ରହିବା ସହ ପ୍ରତିଷେଧ ମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଦିନ ଶିମିଳିପାଳ ଅଭୟାରଣ୍ୟ ଅଗ୍ନିକାଣ୍ଡ ଜନିତ ପରିସ୍ଥିତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଥିଲେ । ଶିମିଳିପାଳ ଅଭୟାରଣ୍ୟ ପରିସ୍ଥିତି ସମ୍ପର୍କରେ ବୈଠକରେ ସୂଚନା ଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଜଙ୍ଗଲ ଓ ପରିବେଶ ବିଭାଗ ଡା. ମୋନା ଶର୍ମା। କହିଥିଲେ ଯେ ଶିମିଳିପାଳରେ ଲାଗିଥିବା ନିଆଁ ନିୟନ୍ତ୍ରଣାଧୀନ ଅଛି। ଏଥିରେ



କୌଣସି ଜୀବନ ହାନି ଘଟି ନାହିଁ। ନିଆଁ କୁ ନିୟନ୍ତ୍ରଣ କରିବା ପାଇଁ ଏସଓପି ଜାରି କରାଯାଇଛି ଏବଂ ବଡ ବଡ ଗଛ ମାନଙ୍କର କିଛି କ୍ଷତି ହୋଇନାହିଁ । ଫାୟାର ଆଲର୍ଟ ସମ୍ପର୍କରେ ପ୍ରତି ସନ୍ଧ୍ୟାରେ ରାଜ୍ୟ ସରକାରଙ୍କୁ ଓ ଜିଲ୍ଲାପାଳଙ୍କୁ ଅବଗତ କରିବା ପାଇଁ ଡିଏଫଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଡା ମୋନା ଶର୍ମା କହିଛନ୍ତି । ପିସିସିଏଫ ୱାଇଲ୍ଡଲାଇଫ୍ ଘଟଣା ସ୍ଥଳରେ ଉପସ୍ଥିତ ଅଛନ୍ତି । ଏବଂ ପରିସ୍ଥିତି ଉପରେ ନଜର ରଖିଛନ୍ତି । ଏହି ବୈଠକ ରେ ମୁଖ୍ୟମନ୍ତ୍ରୀ ସଚିବ ୫-ଟି ଭି. କେ. ପାଣ୍ଡିଆନ, ପିସିସିଏଫ ୱାଇଲ୍ଡଲାଇଫ୍ ଏବଂ ଜଙ୍ଗଲ ବିଭାଗର ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ଥିଲେ।

### ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ ମାମଲା

## ଟିଆଇ ପରେଡ୍‌ରେ ବିବନ ଚିହ୍ନଟ !

ଭୁବନେଶ୍ୱର,୦୩/୦୩ (ନି.ପ୍ର): ବହୁଚର୍ଚ୍ଚିତ ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ ମାମଲାରେ ଝାରପଡ଼ା ଜେଲ ପରିସରରେ ଅଭିଯୁକ୍ତ ବିବନ ବିଶ୍ୱାଳର ଟିଆଇ ପରେଡ୍ ଶେଷ ହୋଇଛି। ପରେଡ୍ ରେ ଅଭିଯୁକ୍ତ ବିବନକୁ ଅଞ୍ଜନା ଚିହ୍ନିଥିବା ଜଣାପଡ଼ିଛି। ସେଦିନ ଗାଡ଼ି ଚଳାଇଥିବା ଡ୍ରାଇଭର ନିଳକଣ୍ଠ ମଧ ଅଭିଯୁକ୍ତଙ୍କୁ ଚିହ୍ନିଥିବା ସୂଚନା ମିଳିଛି। ଅଞ୍ଜନା ଗଣମାଧ୍ୟମ ପ୍ରତିଧ୍ୱନିଙ୍କୁ କହିଛନ୍ତି ଯେ ଟିଆଇ ପରେଡ୍‌ରେ ୧୨ ଜଣ ଛିଡ଼ା ହୋଇଥିଲେ। ଯାହା ହୋଇଛି ମାଜିଷ୍ଟ୍ରେଟଙ୍କ ସାମ୍ନାରେ ହୋଇଛି। କୋର୍ଟରେ ଜଣାପଡ଼ିବ। ବୁଧବାର ଦିନ ଭୁବନେଶ୍ୱର ସ୍ଥିତ ଝାରପଡା ଜେଲ୍ ରେ ଜେଏମଏଫସି ସୃଜାଲିନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ବିବନର ଟିଆଇ



ପରେଡ ହୋଇଥିଲା। ଅନ୍ୟପକ୍ଷରେ ଆସନ୍ତାକାଲି ଓ ୫ ତାରିଖ ଦିନ ବିବନକୁ ରିମାଣ୍ଡରେ ନେବ ସିବିଆଇ। ଉଲ୍ଲେଖ୍ୟଯୋଗ୍ୟ ଯେ ୧୯୯୯ ମସିହା ଜାନୁଆରୀ ୯ ତାରିଖରେ କଟକ-ବାରଙ୍ଗ ଥାନା ଅଂଚଳରେ ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ ଶିକାର ହୋଇଥିଲେ। ଏଥିରେ ସଂପୃକ୍ତ ଥିଲେ ତିନି ଅଭିଯୁକ୍ତ ବିବନ ବିଶ୍ୱାଳ, ପ୍ରଦୀପ ସାହୁ ଓ ଧିରେନ୍ଦ୍ର ମହାନ୍ତିଙ୍କ ମଧ୍ୟରୁ ପ୍ରଦୀପ ଓ ଧିରେନ୍ଦ୍ର ଗିରଫ ହୋଇଥିବା ବେଳେ ବିବନ ଫେରାର ହୋଇଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ସିବିଆଇ ତଦନ୍ତ ଭାର ନେଇଥିଲା।

### ଦିଲ୍ଲୀ ନଗର ନିଗମ ଉପ-ନିର୍ବାଚନ ଫଳାଫଳ

## ୫ ଆସନରୁ ୪ଟିରେ ଆପ୍‌ର ବାଜିମାତ, ଗୋଟିଏରେ କଂଗ୍ରେସ : ବିଜେପିର ହାତ ଖାଲି

ନୂଆଦିଲ୍ଲୀ,୦୩/୦୩ (ନି.ପ୍ର): ଦିଲ୍ଲୀ ନଗର ନିଗମ ପାଇଁ ହୋଇଥିବା ଉପନିର୍ବାଚନର ଫଳାଫଳ ଘୋଷଣା କରାଯାଇଛି । ମୋଟ ୫ ଟି ଆସନରୁ ଆମ୍ ଆଦମୀ ପାର୍ଟି ୪ ଟି ଆସନରେ ବିଜୟଲାଭ କରିଥିବା ବେଳେ ଗୋଟିଏ ଆସନ କଂଗ୍ରେସ ଖାତାକୁ ଯାଇଛି । ତ୍ରୈଲୋକ୍ୟପୁରୀ, ରୋହିଣୀ, କଲ୍ୟାଣପୁରୀ ଓ ଶାଲିମାର ବାଗ ଆସନରେ ଆପ୍ ବାଜିମାତ୍ କରିଥିବା ବେଳେ ଚୌହାନ ବାଙ୍ଗଡ ଆସନରେ କଂଗ୍ରେସ ବିଜୟୀ ହୋଇଛି । ତ୍ରୈଲୋକ୍ୟପୁରୀ ଆସନରୁ ଆପ୍ ପ୍ରାର୍ଥୀ ବିଜୟ କୁମାର ୪୯୮୬ ଭୋଟରେ ବିଜୟୀ ହୋଇଥିବା ବେଳେ ରୋହିଣୀ ଆସନରୁ ଆପ୍ ପ୍ରାର୍ଥୀ ରାମଚନ୍ଦ୍ର କୋ ୨୯୮୫ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ସେହିଭଳି ଶାଲିମାର ବାଗ ଆସନରୁ ଆପ୍ ପ୍ରାର୍ଥୀ ସୁନିତା ମିଶ୍ରା ୨୭୦୫ ଖଣ୍ଡ ଭୋଟରେ ବିଜୟୀ ହୋଇଥିବା ବେଳେ ଚୌହାନ ବାଙ୍ଗଡ ଆସନରୁ କଂଗ୍ରେସ ପ୍ରାର୍ଥୀ ଚୌଧୁରୀ ଜୁବେର ଅହମ୍ମଦ ବିଜୟୀ ହୋଇଛନ୍ତି । ଅନ୍ୟପଟେ କଲ୍ୟାଣପୁରୀ ଆସନରୁ ଆପ୍ ପ୍ରାର୍ଥୀ ଧିରେନ୍ଦ୍ର କୁମାର କୋ ୭୦୪୩ ଖଣ୍ଡ ଭୋଟରେ ବିଜୟଲାଭ କରିଛନ୍ତି । ଏହି ବିଜୟ ପରେ ଆମ୍ ଆଦମୀ ପାର୍ଟିର କର୍ମକର୍ତ୍ତା ମାନଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳିଛି । ଆପ୍ କର୍ମକର୍ତ୍ତା କହିଛନ୍ତି କି 'ହୋଇଗଲା କାମ, ଜୟ ଶ୍ରୀରାମ' । ଏନେଇ ଆପ୍ ନେତା ଦୁର୍ଗେସ୍ ପାଠକ କହିଛନ୍ତି କି ୨୦୨୨ ରେ ହେବାକୁ ଥିବା ନଗର ନିଗମ ନିର୍ବାଚନ ପୂର୍ବରୁ ଏହା ସେମି ଫାଇନାଲ ଥିଲା, ଯାହାର ସମ୍ପୂର୍ଣ୍ଣ ଚିତ୍ର ୨୦୨୨ ନିର୍ବାଚନରେ ଦେଖିବାକୁ ମିଳିବ । ଅନ୍ୟପଟେ କଂଗ୍ରେସ ମାତ୍ର ଗୋଟିଏ ଆସନରେ ବିଜୟଲାଭ କରିଥିବା ବେଳେ କେନ୍ଦ୍ର ଶାସନ କ୍ଷମତାରେ ଥିବା ବିଜେପିର ହାତ ଶୂନ୍ୟ ହୋଇଯାଇଛି ।

### ମାରିଟାଇମ ଇଣ୍ଡିଆ ଶିଖର ସମ୍ମିଳନୀର 'ଓଡିଶାରେ ପୁଞ୍ଜିନିବେଶର ସୁଯୋଗ' ଆଲୋଚନା

## ସାମୁଦ୍ରିକ ଅର୍ଥନୀତି ସହ ପୂର୍ବ ଭାରତର ପ୍ରବେଶ ଦ୍ୱାର ହେବ ଓଡ଼ିଶା : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୦୩/୦୩ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶା ଏକବିଂଶ ଶତାବ୍ଦୀରେ ନିଜର ସର୍ବଶ୍ରେଷ୍ଠ ସାମୁଦ୍ରିକ ଅର୍ଥନୀତି ସହ ବାଣିଜ୍ୟ ବ୍ୟବସାୟ ମାଧ୍ୟମରେ ପୂର୍ବ ଭାରତର ପ୍ରବେଶ ଦ୍ୱାର ହେବାର ସମ୍ଭାବନା ରଖିଥିବା ବେଳେ ଏହାଦ୍ୱାରା ରାଜ୍ୟରେ ବ୍ୟାପକ ନିଯୁକ୍ତି ସୃଷ୍ଟି ହେବ ବୋଲି ବୁଧବାର ମାରିଟାଇମ ଇଣ୍ଡିଆ ଶିଖର ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନରେ 'ଓଡିଶାରେ ପୁଞ୍ଜିନିବେଶର ସୁଯୋଗ ଶୀର୍ଷକ ଭର୍ଚୁଆଲ ଆଲୋଚନାରେ ସାମିଲ ହୋଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।



କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ହଜାର ହଜାର ବର୍ଷ ପୂର୍ବରୁ ଓଡ଼ିଶାର ସାଧବ ପୁଅମାନେ ହିଁ ସମୁଦ୍ର ପଥ ଜରିଆରେ ବିଶ୍ୱର ବିଭିନ୍ନ ଅଂଚଳକୁ ଯାଇ ବାଣିଜ୍ୟ ବ୍ୟବସାୟ କରିବା ସହ ରାଜ୍ୟର ଗୌରବ ବଢାଉଥିଲେ। ସେହି ସମୟରେ କଳିଙ୍ଗ ଏବଂ ଉତ୍କଳ ଭଳି ସଭ୍ୟତା ଉଦାହରଣ ସୃଷ୍ଟି କରିଥିଲା ।

▶▶ପୃଷ୍ଠା ୭

## କୋଟିଆ ପ୍ରସଙ୍ଗରେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତିଙ୍କ ସହାୟତା ଲୋଡିଲା ରାଜ୍ୟ

ଭୁବନେଶ୍ୱର,୦୩/୦୩ (ନି.ପ୍ର): କୋଟିଆ ପ୍ରସଙ୍ଗରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅନଙ୍ଗ ପଟ୍ଟନାୟକଙ୍କ ସହାୟତା ଲୋଡିଛନ୍ତି ରାଜ୍ୟସରକାର। ଆନ୍ଧ୍ର-ଓଡ଼ିଶା ସୀମା ବିବାଦର ସମାଧାନ ଲାଗି ଆଡଭୋକେଟ୍ ଜେନେରାଲ ଅଶୋକ ପରିଜାଙ୍କ ଅନୁରୋଧ କ୍ରମେ ରାଜ୍ୟ ସରକାର ଆଇନଗତ ସହାୟତା ଲୋଡିଛନ୍ତି।

▶▶ପୃଷ୍ଠା ୭

## ଭାଗ୍ୟଶ୍ରୀ ଓ ସିଲୁଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ



ଭୁବନେଶ୍ୱର,୦୩/୦୩ (ନି.ପ୍ର): ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବୁଧବାର ଦିନ ରାଜଭବନ ଠାରେ ଭାଗ୍ୟଶ୍ରୀ ସାହୁ ଏବଂ ସିଲୁ ନାୟକଙ୍କୁ ସେମାନଙ୍କର ଚମତ୍କାର ସଫଳତା ତଥା ସମାଜ ପାଇଁ ନିଃସ୍ୱାର୍ଥପର ସେବା ପାଇଁ ସମ୍ବର୍ଦ୍ଧିତ କରିଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାସିକ ରେଡିଓ ଟକ୍ 'ମନ୍ କି ବାତ୍'ରେ ଉଭୟଙ୍କୁ ପ୍ରଶଂସା କରିଥିଲେ। ସୁଶ୍ରୀ ସାହୁଙ୍କୁ ସମ୍ମାନିତ କରିବା ଅବସରରେ ରାଜ୍ୟପାଳ ଚିତ୍ରକଳା ଏବଂ ହସ୍ତଶିଳ୍ପ (ପଟ୍ଟଚିତ୍ର) କ୍ଷେତ୍ରରେ ତାଙ୍କର ଅସାଧାରଣ ପ୍ରତିଭାକୁ ପ୍ରଶଂସା କରିଥିଲେ ।ଏଥିସହ ତାଙ୍କର ଉତ୍ସାହ, ନିଃସ୍ୱାର୍ଥପର ଭକ୍ତି ଏବଂ ଶକ୍ତି ଅନ୍ୟମାନଙ୍କ ପାଇଁ ଅତ୍ୟନ୍ତ ପ୍ରେରଣାଦାୟକ ବୋଲି ସେ କହିଛନ୍ତି।

▶▶ପୃଷ୍ଠା ୭

## ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ : ଟିଏମସିକୁ ସମର୍ଥନ ଦେଲେ ଅଖିଳେଶ ଯାଦବ

ପଶ୍ଚିମବଙ୍ଗ,୦୩/୦୩: ସମାଜବାଦୀ ପାର୍ଟିର ମୁଖ୍ୟ ତଥା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ଆଜି ରାହାଜିଙ୍ଗ ଠାରେ ଆୟୋଜିତ ଏକ ସଭାରେ ମମତାଙ୍କ ପ୍ରତି ସମର୍ଥନ ଘୋଷଣା କରିଛନ୍ତି । ସେ କହିଛନ୍ତି କି ପଶ୍ଚିମବଙ୍ଗରେ ଥିବା ତାଙ୍କର ସମର୍ଥକ ଓ ଦଳର ନେତା ମାନେ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ ପାଇଁ କାମ କରିବେ ଓ ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ କିରଣମୟ ନନ୍ଦ ଟିଏମସି ସମର୍ଥନରେ ନିର୍ବାଚନ ପ୍ରଚାର କରିବେ । ମମତାଙ୍କୁ ସମର୍ଥନ ଜଣାଇ ଅଖିଳେଶ କହିଥିଲେ କି ସେ କିଛିଦିନ ପୂର୍ବରୁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ କଥା ହୋଇଛନ୍ତି । ଏହି କଥାବାର୍ତ୍ତା ବେଳେ ଟିଏମସିର ବିଜୟ ସମାଜବାଦୀ ପାର୍ଟିର ବିଜୟ ବୋଲି ସେ କହିଥିଲେ । ଏହାସହ ସେ କହିଛନ୍ତି କି ଏବେ ପଶ୍ଚିମବଙ୍ଗରେ ବିଜେପିର ସମର୍ଥକ ଦଳମାନେ ଲୁଚି ରହିଛନ୍ତି ।

▶▶ପୃଷ୍ଠା ୭

## ବୁର୍ଲା ଭିସୁଟ୍ ପରିସରରୁ ଉଠିଲା କଣ୍ଟେନମେଣ୍ଟ : ୭ ଦିନ ଯାଏଁ ଜାରି ରହିବ ଆକ୍ଟିଭ୍ ସର୍ଭେଲାନ୍ସ





ଭୁବନେଶ୍ୱର,୦୩/୦୩ (ନି.ପ୍ର): ବୁର୍ଲାସ୍ଥିତ ଭିସୁଟ୍ ପରିସରରୁ କଣ୍ଟେନ୍‌ମେଣ୍ଟ କଟକଣା ଉଠିଛି । ଟେଷ୍ଟିଂ ଓ ସର୍ଭେ ଶେଷ ହେବା ପରେ ଜିଲ୍ଲା ପ୍ରଶାସନ କଣ୍ଟେନମେଣ୍ଟ କଟକଣା ଉଠାଇଛି । କିନ୍ତୁ ପ୍ରଶାସନ କହିଛି ଯେ, କଣ୍ଟେନମେଣ୍ଟ କଟକଣା ହଟିବା ପରେ ବି ଆଗାମୀ ୭ ଦିନ ଯାଏଁ ଆକ୍ଟିଭ ସର୍ଭେଲାନ୍ସ ଜାରି ରହିବ । ଭିସୁଟ୍ ପରିସରରୁ କଣ୍ଟେନମେଣ୍ଟ କଟକଣା ଉଠିବା ନେଇ ସମ୍ବଲପୁର ଜିଲ୍ଲାପାଳ ଶୁଭମ୍ ସକ୍ସେନା ଏକ ବିଜ୍ଞପ୍ତି ଜାରି କରି ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, କରୋନା ସଂକ୍ରମଣ ବ୍ୟାପିବା ଦୃଷ୍ଟିରୁ ସମ୍ବଲପୁର ଜିଲ୍ଲାପାଳ ଶୁଭମ୍ ସକ୍ସେନା ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ୧୧ଟି ଛାତ୍ରାବାସ/ଛାତ୍ରୀନିବାସକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଥିଲେ । ପୁଲହ, ପୁଲସ୍ତ୍ୟ, ଅତ୍ରି, କ୍ରତୁ, ବଶିଷ୍ଠ, ମାରିଚ, ଅନୁରାଧା, ଅରୁନ୍ଧତୀ, ରୋହିଣୀ, ବିଶାଖା ଓ ବସୁନ୍ଧରା ଏହି ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍?ରେ ରହିଥିଲା । ସେହିପରି ପୁଲହ ଛାତ୍ରାବାସର ଆଖପାଖ ଅଂଚଳକୁ ବଫର୍ ଜୋନ୍ ଭାବେ ଘୋଷଣା କରାଯାଇଥିଲା । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀଙ୍କୁ ଏହି ଆଦେଶ କାର୍ଯ୍ୟକାରୀ କରିବାକୁ କୁହାଯାଇଥିଲା । ସଂକ୍ରମଣକୁ ଦୃଷ୍ଟିରେ ରଖି ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀ ପାଠ୍ୟକ୍ରମର ଦ୍ୱିତୀୟ, ଚତୁର୍ଥ, ଷଷ୍ଠ, ଅଷ୍ଟମ ଓ ଦଶମ ସେମିଷ୍ଟାର ଛାତ୍ରଛାତ୍ରୀମାନଙ୍କୁ ଅଧ୍ୟୟନ ପାଇଁ ଆସନ୍ତା ୧୫ ମାର୍ଚ୍ଚ ପର୍ଯ୍ୟନ୍ତ ଏକାଡେମିକ୍ କ୍ୟାମ୍ପସକୁ ଆସିବାକୁ ବାରଣ କରାଯାଇଛି।

## ଅପମିଶ୍ରିତ ତେଲକୁ ନେଇ ପେଟ୍ରୋଲ ପମ୍ପରେ ଉତ୍ତେଜନା

ଭୁବନେଶ୍ୱର,୦୩/୦୩ (ନି.ପ୍ର): ପେଟ୍ରୋଲ ପମ୍ପରେ ଅପମିଶ୍ରିତ ତେଲକୁ ନେଇ ଉତ୍ତେଜନା। ଭୁବନେଶ୍ୱର ବରମୁଣ୍ଡା ନିକଟରେ ଥିବା ଏଚପି ପେଟ୍ରୋଲ ପମ୍ପରେ ଅପମିଶ୍ରିତ ପେଟ୍ରୋଲ ଓ ଡିଜେଲ ବିକ୍ରି ହେଉଥିବା ଅଭିଯୋଗ କରି ବୁଧବାର ସଂଧ୍ୟାରେ କିଛି ଗ୍ରାହକ ପାଟିତୁଣ୍ଡ କରିଥିଲେ। ଉକ୍ତ ପେଟ୍ରୋଲ ପମ୍ପରୁ ତେଲ ପକାଇ କିଛି ବାଟ ଯିବା ପରେ ଗାଡିରେ ଅସୁବିଧା ଦେଖାଦେଇଥିବା ଅଭିଯୋଗ କରିଛନ୍ତି। ତେଲରେ ପାଣି କିମ୍ବା ଜେଲ୍ ଭଳି କିଛି ପଦାର୍ଥ ମିଶିଥିବା ସେମାନେ କହିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିଲା।

## ପୁଲଓ୍ୱାମାରେ ଆତଙ୍କବାଦୀ ଲୁଚି ରହିଥିବା ସ୍ଥଳକୁ ଧ୍ୱଂସ କଲେ ସୁରକ୍ଷାକର୍ମୀ

### ହିଜବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ସଂଗଠନ ସହ ଜଡ଼ିତ ସନ୍ଦେହଜନକ ସାମଗ୍ରୀ ଉଦ୍ଧାର

ପୁଲଓ୍ୱାମା,୦୩/୦୩ (ନି.ପ୍ର): ବୁଧବାର ଦିନ ସୁରକ୍ଷାବାହିନୀ ପୁଲଓ୍ୱାମା ଜିଲ୍ଲାର ଅବନ୍ତିପୁର ଅନ୍ତର୍ଗତ ତ୍ରାଲ ଜଙ୍ଗଲ ଅଂଚଳରେ ଏକ ଆତଙ୍କବାଦୀ ଲୁଚି ରହିଥିଲେ। ସର୍ଚ୍ଚ ଅପରେସନ ସମୟରେ ହିଜବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ସଂଗଠନର ସନ୍ଦେହଜନକ ସାମଗ୍ରୀ ଉଦ୍ଧାର କରାଯାଇଛି । ତ୍ରାଲ ର ସିର/ପାସ୍ତୁନା ଜଙ୍ଗଲ ଅଂଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ପୋଲିସକୁ ସୂଚନା ଦିଆଯାଇଥିଲା । ଏହା ଉପରେ ୪୨ ଆରଆର, ପୋଲିସ ଏବଂ ୧୮୦ଟି ବାଟାଲିୟନ ସିଆରପିଏଫ ମିଳିତ ଭାବେ ଜଙ୍ଗଲ ଅଂଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ । ଏହି ସମୟରେ ସୁରକ୍ଷା ବାହିନୀ ହିଜବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ସଂଗଠନର ଏକ ଆତଙ୍କବାଦୀ ଲୁଚି ରହିଥିବା ସ୍ଥାନ ପାଇଥିଲେ। ଆତଙ୍କୀ ଠିକଣା ଖୋଜିବା ପରେ ମୁଜାହିଦ୍ଦିନର ସନ୍ଦେହଜନକ ସାମଗ୍ରୀ, ବାସନ ଏବଂ ଖାଦ୍ୟ ସାମଗ୍ରୀ ଉଦ୍ଧାର କରାଯାଇଛି । ଆତଙ୍କବାଦ ଲୁଚାଇ ରଖିଥିବା ସାମଗ୍ରୀକୁ ସୁରକ୍ଷାବଳ ତାଙ୍କ କବଜାକୁ ଆଣି ଆତଙ୍କୀ ଠିକଣା ଧ୍ୱଂସ କରିଦେଇଥିଲେ । ଏହି ଅଂଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ଭାବନା ଥିବାରୁ ସୁରକ୍ଷାବାହିନୀ ସର୍ଚ୍ଚ ଅପରେସନ ଜାରି ରଖିଛି । କାଶ୍ମୀର ଉପତ୍ୟାକାରେ ଆତଙ୍କବାଦୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଚାଲିଛି । ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ଉପତ୍ୟାକାରେ କମ୍ ଆତଙ୍କବାଦୀ ରହିଛନ୍ତି। ସୀମାରେ ସଜାଗ ସୁରକ୍ଷା ବାହିନୀ ହେତୁ ପାକିସ୍ଥାନୀ ପାର୍ଶ୍ୱ ଉପତ୍ୟାକାରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ମଧ୍ୟ ବହୁତ କମିଛି । ତେବେ ବର୍ତ୍ତମାନ ବିଶ୍ୱାସ କରାଯାଉଛି ଯେ, ଆତଙ୍କବାଦୀଙ୍କ ଅନୁପ୍ରବେଶ ହ୍ରାସ ହେବାର ମୁଖ୍ୟ କାରଣ ହେଉଛି ଭାରତୀୟ ସେନାର କାର୍ଯ୍ୟକଳାପ ଏବଂ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ଉଲ୍ଲଂଘନ ଚୁକ୍ତିନାମା ।

# ଟାଉନହଲ ରୋଡ଼ ମହାବୀର ମନ୍ଦିରର ବାର୍ଷିକ ଉତ୍ସବ

ବାଲେଶ୍ୱର,୩।୩ (ନି.ପ୍ର): ବାଲେଶ୍ୱର ସହରର ଟାଉନହଲ ରୋଡ ସ୍ଥିତ ଶ୍ରୀ ମହାବୀର ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପୁରୀ ମୁକ୍ତିପଣ୍ଡପର ପଣ୍ଡିତଙ୍କ ପରାମର୍ଶ ଅନୁଯାୟୀ ପଣ୍ଡିତ କମଳାକାନ୍ତ ତ୍ରିପାଠୀଙ୍କ ପୌରହିତ୍ୱରେଏହି ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ବହୁ ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ବୈଦିକ ରୀତିନୀତିରେ ବିଭିନ୍ନ କର୍ମକାଣ୍ଡ ଅନୁଂଷ୍ଠିତ ହୋଇଥିଲା । ପ୍ରାତଃକାଳରୁ ମହାବୀରଙ୍କ ଯଥାବିଧି ଶୋଡ଼ଷ ଉପଚାର ପୂଜାନୀତି ସହ ହନୁମାନଙ୍କ ବୀଜ ମନ୍ତ୍ରରେ ବିଶ୍ୱକଲ୍ୟାଣ ନିମିତ୍ତ ୧୦୦୮ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏଥିସହିତ ଗୋପାଳ ଜ୍ୟୋତିଷଙ୍କ ନେତୃତ୍ୱରେ ୧୦୮ଥର ଶ୍ରୀ ହନୁମାନ ଚାଳିଶା, ସୁନ୍ଦରାକାଣ୍ଡ ଓ ଶ୍ରୀ ହନୁମାନ ଅଷ୍ଟକମ ଆଦି ପାଠ କରାଯାଇଥିଲା । ବ୍ରାହ୍ମଣଙ୍କ ମନ୍ତ୍ର ପାଠ ସାଙ୍ଗକୁ ଶ୍ରୀ ହନୁମାନଚାଳିଶା ପାଠରେ ଭକ୍ତମାନେ ଭାବବିହ୍ୱଳ ହୋଇ ପଡ଼ିଥିଲେ । ଅପରାହ୍ନରେ ପୂର୍ଣ୍ଣାହୂତି ପରେ ବିଶ୍ୱକଲ୍ୟାଣ ହୋମଯଜ୍ଞ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ସନ୍ଧ୍ୟା ସମୟରେ ମହାବୀର ହନୁମାନଙ୍କ ନିକଟରେ ୧୦୮ ଆରତୀ ଓ ୧୦୮ ଲଡୁ ଭୋଗ ଅର୍ପଣ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବହୁସଂଖ୍ୟାରେ ଭକ୍ତମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ । ମନ୍ଦିର ପରିଚାଳନା କମିଟିର ମୁଖ୍ୟକର୍ତ୍ତା ଗୌରସାଧନ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା । ମନ୍ଦିର ପ୍ରତିଷ୍ଠାକୁ ଗୋଟିଏ ବର୍ଷ ପୂରିଥିବା ବେଳେ ପରିଚାଳନା କମିଟି ଓ ସ୍ଥାନୀୟ ଅଧିବାସୀଙ୍କ ସହଯୋଗରେ ଏହି ଉତ୍ସବ ସମ୍ପନ୍ନ ହୋଇଥିଲା।



# ସତ୍ୟସାଇ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର 'ସାଇଫିଷ୍ଟା' ୯ରେ



ବାଲେଶ୍ୱର,୩।୩ (ନି.ପ୍ର): ସତ୍ୟସାଇ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସ ପକ୍ଷରୁ ଉତ୍ତର ଓଡ଼ିଶା ସ୍ତରୀୟ ପ୍ରତିଭା ବିକାଶ ଉତ୍ସବ 'ସାଇ ଫିଷ୍ଟା-୨୦୨୧' ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ବାଲେଶ୍ୱର ସମେତ ଭଦ୍ରକ ଓ ମୟୂରଭଂଜ ଜିଲାର ଲୁକ୍କାୟିତ ଯୁବ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଆସନ୍ତା ୯ ତାରିଖରେ ହେବାକୁ ଯାଉଥିବା ଏହି ଉତ୍ସବକୁ ସର୍ବାଙ୍ଗ ସୁନ୍ଦର କରିବାକୁ ଉଦ୍ୟମ ଜାରି ରହିଛି ବୋଲି ଅନୁଷ୍ଠାନର ସଭାପତି ଡକ୍ଟର ବେଣୁମାଧବ ପଣ୍ଡା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଆସନ୍ତା ୯ ତାରିଖରେ ବାଲେଶ୍ୱର ସହରର ଟାଉନ ହଲ ପରିସରରେ ସାମାଜିକ ଦୂରତା ରକ୍ଷା ପୂର୍ବକ ଏହି ଉତ୍ସବ ଆୟୋଜନ ହେବ । ଏଥିରେ କୌତୁକିଆ ପୋଷାକ, ରଙ୍ଗୋଲି, ନୃତ୍ୟ, ସଙ୍ଗୀତ ଆଦି ୧୬ ଗୋଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଜୁନିୟର, ସବ-ଜୁନିୟର, ସିନିୟର ଓ ୧୪ ବର୍ଷରୁ ୪୦ ବର୍ଷ ବୟସ ମଧ୍ୟରେ ସ୍ୱତନ୍ତ୍ର ବର୍ଗରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିପାରିବେ । ଏଥିରେ ମନୋନୀତ ମିଷ୍ଟର ଏଣ୍ଡ ମିସେସ ସାଇଫିଷ୍ଟାଙ୍କ ପାଇଁ ସ୍ୱତନ୍ତ୍ର ପୁରସ୍କାର ରାଶି ରହିଛି ବୋଲି ଅନୁଷ୍ଠାନର ସଭାପତି ଡକ୍ଟର ପଣ୍ଡା କହିଛନ୍ତି । ଏନେଇ ପଞ୍ଜୀକରଣ ଜାରି ରହିଥିବା ବେଳେ ଏହା ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ଏଥି ସହିତ ହ୍ୱାଟ୍ସ ଆପ ଜରିଆରେ ବିଭିନ୍ନ ଟ୍ରୁପ ପକ୍ଷରୁ ଡ୍ୟାନ୍ସ କ୍ଲିପ ସଂଗ୍ରହ କରାଯାଉଥିବା ବେଳେ ସେମାନଙ୍କ ମଧ୍ୟରୁ ମନୋନୀତ ଗ୍ରୁପକୁ ସଂଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଦର୍ଶନ ପାଇଁ ସୁଯୋଗ ଦିଆଯିବ ବୋଲି ଡକ୍ଟର ପଣ୍ଡା ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଏହି ସାଇଫିଷ୍ଟାରେ ବିଭିନ୍ନ ବିଭାଗରେ ମନୋନୀତ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଅନୁଷ୍ଠାନ ପକ୍ଷରୁ ପ୍ରୋତ୍ସାହନ କରାଯାଉଥିବା ସାଇଫିଷ୍ଟାର କାର୍ଯ୍ୟକାରୀ ସଭାପତି ସ୍ୱୟମ ସରିତା ପଣ୍ଡା ପ୍ରକାଶ କରିଛନ୍ତି । ବାଲେଶ୍ୱର ବା ଉତ୍ତର ଓଡ଼ିଶାରୁ କେହି ପ୍ରତିଭାବାନ ରାଜ୍ୟ ଓ ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କଲେ ତାହା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ ବୋଲି ସେ କହିଛନ୍ତି । ଆସନ୍ତା ୯ ତାରିଖରେ ହେବାକୁ ଥିବା ସାଇଫିଷ୍ଟା-୨୦୨୧ର ସଫଳା ପାଇଁ ଶ୍ରୀମତୀ ପଣ୍ଡା ସବୁ ମହଲରୁ ସହଯୋଗ କାମନା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସାଇଫିଷ୍ଟା କମିଟିର ଉପ-ସଭାପତି ରମାକାନ୍ତ ମହାରଣା, ସାଧାରଣ ସମ୍ପାଦକ ଅର୍ଦ୍ଧେନ୍ଦୁ ଶେଖର ଦାସ, ସମ୍ପାଦକ ଅଜୟ କୁମାର ପ୍ରଧାନ, ସାଂସ୍କୃତିକ ସମ୍ପାଦକ ମାନସ ରଂଜନ ମହାନ୍ତି ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ପ୍ରଥମ ଥର ପାଇଁ କନ୍ଧମାଳରେ ଟାଲେଂଟ ହଂଟ ପ୍ରତିଯୋଗିତା

କନ୍ଧମାଳ,୩।୩ (ନି.ପ୍ର): କନ୍ଧମାଳ ଇନଫ୍ଲୁଏନସରସ ନାମକ ଏକ ସଂଗଠନ ପକ୍ଷରୁ ଗତ ଶନିବାର ଦିନ ଆୟୋଜିତ ହୋଇଥିଲା କନ୍ଧମାଳ ଟାଲେଂଟ ହଂଟ ପ୍ରତିଯୋଗିତା । ଜିଲ୍ଲାରେ ଏଭଳି ପ୍ରତିଯୋଗିତା ପ୍ରଥମଥର ପାଇଁ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଯାତ୍ରା ପଡିଆ ସମ୍ମିଳନୀ କକ୍ଷରେ ପ୍ରତିଯୋଗିତ ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଯୁବକ, ଯୁବତୀ, ବିବାହିତ ମହିଳ, ଦିବ୍ୟାଙ୍ଗ ଓ ଏପରିକି କିନ୍ନର ମାନେ ମଧ ସମସ୍ତେ ଭାଗ ନେଇପାରିବେ ବୋଲି ସଂଗଠନ ପକ୍ଷରୁ ଘୋଷଣା କରାଯାଇଥିଲା । ଫଳରେ ବହୁ ସଂଖ୍ୟାରେ ଯୁବକ ଯୁବତୀ ଅଂଶ ଗ୍ରହଣ କରିଥିଲେ । ପୁର୍ବରୁ ଗତ ଫେବୃୟାରୀ ମାସରେ ବାଲିଗୁଡା ଓ ଜି.ଉଦୟଗିରି ଠାରେ ଏପରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମକୁ ଫୁଲବାଣୀର ପୂଜା ପଟ୍ଟନାୟକଙ୍କ ସମେତ ଗ୍ରେସିଲିନ ଦିଗାଲ, ବିଜୟ କୁମାର ପ୍ରଧାନ, ସୌଭାଗ୍ୟ ନାୟକ, ବିଭାସ ଚରଣ ମଲ୍ଲିକ,ସରୋଜ ନାୟକ, ଫିରୋଜ ନାୟକ, ତୁସିଫ ରାଜା, ନନ୍ଦ କିଶୋର, କିରନ ପ୍ରଧାନ, ରାଜା ପ୍ରମୁଖ ଆୟୋଜନ କରିବା ସହ ଉପସ୍ଥିତ ରହି ପରିଚାଳନା କରିଥିଲେ । ଏହି ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କନ୍ଧମାଳରେ ଲୁକ୍କାଇତ ରହିଥିବା ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ବୋଲି କହିଛନ୍ତି ସଂଗଠନର ପୂଜା ପଟ୍ଟନାୟକ ।

# ଶ୍ରମିକମାନଙ୍କ ୧୧ ଦଫା ଦାବି ନେଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର

କେନ୍ଦ୍ରାପଡ଼ା,୩।୩ (ନି.ପ୍ର): ଓଡିଶାରେ ପଞ୍ଜିକୃତ ହୋଇଥିବା ଲକ୍ଷ ଲକ୍ଷ ନିର୍ମାଣ ଶ୍ରମିକ ବିଭିନ୍ନ ସମସ୍ୟର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କୁ ବିଭିନ୍ନ ସ୍ଥାନରେ ନିର୍ଯ୍ୟାତନା ଦିଆଯାଉଛି । ଅପରପକ୍ଷରେ ସେମାନଙ୍କ ସମସ୍ୟାର ସମାଧାନ କରିବା ପାଇଁ ଶ୍ରମ ଅଧିକାରୀ, ଜିଲାପାଳ, ଶ୍ରମ କମିଶନର, ରାଜ୍ୟ ଓ କେନ୍ଦ୍ର ସରାକାର କର୍ଣ୍ଣପାତ କରୁନାହାଁନ୍ତି ବୋଲି ଅଭିଯୋଗ କରିଛି ଶ୍ରମିକ ସଂଗଠନ ଆଇଏନ୍‌ଟିୟୁସି । ଏ ନେଇ ସମଗ୍ର ରାଜ୍ୟରେ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିବା ବେଳେ କେନ୍ଦ୍ରାପଡ଼ାରେ ବିକ୍ଷୋଭ ହୋଇଥିଲା । ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜିଲା ସଭାପତି ମୁକ୍ତାର ଖାଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ଆଇଏନ୍‌ଟିୟୁସି ସହବନ୍ଧିତ ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘର ସଭାପତି ଫକୀର ଚରଣ ଖଟୁଆ, ଉପ ଭସାପତି ବିଧୁ ଭୂଷଣ ମହାପାତ୍ର, ଓଡିଶା କୃଷି ଓ ଗ୍ରାମ୍ୟ ଶ୍ରମିକ ସଂଘର ସଭାପତି ବସନ୍ତ କୁମାର ସେଠୀ, ବିଶ୍ୱକର୍ମା କୋଠାବାଡି ଓ ନିର୍ମାଣ ଶ୍ରମିକ ସଂଘର ସଭାପତି କୃଷ୍ଣଚନ୍ଦ୍ର ରାଉତ, ଆଇଏନ୍‌ଟିୟୁସି ଜିଲା ଶାଖା ସଭାପତି ରଶ୍ମି ରଞ୍ଜନ ଚୌଧୁରୀ, ମହେନ୍ଦ୍ର କୁମାର ପରିଡ଼ା, ଉମେଶ ଚନ୍ଦ୍ର ପାଢୀ, ସର୍ବେଶ୍ୱର ସେଠୀ, ପ୍ରଫୁଲ୍ଲ କୁମାର ଦାସ, ପ୍ରଦୀପ୍ତ କୁମାର ମହାନ୍ତି, ମମତା ଦାସ, ମାନସୀ ବେହେରା, ଶଙ୍କର ଜେନା ପ୍ରମୁଖ ବକ୍ତବ୍ୟ ଦେଇଥିଲେ । ଏହି ଅବସରରେ ଶ୍ରମିକମାନଙ୍କର ୧୧ ଦଫା ଦାବି ସମ୍ବଳିତ ସ୍ୱାରକପତ୍ର ରାଜ୍ୟପାଳଙ୍କ ଉଦେଶ୍ୟରେ ଜିଲା ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ଶ୍ରମିକ ନେତାମାନେ କହିଥିଲେ ଯେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମାଣ ଶ୍ରମିକମାନଙ୍କ ନାମ ପଞ୍ଜିକରଣ କରାଯାଉନାହିଁ, ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ଝିଅ ବିବାହ, ପ୍ରସୂତୀ କାଳୀନ, ପିଲାଙ୍କ ପାଠ ପଢା, ଯନ୍ତ୍ରପାତି, ସାଇକଲ, ଚିକିତ୍ସା, ଗୃହନିର୍ମାଣ, ଅନ୍ତ୍ୟେଷ୍ଟିକ୍ରିୟା ଓ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଉନାହିଁ । ପଞ୍ଜିକୃତ ଶ୍ରମିକମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା ଥିବା ବେଳେ ତାହା କରାଯାଉନାହିଁ ଓ ତାଲିମପ୍ରାପ୍ତ ଶ୍ରମିକମାନଙ୍କ ତାଲିମକାଳୀନ ଭ । ପ୍ରଦାନ କରାଯାଉନାହିଁ । କୋଭିଡ଼-୧୯ ବେଳର ସହାୟତା ରାଶି ଅନ୍ୟ ରାଜ୍ୟ ସରକାରମାନେ ୧୨୦୦୦ ଟଙ୍କା, ୧୦୦୦୦, ୯୦୦୦, ୬୦୦୦, ୫୦୦୦ ପଦାନ କରୁଥିବା ବେଳେ ଆମ ରାଜ୍ୟରେ ସମୁଦ୍ରକୁ ସଙ୍ଖେ ଭଳି ମାତ୍ର ୧୫୦୦ ଟଙ୍କା ଦେବା ପାଇଁ ସରକାର ସ୍ଥିରଛନ୍ତି ।

# ଜିଲ୍ଲା ଚିକିତ୍ସାଳୟର ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ

ଜୟପୁର,୩।୩ (ନି.ପ୍ର): ପବ୍ଲିକ ରାଇଟ୍ସ ଆସୋସିଏସନ ଅବିଭକ୍ତ କୋରାପୁଟ ଜିଲା ଶାଖା ତରଫରୁ ଜୟପୁର ସ୍ଥିତ ଜିଲା ଚିକିତ୍ସାଳୟର ସୁପରିଟେଣ୍ଡେଙ୍କୁ ସାକ୍ଷାତ କରି ଦାବୀ ପତ୍ର ପ୍ରଦାନ କରାଯାଇଛି । ଆସୋସିଏସନର ସଭାପତି ଦେବେନ୍ଦ୍ର ବାହିନିପତି ୧୧ ଦଫା ଦାବୀ ପତ୍ର ଚିକିତ୍ସାଳୟର ସୁପରିଟେଣ୍ଡେଂଟ ରବିନ୍ଦ୍ର ମିଶ୍ରଙ୍କୁ ପ୍ରଦାନ କରିଛନ୍ତି । ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଆଲଟ୍ରାସାଉଣ୍ଡ ମେସିନ ସର୍ବଦା କାର୍ଯ୍ୟକ୍ଷମ ରଖିବା ସହ ସମସ୍ତଙ୍କୁ ଏହାର ସେବା ଯୋଗାଇ ଦେବା, କିଡନୀ ରୋଗୀ ମାନଙ୍କୁ ଡାଇଲୋସିସ ସେବା ଯୋଗାଇ ଦେବା, ସ୍କାନିଙ୍ଗ ମେସିନ ସ୍ଥାପନ ସହ ଏହାର ସେବା ଯୋଗାଇ ଦେବା, ଡିଜିଟାଲ ଏକ୍ସରେ ମେସିନ କାର୍ଯ୍ୟକ୍ଷମ ରଖିବା ସହ ଏହାର ସେବା ଯୋଗାଇ ଦେବା, ବ୍ଲଡ ବ୍ୟାଙ୍କ ମୁଖ୍ୟ ଚିକିତ୍ସାଳୟ ଠାରୁ ଦୂରତା ଥିବା କାରଣରୁ ହେଉଥିବା ଅସୁବିଧା ଦୂର କରିବା, ଜୟପୁର ସହରର ପୂର୍ବରୁ ଥିବା ଉପଖଣ୍ଡୀୟ ଚିକିତ୍ସାଳୟରେ ଥିବା ସିଟି ହସ୍ପିଟାଲରେ ରାତ୍ରୀକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା, ଚିକିତ୍ସାଳୟରେ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ଆଦି ଦାବୀ ରହିଛି । ଦାବୀ ପତ୍ର ଗ୍ରହଣ କରି ଉପରିସ୍ଥ ଅଧିକାରିଙ୍କୁ ଅବଗତ କରାଇବି ବୋଲି ଡାକ୍ତର ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି । ଏହା ଦାବି ପତ୍ରର ନକଲ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରି କୋରାପୁଟ ଏବଂ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ୭ ଦିନ ଭିତରେ ଦାବି ପୂରଣ ନହେଲେ ଚିକିତ୍ସାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନି ଦେଇଛି ଆସୋସିଏସନ । ଏହି ଦାବି ପତ୍ର ପ୍ରଦାନ ସମୟରେ ମିନ କେତନ ପରିଛା, ଅମର ଲାଲା ଆହୁଜା, କନ୍ଦର୍ପ ପାଣିଗ୍ରାହୀ, ଗୌର ଦାସ, ଲକ୍ଷ୍ମୀ ନାରାୟଣ ପାଢୀ, ଶ୍ୟାମ ବେହେରା, ବିଜୟ ନାଗ, ପ୍ରଭାତ କୁମାର ଖଣ୍ଡେଇ, ଦେବିଶଙ୍କର ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ ।

## ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା: ଥାନାରେ ମାମଲା

ଗଞ୍ଜାମ,୩।୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରର ବ୍ରହ୍ମାନଗର ଛକରେ ଥିବା ଗୁରୁଦେବ ହସ୍ପିଟାଲରେ ପୁଣି ଥରେ ଚିକିତ୍ସାରେ ଅବହେଳା ଯୋଗୁ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଘଟଣାକୁ ନେଇ ମୃତ ରୋଗୀ ସଙ୍ଗୀତା ସାହୁଙ୍କ ସମ୍ପର୍କୀୟ ମାନଙ୍କ ମଧ୍ୟରେ ତୀବ୍ର ଉତେଜନା ପ୍ରକାଶ ପାଇଛି । ମୃତ ସଙ୍ଗୀତାଙ୍କ ସ୍ୱାମୀ ନବୀନ ସାହୁ ସମ୍ପୃକ୍ତ ଘରୋଇ ହସ୍ପିଟାଲର ଡ଼ାକ୍ତର ଓ କର୍ମଚାରୀଙ୍କ ବିରୋଧରେ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ ଦାୟର୍ କରିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ କେସ୍ ନଂ ୫୪/୨୧ ରେ ଏକ ମାମଲା ରୁଜ୍ଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ସିଟୁ, ଏଆଇଟିୟୁସି ଓ ବାରିପଦା ମୋଟର କର୍ମଚାରୀମାନଙ୍କ ପ୍ରତିବାଦ ଓ ବିକ୍ଷୋଭ

ବାରିପଦା ,୩।୩ (ନି.ପ୍ର): ୪୪ ଗୋଟି ପୁରୁଣା ଶ୍ରମ ଆଇନ ଭିତରୁ ୧୫ ଗୋଟି ଆଇନ୍‌କୁ କେନ୍ଦ୍ର ସରକାର ବାତିଲ କରି ବାକି ୨୯ ଗୋଟି ଆଇନକୁ ପୁଂଜିପତି ଓ କାରଖାନା ମାଲିକଙ୍କ ସାର୍ଥରକ୍ଷା ପାଇଁ ୪ ଗୋଟି ନୂଆ ଶ୍ରମକୋର୍ଡ ପ୍ରଣୟନ , ୧୯୯୫ ମସିହା ଅତ୍ୟାବଶ୍ୟକୀୟ ଆଇନ ବାତିଲ କରି ପୁଂଜିପତି ମାନଙ୍କ ସ୍ୱାର୍ଥ ରେ ୩ ଗୋଟି ନୂଆ କୃଷି ଆଇନ ପ୍ରଣୟନ କରିବା, ଚାଷୀ ସ୍ୱାର୍ଥ ରକ୍ଷାକାରୀ ସର୍ବନିମ୍ନ ସହାୟକ ମୂଲ୍ୟର ଆଇନ ଅଧିକାର ନଦେବା ଓ ଜନସାଧାରଣ ତଥା ଚାଷୀ ବିରୋଧୀ ବିଦ୍ୟୁତ୍ ବିଲ ୨୦୨୦କୁ ବିରୋଧ କରି ଏବଂ ତାମିଲନାଡୁ ପରିବହନ ଶ୍ରମିକ ମାନଙ୍କ ଅନ୍ଦଲୋନକୁ ସମ୍ପର୍ଥନ କରିବା ସହିତ ଅତ୍ୟାବଶ୍ୟକୀୟ ଜିନିଷର ଦରଦାମ ବୃଦ୍ଧି, ଡିଜେଲ, ପେଟ୍ରୋଲ, ଗ୍ୟାସର ଆହେତୁକ ଆକାଶ ଛୁଆଁ ମୂଲ୍ୟ ବୃଦ୍ଧି ବିରୋଧରେ ଶ୍ରମକୋର୍ଡ, କୃଷି ଆଇନ ଓ ବିଦ୍ୟୁତ୍ ବିଲ ୨୦୨୦ ବାତିଲ ଓ ଏମଏସପି କୁ ଆଇନି ଅଧିକାର ଦେବା ଦାବିରେ ସିଆଇଟିୟୁ, ଏଆଇଟିୟୁସି ଓ ବାରିପଦା ମୋଟର କର୍ମଚାରୀଙ୍କ ଦ୍ୱାରା ପ୍ରତିବାଦ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇ ଯାଇଛି । ସିଆଇଟିୟୁର ଜିଲ୍ଲା ସଭାପତି ରବି ଗୋସ୍ୱାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କେନ୍ଦ୍ର ସରକାର ଓଡିଶା ରାଜ୍ୟ ସରକାରର ବିଭିନ୍ନ ଜନସ୍ୱାର୍ଥ ବିରୋଧୀ ନୀତି, ତାମିଲନାଡୁର ଏଡିଏମକେ ଓ ବିଜେପି ମିଳିତ ସରକାରର ପରିବହନ ଶ୍ରମିକ ବିରୋଧୀ କାମକୁ କଠୋରୋ ସମାଲୋଚୋନା କରି ବକ୍ତା ମାନେ ନିଜନିଜର ବକ୍ତବ୍ୟ ରଖିଥିଲେ । ବାରିପଦା ପରିବହନ ଶ୍ରମିକ ସଭାପତି ରଘୁନାଥ ପଣ୍ଡା , ଏଆଇଟିୟୁସି ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର ଓ ସିଆଇଟିୟୁ ଜିଲ୍ଲା ସମ୍ପାଦକ ଅମଳ ଦେ ପ୍ରମୁଖ ସଭାକୁ ପରିଚାଳନା କରିଥିଲେ ପରିବହନ କର୍ମଚାରୀ ନେତା ମନୋରନ ପରିଡା , ଅଶୋକ ଭଦେଓ, ଗଙ୍ଗାଧର ସାମଲ, ଅଶୋକ ବେହେରା , ଏଆଇଟିୟୁସି ର ସୁଦର୍ଶନ ରାଉଳ, ଶ୍ରୀକାନ୍ତ ସାମଲ , ରଥ ସିଂ , ଚିତ୍ତରନ ବାରିକ, ସିଆଇଟିୟୁ ର ଅକ୍ଷୟ ଖୁଂଟିଆ , ରାମେଶ୍ୱର ଶର୍ମା, ଏମ.ଡି.ସେକ୍ ରିଜୁଆନ, ବିରଂଚି ସିଂ ପ୍ରମୁଖ ବହୁ କର୍ମକର୍ତା ଯୋଗଦେଇଥିଲେ ।



# ଶିକ୍ଷକ ଜୀବନଜ୍ୟୋତିଙ୍କ ବିୟୋଗରେ ସ୍ମୃତିସଭା

ଭୁବନ,୩।୩ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଭୂଷଳ ଗ୍ରାମର ରଂଜନ ନାୟକଙ୍କ ଏକମାତ୍ର ପୁତ୍ର ଜୀବନଜ୍ୟୋତି ଅନୁଗୁଳ ଜିଲ୍ଲା ଜରାସିଂହା ନିକଟରେ ଏକ ସଡକ ଦୁର୍ଘଟଣାରେ ପରଲୋକ ଗମନ କରିଥିଲେ । ସ୍ୱର୍ଗତ ଜୀବନଜ୍ୟୋତି ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ ବ୍ଲକ ଅନ୍ତର୍ଗତ କୁଶକେଲା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ । ସ୍ୱର୍ଗତ ଜୀବନଜ୍ୟୋତିଙ୍କ ଉଦ୍ଦେଶ୍ୟରେ ଭୂଷଳ ଗ୍ରାମ ଶିକ୍ଷକ ସଂଘ ତରଫରୁ ତାରିଣୀ ମନ୍ଦିର ପରିସରରେ ବରିଷ୍ଠ ଶିକ୍ଷକ ବସନ୍ତ କୁମାର ସାହୁ ଙ୍କ ଅଧକ୍ଷତାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଢେଙ୍କାନାଳ ସାଂସଦ ଶ୍ରୀଯୁକ୍ତ ମହେଶ ସାହୁ ଯୋଗଦେଇ ଜୀବନଜ୍ୟୋତିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଭୁଷଳ ଗ୍ରାମ ପଂଚାୟତ ର ସରପଂଚ ଚିତରଞ୍ଜନ ମଲ୍ଲିକ,ସମାଜସେବୀ କୃଷ୍ଣଚନ୍ଦ୍ର ମାହୁନ୍ତ,ଗୋବର୍ଧନ ପୀଠର ମହାସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର, ସମାଜସେବୀ ଲଳିତ କୁମାର ବେହେରା, ଭୁବନ ବ୍ଲକ ଶିକ୍ଷା ସହାୟକ ସଂଘର ସଭାପତି ରାଜେଶ ପୃଷ୍ଟି, ଶିକ୍ଷକ ଅମିତାଭ ଦାଶ,ପ୍ରସନ୍ନ କୁମାର ନାୟକ, ଅକ୍ଷୟ ଶତପଥୀ,ବିକ୍ରମ କୁମାର ଦାଶ, ପ୍ରସନ୍ନ କୁମାର ବେହେରା, ରଞ୍ଜନ କୁମାର ଦାଶ , ଭୁଷଳ ଗ୍ରାମର ବରିଷ୍ଠ ନାଗରିକ ବିଜୟ କୁମାର ମହାନ୍ତି, ଜୟରାମ ପାତ୍ର. ଅରୁଣ ବାରିକ,ସାଗର ଖୁଣ୍ଟିଆ ପ୍ରମୁଖ ସ୍ମୃତିଚାରଣ କରି ଜୀବନଜ୍ୟୋତିଙ୍କ ଆମାୟିକ ବ୍ୟବହାର, କାର୍ଯ୍ୟକୁଶଳତା ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷକ ପ୍ରେମାନନ୍ଦ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଜୀବନଜ୍ୟୋତଙ୍କି ବାଲ୍ୟବନ୍ଧୁମାନଙ୍କ ଦ୍ୱାରା ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରା ଭୁଷଳ ଗ୍ରାମ ପରିକ୍ରମା କରିଥିଲା ।

## କଂଗ୍ରେସ ଶ୍ରମିକ ସେଲ ପକ୍ଷରୁ ଶ୍ରମ ଅଧିକାରୀ କାର୍ଯ୍ୟାଳୟ ଘେରାଓ

ଝାରସୁଗୁଡା,୩।୩ (ନି.ପ୍ର): ଆଜି ସାରା ରାଜ୍ୟରେ କଂଗ୍ରେସ ଶ୍ରମିକ ସେଲ ପକ୍ଷରୁ ଶ୍ରମ ଅଧିକାରୀ କାର୍ଯ୍ୟାଳୟ ଘେରାଓ ଡାକରରେ ସାମିଲ ହୋଇଥିଲା ଝାରସୁଗୁଡା ଜିଲ୍ଲା କଂଗ୍ରେସ ।ଆଜି ଝାରସୁଗୁଡା ଜିଲ୍ଲା କଂଗ୍ରେସ ଶ୍ରମିକ ସେଲ ପକ୍ଷରୁ ଏକ ଶୋଭାଯାତ୍ରାରେ ଶତାଧିକ ଶ୍ରମିକ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।ଅଣ ସଂଗଠିତ ଶ୍ରମିକଙ୍କୁ ଶ୍ରମ ବିଭାଗ ପକ୍ଷରୁ ମିଳୁଥିବା ସୁବିଧା ସୁଯୋଗରୁ ଶ୍ରମିକ ମାନେ ବଂଚିତ ହେଉଥିବା ଅଭିଯୋଗ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।ଅଣ ସଂଗଠିତ କ୍ଷେତ୍ରରେ କର୍ଯ୍ୟ କରୁତିବା ଶ୍ରମିକଙ୍କୁ କରୋନା କାଳରେ ସ୍ୱତନ୍ତ୍ର ଭତା ପ୍ରଦାନ ସହ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଝିଅ ବାହାଘର ସହାୟତା, ସାଇକେଲ,ଘର ନିର୍ମାଣ ସହାୟତା ପ୍ରଦାନ କରିବାକୁ ଦାବୀ କରି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲା ଶ୍ରମ ଅଧିକାରୀଙ୍କ ଜରିଆରେ ପ୍ରଦାନ କରିଥିଲେ ।

# ମହାଶିଙ୍ଗିରେ ଧରଣୀପେନୁ ଯାତ୍ରା: ମାଟି ମାଆଙ୍କୁ ଶାନ୍ତ କରିବା ପାଇଁ ପୋଢ ବଳି

## ମନୁଷ୍ୟର କ୍ରୁରତା ଆଗରେ ପଶୁ ହାରୁଛି ଜୀବନ

କନ୍ଧମାଳ,୩।୩ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଅନେକ ଯୁଗରୁ ଆଦିବାସୀ ପରମ୍ପରା ଅନୁସାରେ ଚାଲି ଆସିଛି ବଳି ପ୍ରଥା । ଜିଲ୍ଲାରେ ଆଦିବାସୀ ମାନଙ୍କ ଧରଣୀ ପେନୁ ଯାତ୍ରାବେଳେ ମାଟି ମାଆଙ୍କୁ ପୂଜା କରାଯିବା ପାଇଁ ଏବଂ ଏହା ଦ୍ୱାରା ମାଟି ମାଆ ଖୁସି ହେବା ଦ୍ୱାରା ଭଲ ଫସଲ ହୁଏ ବୋଲି ଲୋକଙ୍କର ଏହି ବିଶ୍ୱାସ ପୂର୍ବରୁ ରହିଥିବାବେଳେ କାଳକ୍ରମେ ସରକାର ଏହାକୁ ଅନ୍ଧ ବିଶ୍ୱାସ ଦର୍ଶାଇବା ସହ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ, ଏହି ପୂଜା ବେଳେ ଲୋକଙ୍କ ଚାଷ ଜମିରେ ପଶୁ ବଳି ଦେଲେ ଜମିରେ ଭଲ ଚାଷ ହେଉଥିବା ଏହି ବିଶ୍ୱାସ ଯୋଗୁଁ ଗ୍ରାମାଂଚଳର ଲୋକେ ପଶୁ ବଳି ପ୍ରଥାକୁ ଜାରୀ ରଖିଛନ୍ତି । ଏପରିକି ପୂର୍ବରୁ ମଣିଷ ବଳି (ମେରିଆ) ପ୍ରଥା ମଧ ଜିଲ୍ଲାରେ ଚାଲି ଆସିଛି । ହେଲେ କାଳକ୍ରମେ ଏହି ପ୍ରଥା ସବୁକୁ ଅନ୍ଧ ବିଶ୍ୱାସ ଭାବରେ ପରିଗଣିତ କରି ସରକାର ବଳି ପ୍ରଥାକୁ ବନ୍ଦ କରିଛନ୍ତି । ଏହାର ପରିଣାମ ସ୍ୱରୁପ କନ୍ଧମାଳ ଜିଲ୍ଲାର ବଲସକୁମ୍ପା ବରାଳଦେବୀ ପୀଠ ଭଳି ଅନେକ ପୀଠରେ ପୂର୍ବରୁ ଚାଲି ଆସିଥିବା ବଳି ପ୍ରଥା ସବୁକୁ ବନ୍ଦ କରାଯାଇଛି । ହେଲେ ଜିଲ୍ଲାରେ କେତେକ ଯଗାରେ ଆଜି ମଧ ମାଟି ପୂଜା କରିବା ନାମରେ କେତେକ ଯାଗାରେ ଏହି ପଶୁ ସମ୍ପଦ ପ୍ରତି କ୍ରୁରତା ଦେଖିବାକୁ ମିଳୁଛି । କନ୍ଧମାଳ ଜିଲ୍ଲାର ବାଲିଗୁଡା ଥାନା ଅଂଚଳର ମହାଶିଙ୍ଗି ପଂଚାୟତର ମାଟାମାହା, ମାଳାଙ୍ଗା ପଦର, ସାକାପାଲି ସମେତ କିଛି ଗ୍ରାମର ଲୋକେ ମିଳିମିଶି ପୋଢ ବଳି ଏବଂ ମାଟି ପୂଜା କରିଛନ୍ତି । ଗାଁର ଏକ ପଡିଆରେ ଗୋଟିଏ ଖୁଣ୍ଟରେ ଗୋଟିଏ ପୋଢକୁ ବନ୍ଧା ଯାଇ ସେଠାରେ ଶତାଧିକ ସଂଖ୍ୟାରେ ଲୋକମାନେ ଏକାଠି ହୋଇ ସେହି ପୋଢକୁ ତିଳତିଳ କରି ମାରିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ପ୍ରଥମେ ପୋଢକୁ ଖୁଣ୍ଟରେ ବନ୍ଧା ହୋଇଥିବା ଅବସ୍ଥାରେ ତାକୁ ଗୋଡାଇ ଗୋଡାଇ ତାକୁ ହାଲିଆ କରିବା ପରେ ଲୋକମାନେ ସେଠାରେ ତାକୁ ନିର୍ମମ ଭାବରେ ଧାରୁଆ ଛୁରିରେ ଜଣକ ପରେ ଜଣେ କାଟି କାଟି ହତ୍ୟା କରି ଥାଆନ୍ତି । ଏହି ଦୃଶ୍ୟ ଜଣେ ସାଧାରଣ ଲୋକ ଦେଖିବା କଷ୍ଟକର । ଏନିମାଲ କ୍ରୁଏଲିଟିକୁ ବାରଣ କରିବାକୁ ରାଜ୍ୟ ତଥା କେନ୍ଦ୍ର ସରକାର ବିଭିନ୍ନ ଆଇନ ପ୍ରଣୟନ କରିଥିବା ସହିତ ଖୋଲା ବଜାରରେ ଛେଳି କୁକୁଡ଼ାଙ୍କୁ ମଧ ମାରିବାକୁ ବାରଣ କରିବା ସହିତ ବୁଲା କୁକୁର ମାନଙ୍କୁ ମଧ ସେମାନଙ୍କ ଜନ୍ମ ନିୟନ୍ତ୍ରଣ ପାଇଁ ମାରିବା ବନ୍ଦ କରାଯାଇଛି । ଏହାସହିତ ବିଭିନ୍ନ ପୂଜା ପାର୍ବଣରେ ବଳି ପ୍ରଥାକୁ ବନ୍ଦ କରିଛନ୍ତି ସରକାର । ତେବେ ଚାଷ ପାଇଁ ବୈଜ୍ଞାନିକ ପଦ୍ଧତିରେ ଅନେକ ରାସାୟନିକ ସାର ତଥା ଜୈବିକ ସାର ବାହାରିଛି । ଲୋକମାନେ ଚାଷରେ ଏହାକୁ ବ୍ୟବହାର କରି କୃଷି କ୍ଷେତ୍ରରେ ଅଧିକ ଉତ୍ପାଦନ କରୁଛନ୍ତି । ହେଲେ ମାଟି ମାଆଙ୍କୁ ଖୁସି କରିବା ନାମରେ ଏହି କ୍ରୁରତାର ଆଉ କୌଣସି ଆବଶ୍ୟକତା ନାହିଁ, ବରଂ ଏହା ଦ୍ୱାରା ଆୟୋଜିତ ଏହି ପୋଢ ଯାତ୍ରାରେ ଆଖପାଖରେ ଏହାକୁ ଦେଖୁଥିବା ଛୋଟ ପିଲାଙ୍କ ଭିତରେ ଏକ ପ୍ରକାରର ଆତଙ୍କ ସୃଷ୍ଟି ହେବା ସେମାନଙ୍କ ମାନସିକତାରେ ଏହି ଦୃଶ୍ୟର କୁପ୍ରଭାବ ପଡିବାର ଯଥେଷ୍ଟ ସମ୍ଭାବନା ରହିଛି ।

# ବୀରେନ ପଲେଇଙ୍କ ୨୦ତମ ଶ୍ରାଦ୍ଧବାର୍ଷିକ ପାଳନ



ଭଦ୍ରକ,୩।୩ (ନି.ପ୍ର): ପୂର୍ବତନ ବିଧାୟକ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସ୍ୱର୍ଗତ ବିରେନ ପଲେଇଙ୍କ ୨୦ତମ ଶ୍ରାଦ୍ଧବାର୍ଷିକ ଓ ସ୍ମୃତି ଚାରଣ ସଭା ବିରେନ ପଲେଇ ସ୍ମୃତି ସଂସଦ ତରଫରୁ ଭଦ୍ରକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ସ୍ମୃତି ସଂସଦର ସ୍ଥାୟୀ ସଭାପତି ଦିଲ୍ଲିପ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଅଛି । ସଭାକାର୍ଯ୍ୟ ପ୍ରାରମ୍ଭରେ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଉଦ୍‌ଘାଟନ କରି ତାଙ୍କ ବକ୍ତବ୍ୟରେ କହିଥିଲେ ଭଦ୍ରକ ଜିଲ୍ଲା କଂଗ୍ରେସକୁ ଶକ୍ତିଶାଳୀ କରି କଂଗ୍ରେସ ଲୋକଙ୍କ ମନରେ ହସ ଫୁଟାଇ ପାରିଲେ । ବିରେନ ପଲେଇଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ । ଏହା ଛଡ଼ା ଆନନ୍ଦ ଚନ୍ଦ୍ର ନାଥ ପ୍ରାରମ୍ଭିକ କବିତା ପାଠ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ନେତା ଅଶୋକ ଦାସ, ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ନେତା ଦିଗମ୍ବର ଦାସ, ରାଜ୍ୟ ଓବିସି ସେଲ ଉପସଭାପତି ଅଭିଷେକ ରାଉତ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚନ୍ଦ ଯୋଗଦେଇ ସ୍ମୃତି ଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, ଅବଦୁଲ ମୁକିତ ଖାଁ, ପ୍ରଫୁଲ୍ଲ ସାମଲ, ଟୁଟୁ ମହାପାତ୍ର, ଲକ୍ଷ୍ମୀଧର ସାହୁ, ଧାମନଗର ନିର୍ବାଚନ ମଣ୍ଡଳୀ ନେତା ବିଦ୍ୟାଧର ଜେନା, ହୃଦାନନ୍ଦ ସେଠୀ, ଅବଦୁଲ ଖାଁ, ନିରଞ୍ଜନ ମଲ୍ଲିକ, ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ସ୍ୱର୍ଗତ ପଲେଇଙ୍କ ସ୍ମୃତି ଚାରଣ କରିଥିଲେ । ଆଶିଷ ରାଉତ, ବିନୟ ବାରିକ, ବାପୁଜୀ ପରିଡ଼ା, ଅସରଫ ଅଲ୍ଲୀ ଖାଁ, ହେମନ୍ତ ମହାପାତ୍ର, ସୌମ୍ୟରଞ୍ଜନ ବାରିକ, ସେକ୍ ପାପା, ସେକ୍ ଇଲିଆସ, ସେକ୍ ଜିକୁ, ଅନନ୍ତ ପଣ୍ଡା, ରାଜକିଶୋର ସ୍ୱାଇଁ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ବୈଲଚନ ପଣ୍ଡା ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଯାଇଥିଲା ।

# ଚିନ୍ତା ଓ ଚିନ୍ତନର ଚମତ୍କାରିତା

**ଚିନ୍ତା ଓ ଚିନ୍ତନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଏହାର ପ୍ରୟୋଗ ବିଷୟରେ ଆମେ ସଚେତନ ହୋଇପାରିଲେ ଜୀବନରେ ସୁଖଶାନ୍ତି ଓ ସଫଳତାର ସ୍ୱାଦ ଚାଖିପାରିବା । ତାହା ହିଁ ପ୍ରମାଣ କରିବ ଚିନ୍ତା ଓ ଚିନ୍ତନର ଚମତ୍କାରିତା ।**

ଭାବିବାର ଶକ୍ତି ହିଁ ମଣିଷକୁ ସଂସାରରେ ଶ୍ରେଷ୍ଠ ଜୀବର ମାନ୍ୟତା ଦେଇଛି । ଭାବନୋଟା ଯେତେ ଗଭୀର ତଥା ଶୁଦ୍ଧ ହେବ ଆମର କାମ ମଧ ଠିକ୍ ସେହିପରି ସଫଳ ଓ ମୂଲ୍ୟବାନ ହୋଇପାରିବ । ଏହି ଶୁଦ୍ଧ ଭାବନାର ଅନ୍ୟ ନାମଚିନ୍ତନ । ଏହା ଆମକୁ ସକାରାତ୍ମକ ରାସ୍ତାରେ ଆଗେଇ ନି, । ଆବିଳତାମୟ ବା ନକାରାତ୍ମକ ଭାବନା ଦ୍ୱାରା କାମର ଫଳ ଓଲଟା ହୋଇଯାଏ । ଯାହା ଆମ ମନରେ ଚିନ୍ତା ସୃଷ୍ଟିକରେ । ଚିନ୍ତା ଦ୍ୱାରା ମାନସିକ ଚାପ ପଡ଼ିଯାଏ ଏବଂ ଆମେ ହଁ ଓ ନାହିଁର ଦ୍ୱନ୍ଦ୍ୱରେ ପଡ଼ିଯାଉ । ଚିନ୍ତା ଓ ଚିନ୍ତନରେ ଅନେକ ତଫାତ୍ ରହିଛି । ଏହା ଆମ ଜୀବନକୁ ସବୁବେଳେ ପ୍ରଭାବିତ କରିଥା, । ଚିନ୍ତା ଓ ଚିନ୍ତନର ପାର୍ଥକ୍ୟକୁ ସଠିକ୍ ଭାବେ ବୁଝି କାମରେ ପ୍ରୟୋଗ କରିପାରିଲେ ହିଁ ଆମେ ଏହାର ଚମତ୍କାରିତାକୁ ଅନୁଭବ କରିପାରିବା ।





### ଚିନ୍ତା ହିଁ କ୍ଷତିକାରକ

ଶରୀର ଦୁର୍ବଳ ହୋଇଗଲେ ଯେପରି ବହୁ ପ୍ରକାରର ରୋଗ ଦେଖା ଦେଇଥାଏ ସେହିପରି ମନ ଦୁର୍ବଳ ହୋଇଗଲେ ଛୋଟ ଛୋଟ ଘଟଣାରେ ବି ଆମେ ଚିନ୍ତାଗ୍ରସ୍ତ ହୋଇଯାଉ । ଅନେକ ଲୋକ ଚିନ୍ତା ଶବ୍ଦଟିକୁ ଏପରିଭାବେ ନିଜର କରିନେଇଥାନ୍ତି ଯେ ଦୈନନ୍ଦିନ ଜୀବନରେ ଛୋଟ ଛୋଟ ଘଟଣାରେ ବି ସେମାନେ କୁହନ୍ତି - ମୁଁ ଏ ବିଷୟରେ ଚିନ୍ତାକରି କହିବି । ଚିନ୍ତା ହିଁ ଆମ ମନରେ ହଁ ଓ ନାହିଁର ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ । ଠିକ୍ ଅଡୁଆ ସୂତାପରି ଗଭୀର ଚିନ୍ତାଦ୍ୱାରା ଘଟଣାଟି ଜଟିଳରୁ ଜଟିଳତର ହୋଇଯାଏ । ଶୁଦ୍ଧ ଭାବନା କଳୁଷିତ ହୋଇ ଚିନ୍ତାରେ ପରିଣତ ହୋଇଯାଏ । ଆମକୁ ସମାଧାନର ସୂତ୍ର ମିଳେନାହିଁ । ଆମେ ନିଜର ଦିବ୍ୟଦୃଷ୍ଟି ହରାଇବସୁ । ପ୍ରତ୍ୟେକ ଘଟଣାର ନକାରାତ୍ମକ ଅଂଶଟି ହିଁ ଆମକୁ ଦେଖାଯାଇଥାଏ । ବ୍ୟକ୍ତିଗତ ଜୀବନ ହେଉ ଅବା କର୍ମକ୍ଷେତ୍ର, ଚିନ୍ତା ହିଁ ଆମକୁ ବିଚଳିତ କରିଥାଏ । ଏଣୁ ସବୁବେଳେ ଚିନ୍ତା ହିଁ ଆମ ପାଇଁ କ୍ଷତିକାରକ ।

### ଚିନ୍ତନ ହିଁ ଶୁଦ୍ଧ ଭାବନା

ସଠିକ୍ ବିଚାର କରିବାର ଶକ୍ତି ହିଁ ମଣିଷକୁ ସବୁ କାମରେ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ । ଶୁଦ୍ଧ ଭାବନା ଦ୍ୱାରା ସଠିକ୍ ବିଚାର ସମ୍ଭବ ହୋଇଥାଏ । ଭଗବାନ ପ୍ରତ୍ୟେକ ମଣିଷକୁ ଶୁଦ୍ଧ ଭାବନାର ଶକ୍ତି ବା ଦକ୍ଷତା ଦେଇଛନ୍ତି । ଶୁଦ୍ଧ ଭାବନାର ଅନ୍ୟନାମ ହେଉଛି ଚିନ୍ତନ । ଚିନ୍ତନ ଦ୍ୱାରା ଅନ୍ଧାର ଭିତରେ ଆଲୋକର ସନ୍ଧାନ ମିଳିଥାଏ । ସବୁଚ ନାହିଁ ଭିତରେ ହଁ ଟିଏ ଖୋଜିବାର ଆନନ୍ଦ ମିଳିଥାଏ । ଶୁଦ୍ଧ ଭାବନା ଆମର ଆତ୍ମବିଶ୍ୱାସ ତଥା ମନୋବଳକୁ ଯଥେଷ୍ଟ ପରିମାଣରେ ବଢ଼ାଇଥାଏ । ଯେତେ ସାବଧାନତାର ସହିତ କାମକଲେ ବି ସଫଳତାର ରାସ୍ତାରେ କିଛି ନା କିଛି ସମସ୍ୟା ସୃଷ୍ଟି ହୋଇଥାଏ । କିନ୍ତୁ ଉପଯୁକ୍ତ ଚିନ୍ତନ ରଖିଲେ ଆମେ ହସି ହସି ସେସବୁକୁ ସାମ୍ନା କରିପାରିବା ଏବଂ ସଫଳତା ପାଇପାରିବା । ଆମ ସମସ୍ତଙ୍କ ପାଖରେ ଭାବନାର ଶକ୍ତି ବା ଦକ୍ଷତା ରହିଛି । ହେଲେ ଏହାକୁ ଚିନ୍ତା ବା ଚିନ୍ତନରେ ପରିଣତ କରିବାଟା ଆମ ନିଜ ଉପରେ ନିର୍ଭର କରେ ।

### ଚିନ୍ତାଗ୍ରସ୍ତ ଜୀବନ

କଥାରେ ଅଛି ଲୁଣ ଖାଏ ହାଣ୍ଡି ଚିନ୍ତା ଖାଏ ଗଣ୍ଡି । ଅର୍ଥାତ୍ ଚିନ୍ତା କରିଲେ ଆମର ଶାରିରୀକ ତଥା ମାନସିକ କ୍ଷତି ହୋଇଥାଏ । ଏପରିକି ଆମ ଜୀବନର ବିନାଶ ଘଟିଥାଏ । ଯେକୌଣସି କାମରେ କିଛି ବାଧା ବା ସମସ୍ୟା ଆସିଲେ ଆମେ ହଠାତ୍ ଚିନ୍ତାଗ୍ରସ୍ତ ହୋଇଯାଉ । ଫଳରେ ଆମ ମନରେ ସମାଧାନ ବଦଳରେ କେବଳ ସମସ୍ୟା ହିଁ ଦେଖାଯାଏ । ମାନସିକ ଯନ୍ତ୍ରଣାରେ ଆକ୍ରାନ୍ତ ହୋଇ ଆମେ ନିଜ ଉପରୁ ବିଶ୍ୱାସ ହରାଇବସୁ । ମନୋବଳ ଭାଙ୍ଗିଯାଏ । ନିରୁତ୍ସାହିତ ହୋଇ ଆଗକୁ ଭାବିପନାରୁନା ଗୋଟିଏ ପରେ ଗୋଟିଏ ଚିନ୍ତା ଆମ ମନକୁ ଭାରାକ୍ରାନ୍ତ କରିଦିଏ । ଚିନ୍ତାଗ୍ରସ୍ତ ମଣିଟେିଏ କେବଳ ନକାରାତ୍ମକ ଭାବନାରେ ତଳକୁ ତଳକୁ ଖସିଯାଏ ।



### ଚିନ୍ତନର ଉପକାରିତା



ପ୍ରତ୍ୟେକ କାମରେ ଆମେ ମାନେ ସଫଳତା ପାଇବା ପାଇଁ ଚାହିଁଥାଉ । କିନ୍ତୁ କାମଟିକୁ କିପରି କଲେ ସଫଳତା ମିଳିବ ସେ ବିଷୟରେ ସଠିକ୍ ଭାବେ ଭାବିବାକୁ ହେବ । ଏହି ଭାବନାଟା ସକାରାତ୍ମକ ତଥା ପ୍ରଦୂଷଣହୀନ ହେଲେ ଆମକୁ ସଠିକ୍ ରାସ୍ତା ମିଳିଥାଏ । ଏହି ପ୍ରିକିୟାକୁ ଚିନ୍ତନ କୁହାଯାଏ । ପରିସ୍ଥିତି ଯାହା ବି ହେଉ ଯଦି ଆମେ ଚିନ୍ତନ କରିବା ତେବେ ପ୍ରତ୍ୟେକ ଘଟଣାର ସମାଧାନ କରିବା ଆମକୁ ସହଜ ହୋଇଯିବ ଏବଂ ଆମେ କାମରେ ସଫଳତା ପାଇବା ସହିତ ଆନନ୍ଦ ଅନୁଭବ କରିବା ଚିନ୍ତନ ଦ୍ୱାରା ଆମର ଅନେକ କିଛି ଉପକାର ହୋଇଥାଏ । ମାନସିକ ଶାନ୍ତି ଓ ଆନନ୍ଦ ସହିତ ସଫଳତା ବି ମିଳିଥାଏ ।

### ଚିନ୍ତାରୁ ଚିନ୍ତନ

ଚିନ୍ତା ଓ ଚିନ୍ତନ ମଧରେ ଥିବା ପାର୍ଥକ୍ୟକୁ ସଠିକ୍ ଭାବେ ବୁଝିପାରିଲେ ଆମେ କେବେ ବି ଚିନ୍ତାଗ୍ରସ୍ତ ହେବା ନାହିଁ । ଆଜିକାଲିକାର ସମାଜରେ ମଣିଷର ଜୀବନ ଏତେ ଯାନ୍ତ୍ରିକ ହୋଇଯାଇଛି ଯେ ଶୁଦ୍ଧମନରେ ଭାବିବା ପାଇଁ ଧୈର୍ଯ୍ୟ ବା ସମୟ କାହାରି ପାଖରେ ନାହିଁ । ଏଣୁ ଚିନ୍ତନ ବଦଳରେ ଚିନ୍ତା ହିଁ ସମସ୍ତଙ୍କୁ ଆକ୍ରାନ୍ତ କରୁଛି । ଛୋଟ ଘଟଣାରେ ଚିନ୍ତିତ ହୋଇପଡ଼ିବା ଆମର ଏକ ଅଭ୍ୟାସରେ ପରିରତ ହୋଇଗଲାଣି । ଆମେସବୁ ଜାଣି ବି ଅଜଣା ପରି ଭୁଲବାଟରେ ଯାଉଛୁ । କିନ୍ତୁ ଏହା ବି ସତ୍ୟ ଯେ ନିଜର ଆତ୍ମବିଶ୍ୱାସକୁ ବୃଦ୍ଧିକରିବା ସହିତ ମନୋବଳକୁ ସୁଦୃଢ଼ କରିପାରିଲେ ଆମେ ଚିନ୍ତାର ଶୀକାର ନହୋଇ ଚିନ୍ତନ କରିପାରିବା ଯେତେ ବଡ଼ ସମସ୍ୟା ଆସିଲେ ବି ଚିନ୍ତାଗ୍ରସ୍ତ ନ ହୋଇ ଚିନ୍ତନ ଦ୍ୱାରା ହସିହସି ତାହାର ସମାଧାନ କରିପାରିବା । ତେଣୁ ଚିନ୍ତା ବଦଳରେ ଚିନ୍ତନ ଦ୍ୱାରା ହିଁ ଆମେ ସବୁପ୍ରକାର ମାନସିକ ଅଶାନ୍ତିରୁ ରକ୍ଷା ପାଇପାରିବା । ସବୁ ବାଧାବିଘ୍ନ ସତ୍ତ୍ୱେ ସଫଳତା ହାସଲ କରିପାରିବ ।

ଚିନ୍ତାଓ ଚିନ୍ତନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଏହାର ପ୍ରୟୋଗ ବିଷୟରେ ଆମେ ସଚେତନ ହୋଇପାରିଲେ ଜୀବନରେ ସୁଖଶାନ୍ତି ଓ ସଫଳତାର ସ୍ୱାଦ ଚାଖିପାରିବା । ତାହା ହିଁ ପ୍ରମାଣ କରିବ ଚିନ୍ତା ଓ ଚିନ୍ତନର ଚମତ୍କାରିତା ।

# ଟ୍ରେଣ୍ଡି ବାଙ୍ଗେଲ୍

**ବାଙ୍ଗେଲ ଲାଟେଷ୍ଟ ଡିଜାଇନ ଏବେ ମନକିଣିବାରେ ଲାଗିଛି । ଭଳିକି ଭଳି ଷ୍ଟାଇଲ, କଲର ଏବଂ ପ୍ୟାଟର୍ଣ୍ଣ ଏବେ ମାର୍କେଟରେ ଉପଲବ୍ଧ । ଏହାକୁ ଯେକୌଣସି ଆଉଟଫିଟ୍ ସହ ପିନ୍ଧିପାରିବେ ।**



- ଉଡେନ୍ ବାଙ୍ଗେଲ୍‌କୁ କ୍ୟାଜୁଆଲ୍ ଆଉଟ୍‌ଫିଟ୍ ସହ ପିନ୍ଧି ଆକର୍ଷଣୀୟ ଲୁକ୍ ପାଇପାରିବେ । ଏହାର ଲାଟେଷ୍ଟ ଡିଜାଇନ୍ ଏବେ ଚାହିଦାରେ ରହିଛି । ପାରମ୍ପାରିକ ଶୈଳୀର ଡିଜାଇନ୍ ବିଶେଷଭାବେ ମହିଳାଙ୍କର ପ୍ରିୟ ହୋଇପନାରିଛି ।
- ରୋଜ୍ ଗୋଲ୍ଡ ବ୍ରେସ୍‌ଲେଟ୍ କମ ବାଙ୍ଗେଲକୁ ଆପଣ ଯେକୌଣସି ଉତ୍ସବରେ ପିନ୍ଧିପାରିବେ । ଷଲହେଙ୍ଗା ଏବଂ ଅନାରକଲି ସହ । ଏହାର ମ୍ୟାଚିଂ ବେଶ୍ ସୁନ୍ଦର ଦିଶିଥାଏ ।
- ମାର୍କେଟରେ ଏବେ ଏମ୍ବାସ୍ ବାଙ୍ଗେଲ ଚାହିଦାରେ ରହିଛି । ଗୋଲ୍ଡ, ସିଲଭର ଏବଂ ବ୍ରୋଞ୍ଜ ତିନିଟି ସେଟକୁ ଗୋଟିଏ ହାତରେ ପିନ୍ଧିପାରିବେ । ଏହା ନା କେବଳ ହାତର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ ବରଂ ଲୋକଙ୍କ ଦୃଷ୍ଟି ଆପଣଙ୍କ ଆଡ଼କୁ ଟାଣିନିଏ । ଏହାକୁ ଶାଢ଼ୀ ସହ ପିନ୍ଧିଲେ ବେଶ୍ ସୁନ୍ଦର ଦିଶିଥାଏ ।
- କର୍ଭଡ ବାଙ୍ଗେଲକୁ ଯେକୌଣସି ଆଉଟ୍‌ଫିଟ୍ ସହ ମ୍ୟାଚ୍ କରିପାରିବେ । ବିଶେଷ କରି ଓ୍ୱେଷ୍ଟର୍ଣ୍ଣ ଆଉଟଫିଟ୍ ଏହି ଡିଜାଇନ ବାଙ୍ଗେଲ ଆକର୍ଷଣୀୟ ଲୁକ୍ ଦେଇଥାଏ ।
- ରସିଆନ୍ ବ୍ଲୁ ବିଡ୍ ବାଙ୍ଗେଲର ଚଳନ ଏବେ ଅଧିକ ରହିଛି । ମାର୍କେଟକୁ ନୂଆ ଆସିଥିବାରୁ ଏହାକୁ ଏଥେନିକ୍ ଆଉଟ୍‌ଫିଟ୍ ସହ ପିନ୍ଧିବାକୁ ଯେମିତି ନ ଭୁଲନ୍ତି ।

# ମୁଦ୍ରିକା ଧାରଣର ତାତ୍ପର୍ଯ୍ୟ



ସାଧାରଣତଃ ଦମ୍ପତି ତାଙ୍କ ବିବାହ ଉତ୍ସବରେ ପରସ୍ପରକୁ ଅନାମିକା ଆଙ୍ଗୁଳିରେ ମୁଦି ପିନ୍ଧାଇଥାନ୍ତି । ଆଜି ପର୍ଯ୍ୟନ୍ତ ଏହି ପରମ୍ପରା ଚାଲି ଆସୁଛି । କୁହାଯାଏ, ଏହି ପରମ୍ପରା ବହୁ ପ୍ରାଚୀନ । ମହିଳାମାନଙ୍କ ବାମ ହାତ ଓ ପୁରୁଷମାନଙ୍କ ଡାହାଣ ହାତର ଅନାମିକା ଆଙ୍ଗୁଳିର ଶିରା ହୃଦୟ ସହିତ ଯୋଡ଼ି ହୋଇଥାଏ । ତେଣୁ ଏହି ଶିରାକୁ ଭଲ ପାଇବାର ଶିରା ଭାବେ ମଧ ନାମିତ କରାଯାଇଛି । ତେଣୁ ବିବାହ ବେଳେ ପୁଅ ଝିଅ ପରସ୍ପରକୁ ଅନାମିକା ଆଙ୍ଗୁଳିରେ ମୁଦି ପିନ୍ଧାଇଥାନ୍ତି ।

# ଆଲିଙ୍ଗନ କରି ବ୍ୟବସାୟ



କେହି ଜଣେ ଶ୍ରଦ୍ଧାରେ ଆଲିଙ୍ଗନ କରି ଦେଲେ ମନ ପ୍ରଫୁଲ୍ଲିତ ହୋଇଉଠେ । କିନ୍ତୁ ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ଭଲ କରି କଥା ପଦେ କହିବାକୁ କାହା ପାଖରେ ସମୟ ନାହିଁ । ଆଲିଙ୍ଗନ ତ ସ୍ୱପ୍ନ ! ଏମିତିକା ବ୍ୟସ୍ତ ବିବ୍ରତ ଜୀବନରେ ଟିକେ ଆଲିଙ୍ଗନ ସୁଖ ପାଇବା ପାଇଁ ଲୋକେ ହଜାର ହଜାର ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତୁତ ଅଛନ୍ତି । ଆଉ ଆଲିଙ୍ଗନ ସେବା ଯୋଗାଇବା ପାଇଁ ମଧ ଖୋଲିଲାଣି ଅନେକ କମ୍ପାନୀ । ଆମେରିକାରେ ଆଲିଙ୍ଗନ ସେବା ପ୍ରଦାନ କରୁଥିବା କିଛି କମ୍ପାନୀ ଖୋଲାଯାଇଛି । ପ୍ରଥମେ କଡ୍ଲିଷ୍ଟ, କାଡଲ ଟାଇମ ଓ କହଲ ଆଦି କମ୍ପାନୀ ଏହି ଆଲିଙ୍ଗନ ଥେରାପିର ଆରମ୍ଭ କରିଥିଲେ । ଏହି ସେବା ପାଇଁ କମ୍ପାନୀ ପାଖାପାଖି ୫,୫୦୦ଟଙ୍କା ପାରିଶ୍ରମିକ ନେଇଥାଆନ୍ତି । କେତେକ ମନୋସ୍ତତ୍ତ୍ୱବିତ୍ ରୋଗୀମାନଙ୍କୁ କଡାଲିଗ୍ ଥେରାପି ନେବାକୁ ପରାମର୍ଶ ଦେଇଥାନ୍ତି । କଡ୍ଲିଷ୍ଟ, କାଡଲ ଟାଇମ ଓ କହଲ କମ୍ପାନୀ ଓ ମନୋସ୍ତତ୍ତ୍ୱବିତଙ୍କ ବି୍ବାସ, ଆଲିଙ୍ଗନ ଦ୍ୱାରା ମାନସିକ ଶାନ୍ତି, ମନ ସ୍ଥିର ରହିବା ସହିତ ଶରୀରକୁ ଆରାମ ମଧ ମିଳିଥାଏ । ଆଲିଙ୍ଗନକୁ ନେଇ ଅନ୍ୟ କେତେକ ବିଶେଷଜ୍ଞ ମତରେ, ଏକୁଟିଆ ବସି କାନ୍ଦିବା ଓ ଜଣଙ୍କ କାନ୍ଧରେ ମୁଣ୍ଡ ରଖି କାନ୍ଦିବା ଏ ଦୁଇଟିରେ ଆକାଶ ପାତାଳ ଫରକ ରହିଥାଏ ।

# ଅସରପାଙ୍କୁ ଦୂରେଇବାର ଉପାୟ

ଘରର ଅନ୍ୟ କକ୍ଷ ତୁଳନାରେ ରୋଷେଇ ଘରେ ସବୁଠୁ ଅଧିକ ଅସରପା ହୋଇଥାନ୍ତି । ଆରମ୍ଭରୁ ଏମାନଙ୍କୁ ନ ଦୂରେଇଲେ ପରେ ସଂଖ୍ୟା ବଢ଼ିଥାଏ ।ଅସରପା ଦୂରେଇବାର ସହଜ ତଥା ସରଳ ଉପାୟମାନ ହେଉଛି:



ତେଜପତ୍ର ସୁଗନ୍ଧରେ ଅସରପା ଦୂରେଇଯାନ୍ତି । ଯେଉଁ କୋଣରେ ଅସରପା । ଦେଖାଯିବେ, ସେଠାରେ ଗୋଟିଏ ପ୍ଲେଟରେ ୨-୩ଟି ତେଜପତ୍ର ରଖିଦିଅନ୍ତୁ, ଦିନ କେଇଟାରେ ଅସରପା ଘରୁ ଦୂରେଇଯିବେ ।

ଗୋଟିଏ ପାତ୍ରରେ ସମପରିମାଣରେ ଚିନି ଓ ବେକିଂ ପାଉଡର ନିଅନ୍ତୁ । ତାହାକୁ ଭଲଭାବେ ମିଶାଇ ଅସରପା ଥିବା ସ୍ଥାନରେ କିମ୍ବା ଘରର ପ୍ରତି କୋଣରେ ଅଳ୍ପଅଳ୍ପ ପକାନ୍ତୀ । ଚିନିର ସ୍ୱାଦରେ ଆକର୍ଷିତ ହେଲା ପରେ ବେକିଂ ପାଉଡରର ଗନ୍ଧରେ ଅସରପା ସେହି ସ୍ଥାନ ଛାଡ଼ି ପଳାଇବେ ଏହା ଏକ ସହଜ ପ୍ରକ୍ରିୟା ଅଟେ ।

ଲବଙ୍ଗର ଗନ୍ଧରେ ମଧ ଅସରପା ଦୂରେଇଯାନ୍ତି । ରୋଷେଇ ଘରର ବିଭିନ୍ନ ସ୍ଥାନରେ ଲବଙ୍ଗ ରଖିଲେ ଅସରପାରୁ ରକ୍ଷା ପାଇହେବ ।

# ସ୍ୱାସ୍ଥ୍ୟ ଉପକାରୀ କଲରା

ଆମେ ସମସ୍ତେ ଜାଣିଛେ କଲରାରେ ବହୁ ପରିମାଣର ଭିଟାମିନ ମହଜୁତ୍ ରହିଥାଏ, ଯାହାଦ୍ୱାରା ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ ଆମକୁ ଅନେକ ପ୍ରକାରର ରୋଗରୁ ଉପଶମ ମିଳିଥାଏ ।

ମଧୁମେହ- ମଧୁମେହ ହୋଇଥିଲେ, ଦୈନିକ ୨୦ ଗ୍ରାମ କଲରା । ରସ ସକାଳେ ଖାଲିପେଟରେ ପିଇଲେ ୧ମାସ ମଧ୍ୟରେ ମୂତ୍ର ଶର୍କରା ଓ ରକ୍ତ ଶର୍କରା ନିୟନ୍ତ୍ରଣ ହୁଏ ।

ଗଣ୍ଠିବାତ- କଲାରାକୁ ଚାଞ୍ଚି ଏହାର ଶେଷ ଭାଗକୁ ନିଆଁରେ ରଖି ପୋଡ଼ିବ । ଶିଝିଗଲା ପରେ ଏହାକୁ ବାହାର କରି ଛେଚି ସେଥିରେ ଟିକେ ଚିନି ମିଶାଇ ରୋଗୀଙ୍କୁ ଗରମ ଖୁଆଇ ଦେବେ । ପ୍ରତିଥର ୧୦ଗ୍ରାମ ଲେଖାଏ ଖାଇବାକୁ ଦିଅନ୍ତୁ । ଏହିପରି ଭାବରେ ରୋଗୀକୁ ୧୦ଦିନ ପର୍ଯ୍ୟନ୍ତ ଖୁଆଇବ । ଏହାଦ୍ୱାରା ସ୍ନାୟୁଗତ, ସନ୍ଧି ବାତ ଆଦିରେ ବିଶେଷ ଲାଭ ହୁଏ ଏବଂ ପୀଡ଼ାସ୍ଥାନରେ କଲରାର ରସ ବାହାର କରି ଲେପ କରୁଥିବେ ।

ଅନ୍ଧାରକଣା:- ଏହାର ରସରେ ଗୋଲମରିଚ ଘୋରି ଆଖିର ଉପର ଓ ତଳ ପତାରେ ଲଗାଇଲେ ଭଲ ହୁଏ ।

ବାନ୍ତି ହେଉଥିଲେ- କଲରାର ୨/୩ଟି ମଞ୍ଜି ସମଭାଗରେ ଗୋଲମରିଚ ସହିତ ଶିଳରେ ବାଟି ଅଳ୍ପ ପାଣିରେ ମିଶାଇ ଛାଣି ଟିକେ ଟିକେ ପିଆଇଲେ ପିଲାଙ୍କର ଆଉ ବାନ୍ତି ହେବ ନାହିଁ ।



# ଲେଗିନ୍ସ ପିନ୍ଧିବାର ବିଧି



ଆଜିକାଲିର ଫ୍ୟାଶନ ଟ୍ରେଣ୍ଡରେ ଲେଗିନ୍ସ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ବନେଇଛି । ପାର୍ଟି, ଫଙ୍କସନ୍, ଅଫିସ୍, କଲେଜ ହେଉ ବା କୌଣସି ଧାର୍ମିକ ସ୍ଥାନ ଯେଉଁଠାକୁ ବି ଗଲେ ମହିଳାମାନେ ଲେଗିନ୍ସ ପରିଧାନ କରୁଛନ୍ତି । ବର୍ତ୍ତମାନ ଲେଗିନ୍ସ ପ୍ରତି ପ୍ରତ୍ୟେକ ମହିଳାଙ୍କ ସଉକ ବଢ଼ିବାକୁ ଲାଗିଲାଣି । ତେବେ ଏ ଲେଗିନ୍ସ ପିନ୍ଧିବା ପାଇଁ କିଛି ନିୟମ ରହିଛି ଯାହାକୁ ମାନିଲେ ଆପଣଙ୍କ ଲେଗିନ୍ସ ପିନ୍ଧାରେ କୌଣସି ବ୍ୟତିକ୍ରମ ଦେଖାଯିବ ନାହିଁ । ଲେଗିନ୍ସ ପ୍ୟାଣ୍ଟ ସ୍କିନ୍ ବଡିକୁ ଚିପି ହୋଇ ରହିଥାଏ । ଯଦି ଆପଣଙ୍କ ଇନ୍ନର ହେମ ଲାଇନ୍ ଲେଗିନ୍ସ ଉପରକୁ ବାହାରି ଦେଖିଯାଏ ତେବେ ଏହା ଆପଣଙ୍କ ଫ୍ୟାଶନରେ ବ୍ୟତିକ୍ରମ ସୃଷ୍ଟି କରିବ । ତେଣୁ ଲେଗିନ୍ସ ପିନ୍ଧିବା ସମୟରେ ଇନ୍ନର ପ୍ରତି ବିଶେଷ ଧ୍ୟାନ ଦେବେ ଯାହା ଫଳରେ ଇନ୍ନରର ହେମଲାଇନ୍ ଲେଗିନ୍ସ ବାହାରକୁ ଦେଖାଯିବ ନାହିଁ । କ୍ରପ୍ ଟପ୍ସ ସହିତ ଲେଗିନ୍ସ ପ୍ୟାଣ୍ଟ ପିନ୍ଧନ୍ତୁ ନାହିଁ । ଯେହେତୁ ଲେଗିନ୍ସ ଦେହ ସହ ଚିପକି ହୋଇ ରୁହେ ତେବେ କ୍ରପ୍ ଟପ୍ ପିନ୍ଧିଲେ ଆପଣଙ୍କ ବଡି କର୍ଭସ୍ ଗୁଡ଼ିକ ଅଧିକ ବଡ଼ ଜଣାପଡ଼ିବା ସହ ବେଶୀ ହାଇଲାଇଟ୍ ହୁଏ । ଆପଣ ବ୍ଲାକ୍ ବା କିଛି ନ୍ୟୁଟ୍ରାଲ କଲରର ଲେଗିନ୍ସ ପିନ୍ଧିଲେ ମଧ ସେଥିରେ କୌଣସି ଡିପ୍ କଲରର ଟପସ୍ ପିନ୍ଧନ୍ତୁ ନାହିଁ କାରଣ ଏପରି ପିନ୍ଧିଲେ ଆପଣଙ୍କ ଲୁକ୍ ବିଗିଡ଼ି ଯିବ । ସବୁବେଳେ ଧ୍ୟାନ ଦେବେ ଆପଣଙ୍କ ଲେଗିନ୍ସ ଯେମିତି ଚୁଡ଼ିଦାର ପ୍ୟାଣ୍ଟ ପରି ନ ଦିଶେ । ସବୁବେଳେ ନିଜ ମାପର ଲେଗିନ୍ସ କିଣି ତାକୁ ପରିଧାନ କରିବେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୪ ମାର୍ଚ୍ଚ ୨୦୨୧, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିର୍ବାଚନୀ ହାୱା...

ଦେଶରେ ଗ୍ରୀଷ୍ମର ଉତ୍ତାପ ବୃଦ୍ଧି ପାଇବା ସହ ଏବେ ରାଜନୈତିକ ଉଷ୍ମତା ମଧ୍ୟ ଅନୁଭୂତ ହେବାରେ ଲାଗିଛି। କରୋନା ଦ୍ୱିତୀୟ ଲହର ତାମିଲନାଡୁ ଓ କେରଳରେ ଯେତିକି ମାତ୍ରାରେ ବୃଦ୍ଧି ପାଉଛି, ତାହାଠାରୁ ଅଧିକ ସରଗରମ ହୋଇ ଉଠୁଛି ଆଗାମୀ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି। ଏହି ଦୁଇ ରାଜ୍ୟ ସମେତ ଆସାମ, ପଶ୍ଚିମବଙ୍ଗ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ନିମନ୍ତେ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟସୂଚୀ ଘୋଷଣା ପରେ ଏବେ ସେଠାରେ ଆଦର୍ଶ ଆଚରଣ ବିଧି ବଳବତ୍ତର ହୋଇଛି। ସମସ୍ତ କଟକଣା ମଧ୍ୟରେ ମାର୍ଚ୍ଚ ୨୭ ତାରିଖଠାରୁ ମେ’ ପ୍ରଥମ ସପ୍ତାହ ମଧ୍ୟରେ ପାଂଚଟିଯାକ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରରେ ନିର୍ବାଚନ ପ୍ରକ୍ରିୟା ସଂପନ୍ନ ହେବ। ଇତିପୂର୍ବରୁ କରୋନା କଟକଣା ଭିତରେ ବିହାର ବିଧାନସଭା ନିର୍ବାଚନ ଯେଉଁଭଳି ସତର୍କତା ଅବଲମ୍ବନର ସହ ସଂପନ୍ନ ହୋଇଥିଲା, ଏବେ ସେହିଭଳି ପନ୍ଥା ଅବଲମ୍ବନ କରାଯିବ। ତେଣୁ ଏହି ପାଂଚ ରାଜ୍ୟ ସରକାରଙ୍କ ସହ ନିର୍ବାଚନ ଆୟୋଗ ବିସ୍ତୃତ ଆଲୋଚନା ଓ ପ୍ରସ୍ତୁତି କରିଛନ୍ତି। ରାଜନୈତିକ ଦୃଶ୍ୟପଟ୍ଟକୁ ନିରୀକ୍ଷଣ କଲେ ସହଜରେ ଅନୁମାନ କରିହେବ ଯେ, ପାଂଚଟି ରାଜ୍ୟ ପାଇଁ ଏକାସଙ୍ଗେ ନିର୍ବାଚନ ଅନୁଷ୍ଠିତ ହେବା ଏକ ମିନି ସାଧାରଣ ନିର୍ବାଚନ ସଦୃଶ। ଏହି ନିର୍ବାଚନରେ ବିଜୟୀ ହେବାଲାଗି ବିଜେପି, କଂଗ୍ରେସ, ଡିଏମକେ ଏବଂ ଏଆଇଏଡିଏମକେ, ଟିଏମସି ଓ ବାମମେଂଟ ସର୍ଭିଁଏ ଆଶାୟୀ। କାରଣ, ଏହା ସେମାନଙ୍କ ଲାଗି ମର୍ଯ୍ୟାଦାର ପ୍ରଶ୍ନ। ପଶ୍ଚିମବଙ୍ଗରେ ଟିଏମସି ପୁଣି ଥରେ କ୍ଷମତାକୁ ଆସିବ ନା ବିଜେପି ଅକ୍ତିଆରକୁ ଏହି ରାଜ୍ୟ ଯିବ ତାହା ଯେତିକି ବଡ଼ ପ୍ରଶ୍ନ, କେରଳରେ ଏଲଡିଏଫ କି ୟୁଡିଏଫକୁ ପଛରେ ପକାଇ ବିଜେପି କ୍ଷମତାକୁ ଆସିବ ତାହାଠାରୁ ଅଧିକ ଉତ୍କଣ୍ଠାର ପ୍ରଶ୍ନ। ପୁଡୁଚେରୀରେ ଇସ୍ତଫା ନାଟକ ଓ କଂଗ୍ରେସ ସରକାର ପତନ ପରେ ଉଭୟ କଂଗ୍ରେସ ଓ ବିଜେପି ସେଠାକାର ବିଧାନସଭା ନିର୍ବାଚନରେ ସଂଖ୍ୟାଗରିଷ୍ଠତା ହାସଲ ନିମନ୍ତେ ସମାନ ବ୍ୟଗ୍ରତା ପ୍ରଦର୍ଶନ କରିବାରେ ବ୍ୟସ୍ତ। ଏଥର ତାମିଲନାଡୁ ନିର୍ବାଚନ ମଧ୍ୟ ଜୟଲଳିତା ଓ ଏମ୍ କରୁଣାନିଧିଙ୍କ ବିନା ଅନୁଷ୍ଠିତ ହେବାକୁ ଯାଉଛି। ଏଭଳି ବରିଷ୍ଠ ନେତାଙ୍କ ଅବର୍ତ୍ତମାନରେ ଉଭୟ ଡିଏମକେ ଏବଂ ଏଆଇଏଡିଏମକେ ଦଳ ଭିତରେ ଯେତିକି ଫାଟ, ଅନ୍ୟ ରାଷ୍ଟ୍ରୀୟ ଦଳଙ୍କ ସହ ହାତ ମିଳାଇ ନିର୍ବାଚନ ବୈତରଣୀ ପାର ହେବା ଲାଗି ଏହି ଆଂଚଳିକ ଦଳଦ୍ୱୟ ସେତିକି ଲାଳାୟିତ। ତେବେ ମମତା ବାନାର୍ଜୀ, ପିନାରାୟୀ ବିଜୟନ ଏବଂ ଏମ.କେ. ଷ୍ଟାଲିନଙ୍କ ପରି ନେତୃବର୍ଗଙ୍କ ପାଇଁ ଆଗାମୀ ନିର୍ବାଚନ ଅଗ୍ନିପରୀକ୍ଷା ସଦୃଶ ହେବ। ରାଷ୍ଟ୍ରୀୟ ସ୍ତରରେ ବିଜେପିର ପ୍ରଭାବ ବୃଦ୍ଧି ଓ ଦିନକୁ ଦିନ ଦାକ୍ଷିଣାତ୍ୟ ରାଜ୍ୟ ଓ ପଶ୍ଚିମବଙ୍ଗରେ ଏହାର ଲୋକପ୍ରିୟତାର ବିସ୍ତାର ଏହିସବୁ ନେତୃବର୍ଗଙ୍କୁ ଅଡୁଆ ସ୍ଥିତିରେ ପକାଇପାରେ। ବିଶେଷ କରି କେରଳ ଓ ପଶ୍ଚିମବଙ୍ଗ ଗଡ଼ ଦଖଲ ନିମନ୍ତେ ବିଜେପିର ପ୍ରୟାସ ଦଳ ପାଇଁ ସବୁଠାରୁ ବଡ଼ ପରୀକ୍ଷା ରୂପେ ଉଭା ହୋଇଛି। ଆସାମରେ ବିଜେପି କ୍ଷମତା ଦଖଲ କରିବା ପରେ ଏବେସୁଦ୍ଧା ତ୍ରିପୁରା, ମଣିପୁର, ଅରୁଣାଚଳପ୍ରଦେଶ ଭଳି ରାଜ୍ୟରେ କ୍ଷମତାକୁ ଆସି ସାରିଛି। ତଥାପି ନାଗରିକ ସଂଶୋଧନ ବିଲ୍ ହେଉ ଅବା କୃଷି ସଂସ୍କାର ବିଲ୍, ସେସବୁ ପ୍ରସଙ୍ଗ ଚଳିତ ନିର୍ବାଚନରେ ଆଲୋଚନାର ପ୍ରସଙ୍ଗ ହେବା ସ୍ୱାଭାବିକ। ଦିନକୁ ଦିନ କଂଗ୍ରେସର ପ୍ରଭାବ ହ୍ରାସ ଏବଂ ବିଜେପିର କ୍ଷମତା ପରିସର ବୃଦ୍ଧି ବାସ୍ତବତାରେ ପରିଣତ ହୋଇ ଚାଲିଛି। ସେପରିସ୍ଥଳେ, ଚଳିତ ନିର୍ବାଚନରେ କୌଣସି ଦଳ ନିଜର ପୂର୍ଣ୍ଣ କ୍ଷମତା ପ୍ରଦର୍ଶନର କୌଣସି ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁବେ ନାହିଁ। ତେବେ ଏକଥା ସତ ଯେ, ଭାରତୀୟ ମତଦାତାମାନଙ୍କ ପରିପକ୍ୱତା ଅତୀତରେ ଏକାଧିକ ନିର୍ବାଚନରେ ପରିଣତ ହୋଇସାରିଛି। ସେମାନେ କେତେବେଳେ କାହାକୁ ଆପଣାନ୍ତି ଅବା ପ୍ରତ୍ୟାଖ୍ୟାନ କରନ୍ତି, ତାହା ପୂର୍ବାନୁମାନ କରିବା କାଠିକର ପାଠ। ଏପରିକି ଶେଷ ମୁହୂର୍ତ୍ତରେ ସୁଦ୍ଧା ପଲ୍ଲା ଓଲଟପାଲଟ ହୋଇଯିବାର ନଜିର ରହିଛି। ପୁଣି, ବେଳେବେଳେ କୌଣସି ଦଳ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ ନକରି ଏକ ଝୁଲା ବିଧାନସଭା ଭଳି ଲଟକି ରହିବା ସ୍ଥିତି ମଧ୍ୟ ଉତ୍ପନ୍ନ ହେଉଛି। ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ଅଥବା ହାନିକାରକ ତାହା ଭିନ୍ନ କଥା, କିନ୍ତୁ ରାଜନୈତିକ ଦଳମାନଙ୍କ ପାଇଁ ଏକ ମହାଶିକ୍ଷା ବୋଲି ଅବଶ୍ୟ କୁହାଯାଇପାରେ। ସର୍ବୋପରି, ଦିନକୁ ଦିନ ନୋଟା ଭୋଟର ମାତ୍ରା ମଧ୍ୟ ବୃଦ୍ଧି ପାଉଛି। ସଚେତନ ଭୋଟର ନିଜ ପସନ୍ଦର ପ୍ରାର୍ଥୀଟିଏ ନପାଇ ନୋଟାରେ ମୋହର ପିଟିବାକୁ ଉଚିତ ମଣୁଛନ୍ତି। ତେଣୁ ଅପେକ୍ଷା ମେ’ ୨ ତାରିଖକୁ, ଯେତେବେଳେ ଭୋଟଗଣତି ହୋଇ ଏହି ପାଂଚ ରାଜ୍ୟ ତଥା ରାଜନୈତିକ ଦଳମାନଙ୍କ ଭାଗ୍ୟ ନିର୍ଦ୍ଧାରିତ ହେବ।

# ଯାହା ପାଇଁ ଜାତୀୟ ବିଜ୍ଞାନ ଦିବସ



ପ୍ରଦୀପ୍ତ ଆଚାର୍ଯ୍ୟ

ବିଜ୍ଞାନ କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର ପାଇବାର ସୌଭାଗ୍ୟ ଅର୍ଜନ କରିଥିଲେ ଏସିଆର ପ୍ରଥମ ବ୍ୟକ୍ତି ସାର୍ ପ୍ରଫେସର୍ ଚନ୍ଦ୍ରଶେଖର ଭେଙ୍କଟ ରମଣ। ଦକ୍ଷିଣ ଭାରତର ତ୍ରିଚିନାପଲ୍ଲୀ ସହରର ଥିରୁଭାନାଇକାଭାଲ ଗ୍ରାମର ଚନ୍ଦ୍ରଶେଖର ଆୟାରଙ୍କ ଔରସ ଏବଂ ମାତାପାର୍ବତୀ ଅମ୍ମଳଙ୍କ ଗର୍ଭରୁ, ୧୮୮୮ ମସିହା ନଭେମ୍ବର ସାତ ତାରିଖରେ ଜନ୍ମିତ ଏହି ବ୍ୟକ୍ତି, ମାତ୍ର ୧୧ବର୍ଷରେ ମାଟ୍ରିକ,୧୩ ବର୍ଷରେ ଆଇ.ଏ ପାଶ୍ କରି, ମାନ୍ଦ୍ରାଜର ପ୍ରେସିଡେନସି କଲେଜର ବି.ଏ ପଢିବା ପାଇଁ ନାମ ଲେଖାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ। ରୁଗ୍ଣ ଶରୀର ଏବଂ କମ ବୟସ ପାଇଁ, ଇଂରାଜୀ ଅଧ୍ୟାପକ ଇ.ଏଚ୍.ଇଲିୟାଟଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ସେ ପ୍ରଶ୍ନ କରିଥିଲେ ତୁମେ କଣ ଏଇ ଶ୍ରେଣୀର ପିଲା ? ତାଙ୍କର ଅସ୍ତି ବାଚକ ଉତର ହାସ୍ୟ ଉଦ୍ରେକ କରିଥିଲା ସହପାଠୀ ମାନଙ୍କ ମଧ୍ୟରେ।ପରେ ପରେ ଅଧ୍ୟାପକଙ୍କ ସମସ୍ତ କଠିନ ପ୍ରଶ୍ନର ସ୍ପଷ୍ଟ ଏବଂ ସଠିକ୍ ଉତରରେ ସ୍ତବ୍ଧ ହୋଇଯାଇଥିଲା ସମଗ୍ର ପରିବେଶ। ଯେଉଁ କେତେ ଜଣ ଭାରତୀୟ ବୈଜ୍ଞାନିକ, ନିଜର ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ବଳରେ ବିଶ୍ୱବନ୍ଦିତ ହୋଇପାରିଛନ୍ତି, ତନ୍ମଧ୍ୟରୁ ରମଣ ଅନ୍ୟତମ। ଚାଟଶାଳୀରେ ବାଲ୍ୟଶିକ୍ଷା ଠାରୁ ଆରମ୍ଭ କରି ପ୍ରେସିଡେନସି କଲେଜରେ ପଦାର୍ଥ ବିଜ୍ଞାନରେ ଏମ, ଏ ପଢିବା ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀରେ ସେ ନିଜର ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏପରିକି ଏମ,ଏ ପଢିବା ସମୟର ଦୁଇ ବର୍ଷରୁ ସେ ମାତ୍ର ଗୋଟିଏ ଦିନ,ପଦାର୍ଥ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଆର୍.ଏଲ୍.ଜୋନସ୍‌ଙ୍କ, ଆଲୋକ ଉପକରଣ ସମ୍ବନ୍ଧୀୟ ଏକ ଆଲୋଚନା ଶୁଣିବା ପାଇଁ ଯାଇଥିଲେ। ପଦାର୍ଥ ବିଜ୍ଞାନର ସମସ୍ତ କ୍ଲିଷ୍ଟ ବିଷୟକୁ, ଅଧ୍ୟାପକଙ୍କର ବିନା ସାହାଯ୍ୟରେ ଅକ୍ଲେଶରେ ବୁଝି ପାରୁଥିବାରୁ, ସେ ସମୟକୁ ରମଣ, ଗବେଷଣା କାର୍ଯ୍ୟରେ ବିନିଯୋଗ କରୁଥିଲେ। ବିଜ୍ଞାନର ଆକର୍ଷଣ ଏବଂ ତତ୍‌ସମ୍ବନ୍ଧୀୟ ଗବେଷଣା ନିମନ୍ତେ ସମୟ ଦେବା ଯୋଗୁ ସେ ସରକାରୀ ନିଯୁକ୍ତି ପାଇଁ ଆଗ୍ରହୀ ନଥିଲେ। ପରିବାର ସଦସ୍ୟଙ୍କ ଚାପରେ, ପରୀକ୍ଷା ଦେଇ, ସେ ମାତ୍ର ୧୯ ବର୍ଷରେ, କଲିକତାରେ , ଅର୍ଥ ବିଭାଗର ସହକାରୀ ଏକାଉଂଟାଂଟ ଜେନେରାଲ ପରି ମର୍ଯ୍ୟାଦା ଜନକ ପଦବୀରେ ନିଯୁକ୍ତି ପାଇଲେ।ତାଙ୍କର କର୍ତବ୍ୟନିଷ୍ଠା , ଶୃଙ୍ଖଳା ଏବଂ ସର୍ବୋପରି କର୍ମ ଦକ୍ଷତା ଯୋଗୁ, ଅଫିସ୍‌ରେ ସେ ସମସ୍ତଙ୍କ ପ୍ରିୟ ପାତ୍ର ହୋଇପାରିଥିଲେ, ମାତ୍ର ସେ ଏଥିରେ ସନ୍ତୁଷ୍ଟ ନଥିଲେ। ଦିନ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଅଫିସ କାମକୁ ଛାଡିଦେଲେ, ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ ଖୁବ୍ କମ ସମୟ ବିନିଯୋଗ କରି ଅବଶିଷ୍ଟ ସମୟରେ ସେ କେବଳ ଗବେଷଣାରେ ନିମଗ୍ନ ରହୁଥିଲେ। ଗବେଷଣା ପାଇଁ ସେ ଉପଯୁକ୍ତ ପରିବେଶ ଏବଂ ସହଯୋଗ ପାଇ ପାରୁନଥିଲେ। ଦିନେ ଅଫିସ୍‌ରୁ ଫେରିବାବେଳେ, ବଡବଜାର ଷ୍ଟ୍ରିଟ୍‌ର ଗୋଟିଏ ଘରେ, (ଭାରତୀୟ ବିଜ୍ଞାନ ସଂସଦ)ଲେଖା ସାଇନ୍‌ବୋର୍ଡଟିଏ ଝୁଲୁ ଥିବାର ଦେଖି, ଭାରି ଖୁସି ହୋଇଗଲେ। ଏହି ସଂସ୍ଥାର ପ୍ରତିଷ୍ଠାତା ଡକ୍ଟର ମହେନ୍ଦ୍ରଲାଲ୍ ସରକାରଙ୍କ ସହିତ ସାକ୍ଷାତକରି, ବିଜ୍ଞାନର ଉନ୍ନତି ନିମନ୍ତେ ଉଭୟେ ଅନେକ ଗୁଡିଏ ଯୋଜନା ପ୍ରସ୍ତୁତ କରିଥିଲେ। ରମଣ ଯଦିଓ ଆଲୋକର ବିକିରଣ ଉପରେ ସ୍ୱତନ୍ତ୍ର ଭାବରେ ଗବେଷଣା କରୁଥିଲେ ତଥାପି ବିଭିନ୍ନ ବାଦ୍ୟଯନ୍ତ୍ରରୁ କିପରି ବିଭିନ୍ନ ପ୍ରକାର ଶବ୍ଦ ଉତ୍ପନ ହେଉଛି, ତା ବିଷୟରେ ଏକ ତଥ୍ୟ ସମ୍ବଳିତ ପତ୍ର ଲଣ୍ଡନର ଧ୍ୱନି ବିଜ୍ଞାନର ଗବେଷକ ଲର୍ଡର୍‌ୟାଲେଙ୍କ ନିକଟକୁ ପଠାଇଥିଲେ। ଲର୍ଡର୍‌ୟାଲେ ଏହି ତଥ୍ୟଟିକୁ ପଢି ସାରିବା ପରେ, ରମଣଙ୍କୁ ଉଚ୍ଚ ପ୍ରଶଂସା କରି ଏକ ଉତର ପତ୍ର ପଠାଇଥିଲେ, ଯାହାକୁ ଦେଖି ଭାରତର ବୈଜ୍ଞାନିକ ଏବଂ ଜ୍ଞାନୀ ଲୋକ ମାନେ, ରମଣଙ୍କ ପରି ୨୦/୨୧ବର୍ଷର ଜଣେ ଯୁବକ ଯେ ଏତେ ଜ୍ଞାନର ଅଧିକାରୀ ,ଏହା କଳ୍ପନା କରି ପାରିନଥିଲେ। ୧୯୧୦ ମସିହାରେ , ଚାକିରୀରେ ପଦୋନ୍ନତି ଯୋଗୁ ତାଙ୍କୁ କଲିକତା ଛାଡି ରେଙ୍ଗୁନ ଯିବାକୁ ପଡିଲା। ରେଙ୍ଗୁନରେ ଗବେଷଣାର ସୁବିଧା ନଥିବାରୁ, ରେଙ୍ଗୁନ ଯିବାକୁ ଅନିଛୁକ ଥିଲେ ବି ପରିସ୍ଥିତି ଚାପରେ ସେ ସେଠାରେ ଯୋଗଦାନ କରି ଠିକ ବର୍ଷକ ପରେ ପୁଣି କଲିକତାକୁ ବଦଳି ହୋଇଆସିଲେ। ଇତ୍ୟବସରରେ ତାଙ୍କର କେତେକ ମୌଳିକ ଲେଖା ନିମନ୍ତେ , ବୈଜ୍ଞାନିକ ହିସାବରେ ସେ ଖ୍ୟାତିଲାଭ କରିସାରିଥିଲେ।ଅର୍ଥ ବିଭାଗର ଅଧିକ ବେତନର ମୋହ ତ୍ୟାଗକରି, ବିଜ୍ଞାନର ନିଶା ଯୋଗୁ, ସେ କଲିକତା ବିଶ୍ୱ ବିଦ୍ୟାଳୟର ସ୍ନାତକୋତର ଶ୍ରେଣୀରେ ଅଧ୍ୟାପକ ଭାବରେ ଯୋଗଦାନ କରିଥିଲେ।ଯଦି ସେ ଅର୍ଥ ବିଭାଗର ଚାକିରୀ ପରିତ୍ୟାଗ କରି , ବିଜ୍ଞାନର ଅଧ୍ୟାପକ ଭାବରେ କାର୍ଯ୍ୟ କରିନଥାନ୍ତେ, ତେବେ ଭାରତବର୍ଷ, ତାଙ୍କପରି ବିଶ୍ୱବନ୍ଦିତ ନୋବେଲ ବିଜୟୀ ବୈଜ୍ଞାନିକଙ୍କୁ ପାଇବାର ସୁଯୋଗ ହରାଇଥାନ୍ତା ବୋଲି ମତ ପୋଷଣ କରିଥିଲେ, ଚକ୍ରବର୍ତୀ ରାଜଗୋପାଳଚାରୀ। ୧୯୦୬ରେ ବି.ଏ.ପଢୁଥିବା ସମୟରେ ମାତ୍ର ୧୮ ବର୍ଷ ବୟସରେ , ତାଙ୍କ ଦ୍ୱାରା ଲିଖିତ “ଆଲୋକର ବିଚ୍ଛୁରଣ“ ନାମକ ଏକ ବିଜ୍ଞାନ ସନ୍ଦର୍ଭ ,ଫିଲୋସଫିକାଲ ନାମକ ଏକ ବ୍ରିଟିଶ୍ ଜର୍ନାଲରେ ପ୍ରକାଶିତ ହୋଇଥିଲା। ୧୯୨୮ ମସିହା ଫେବୃୟାରୀ ୨୮ ତାରିଖରେ ସେ ଆଲୋକର ବିକିରଣ ସମ୍ବନ୍ଧୀୟ ଏକ ଚମକପ୍ରଦ ତଥ୍ୟ ଉପସ୍ଥାପନା କରିଥିଲେ,ଯାହାକି “ରମଣ ଇଫେକ୍ଟ“ନାମରେ ପ୍ରସିଦ୍ଧି ଲାଭ କରିଥିଲା। ସେଥିପାଇଁ ଏହି ଦିବସଟିକୁ ଭାରତ ସରକାରଙ୍କ ତରଫରୁ ପ୍ରତ୍ୟେକ ବର୍ଷ “ଜାତୀୟ ବିଜ୍ଞାନ ଦିବସ“ରୂପେ ପାଳନ କରାଯାଉଅଛି। ଫ୍ରାନସ୍ ବୈଜ୍ଞାନିକ ଜେ.କାବାନେସ,ଜର୍ମାନ୍ ବୈଜ୍ଞାନିକ ପି.ପ୍ରଙ୍ଗସେ ଓ ଭାରତର ଏଲ୍.ଏ.ରାମଦାସ୍ ରମଣଙ୍କ ସନ୍ଦର୍ଭକୁ “ରମଣ ସିଦ୍ଧାନ୍ତ“ ନାମରେ ବିଶ୍ୱ ବିଖ୍ୟାତ କରାଇଥିଲେ ଏବଂ ଏହି ସିଦ୍ଧାନ୍ତ ପାଇଁ ସେ ୧୯୩୦ ମସିହାରେ ନୋବେଲ୍ ପୁରସ୍କାର ଲାଭ କରିଥିଲେ। ୧୯୩୩ ମସିହାରେ ବାଙ୍ଗାଲୋରସ୍ଥିତ, ଇଣ୍ଡିଆନ ସୋସାଇଟି ଅଫ ସାଇନସ୍‌ର ପ୍ରଥମ ଭାରତୀୟ ନିର୍ଦ୍ଦେଶକ ଭାବରେ ଯୋଗଦାନ କରିଥିଲେ। ସେହିବର୍ଷ ସେଠାରେ ସେ, ଇଣ୍ଡିଆନ ଆକାଡେମୀ ଅଫ ସାଇନସ ନାମକ ଏକ ଅନୁଷ୍ଠାନ ସ୍ଥାପନା କରିଥିଲେ। ୧୯୪୮ ରେ ତାଙ୍କ ଦ୍ୱାରା “ରମଣ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ “ସ୍ଥାପିତ ହୋଇଥିଲା, ଯେଉଁଥିରେ ସେ ତାଙ୍କ ଜୀବନର ଶେଷ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ। ଜୀବନକାଳ ମଧ୍ୟରେ ରମଣ ଅନେକ ସମ୍ମାନ ଓ ପୁରସ୍କାର ପାଇଥିଲେ,ତନ୍ମଧ୍ୟରୁ ୧୯୧୨ରେ କର୍ଜନ ରିସର୍ଚ୍ଚ ଆୱାର୍ଡ, ୧୯୧୩ରେ ଉଡବର୍ନ ରିସର୍ଚ୍ଚ ମେଡାଲ୍,୧୯୩୦ରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ନାଇଟ ଉପାଧି, ସେହି ବର୍ଷ ଭାରତର ପ୍ରଥମ ବୈଜ୍ଞାନିକ ଭାବରେ ନୋବେଲ ପୁରସ୍କାର ଏବଂ ଲଣ୍ଡନର ରୟାଲ ସୋସାଇଟିରୁ ହ୍ୟୁଗସ୍ ପଦକ, ୧୯୪୧ରେ ଫିଲାଡେଲଫିଆସ୍ଥିତ ଫ୍ରାଙ୍କଲିନ ଇନଷ୍ଟିଚ୍ୟୁଟ ଦ୍ୱାରା ଫ୍ରାଙ୍କଲିନ ମେଡାଲ,୧୯୫୪ରେ ଭାରତ ସରକାରଙ୍କ ଦ୍ୱାରା ଭାରତରତ୍ନ ଏବଂ ୧୯୫୭ରେ ଋଷ ସରକାରଙ୍କ ଦ୍ୱାରା ଲେନିନ୍ ପୁରସ୍କାର ଇତ୍ୟାଦି ଅନେକ ସମ୍ମାନ ପାଇଥିଲେ। ବିଜ୍ଞାନ କ୍ଷେତ୍ରରେ ରମଣଙ୍କ ଦକ୍ଷତା ଓ ଅବଦାନ,ବିଶ୍ୱସ୍ତରରେ ଭାରତୀୟ ବୈଜ୍ଞାନିକ ମାନଙ୍କ ସମ୍ମାନ ବୃଦ୍ଧି ଦିଗରେ ଯଥେଷ୍ଟ ସହାୟକ ହୋଇଥିଲା। ୧୯୬୯ ମସିହା ଅକ୍ଟୋବର ମାସରେ ଗବେଷଣାଗାରରେ କାର୍ଯ୍ୟରତ ଥିବା ସମୟରେ ସେ ହୃଦ୍‌ଘାତର ଶିକାର ହୋଇଥିଲେ। ଚିକିତ୍ସା ଫଳରେ ସେ ଆଉ କିଛିଦିନ ବଂଚି ରହିଥିଲେ,କିନ୍ତୁ ୧୯୭୦ ମସିହା ନଭେମ୍ବର ମାସ ୨୧ ତାରିଖ ଦିନ ଭାରତର ବିଜ୍ଞାନାକାଶରୁ ଏହି ଉଜ୍ଜଳମୟ ନକ୍ଷତ୍ର ସବୁଦିନ ପାଇଁ ଅସ୍ତ ହୋଇଯାଇଥିଲା। ମୃତ୍ୟୁପୂର୍ବରୁ , ତାଙ୍କ ବିଜ୍ଞାନ ଆକାଡେମୀର ଜର୍ନାଲଟିକୁ ଚଲାଇ ରଖିବା ନିମନ୍ତେ ସେ ତାଙ୍କର ଜଣେ ପ୍ରାକ୍ତନ ଛାତ୍ରଙ୍କୁ ଅନୁରୋଧ କରଥିଲେ। ତାଙ୍କର ଶେଷ ଇଚ୍ଛା ଅନୁଯାୟୀ, ତାଙ୍କ ମରଶରୀରକୁ ବିନା କୌଣସି ଆଡମ୍ବରରେ,“ରମଣ ଗବେଷଣା କେନ୍ଦ୍ର“ର ହତା ମଧ୍ୟରେ ସମାଧି ଦିଆଯାଇଥିଲା।


+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର, କଟକ।
ମୋ-୬୩୭୧୫୯୩୨୨୦


# ମୂଳନିବାସୀଙ୍କୁ ଗୁରୁତ୍ୱ ଦିଆଯାଉ



ଗୋପାଳ ମହାପାତ୍ର

ଦେଶ ସ୍ୱାଧୀନ ହେବା ପରଠାରୁ ଅନୁସୂଚିତ ଜନଜାତିମାନଙ୍କର ବିକାଶ ପାଇଁ ସରକାର ଅନେକ ଯୋଜନା କରୁଛନ୍ତି ଓ ଯୋଜନା ବାବଦରେ କୋଟି କୋଟି ଟଙ୍କା ବ୍ୟୟ ହେଉଛି। କିନ୍ତୁ ଏମାନଙ୍କ ଆର୍ଥିକ, ସାମାଜିକ ବିକାଶ ଏଯାବତ୍ ଆଖିଦୃଶିଆ ଭାବେ ହୋଇପାରିନାହିଁ। ସରକାର ଏ ଦିଗରେ ଅଧିକ ଧ୍ୟାନ ଦେବା ଜରୁରୀ। ସରକାରୀ ତଥ୍ୟ ଅନୁସାରେ ଦେଶରେ ୫୭୩ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। ଏମାନେ ହେଉଛନ୍ତି ବିଶେଷ ସୁବିଧା ସୁଯୋଗର ଅଧିକାରୀ ଓ ବିଭିନ୍ନ କ୍ଷେତ୍ରରେ ନିର୍ଦ୍ଧାରିତ ଆରକ୍ଷଣ ପାଇବା ପାଇଁ ଯୋଗ୍ୟ ଅଛନ୍ତି। ଏହି ୫୭୩ଟି ଜନଜାତି ମଧ୍ୟରୁ ଗଣ୍ଡ ସମ୍ପ୍ରଦାୟର ଜନସଂଖ୍ୟା। ସର୍ବାଧିକ ଅର୍ଥାତ୍ ୭୪ଲକ୍ଷ ଏମାନଙ୍କ ପରେ ରହିଛନ୍ତି ସାନ୍ତାଳ। ଏମାନଙ୍କ ଜନସଂଖ୍ୟା ହେଉଛି ୪୨ଲକ୍ଷ। ସବୁଠାରୁ କମ୍ ଜନସଂଖ୍ୟା ବିଶିଷ୍ଟ ଜନଜାତି ହେଉଛନ୍ତି ଆଣ୍ଡାମାନର ଚେମଲ ଓ ଏମାନଙ୍କ ସଂଖ୍ୟା ମାତ୍ର ୧୮। ଏ ହେଉଛି ବିଗତ ଜନଗଣନାର ତଥ୍ୟ। ଏବେ ହୁଏତ ଏମାନଙ୍କ ସଂଖ୍ୟା କିଛି ପରିମାଣରେ ବଢିଯାଇଥିବ। ମଧ୍ୟ ଭାରତରେ ଜନଜାତି ମାନଙ୍କ ସମୁଦାୟ ସଂଖ୍ୟାର ପାଖାପାଖି ୭୫ ପ୍ରତିଶତ ବସବାସ କରୁଛନ୍ତି। ଦେଶର ସମୁଦାୟ ଜନସଂଖ୍ୟାର ୮.୨ପ୍ରତିଶତ ହେଉଛନ୍ତି ଏହି ଅନୁସୂଚିତ ଜନଜାତି।

ଏହି ଅନୁସୂଚିତ ଜନଜାତିଙ୍କୁ ସାଧାରଣ ଭାବରେ ୩ଟି ଭାଗରେ ବିଭକ୍ତ କରାଯାଇଥାଏ। ପ୍ରଥମ ଭାଗ ହେଉଛନ୍ତି ଯେଉଁମାନେ ଇଣ୍ଡୋ-ଆର୍ଯ୍ୟନ୍ ପ୍ରବାସୀମାନଙ୍କ ଆଗମନ ପୂର୍ବରୁ ରହିଛନ୍ତି। ଅନ୍ୟ ଦୁଇ ଭାଗ ହେଉଛନ୍ତି କକସାଇଡ ଓ ସାଇନୋତିବତନ ବା ମଙ୍ଗୋଲାଇଡ୍। ଏମାନଙ୍କ ହିମାଳୟ କ୍ଷେତ୍ର ଓ ଉତ୍ତର-ପୂର୍ବ ଅଞ୍ଚଳରେ ଦେଖିବାକୁ ମିଳିଥାଏ। ଅନେକଙ୍କ ମତରେ ମଧ୍ୟ ଭାରତରେ ରହୁଥିବା ଜନଜାତିମାନେ ହିଁ ଅସଲ ମୂଳନିବାସୀ ଅର୍ଥାତ୍ ଏଇମାନେ ହିଁ ଦେଶର ପ୍ରକୃତ ଅଧିବାସୀ ଓଡ଼ିଶାରେ ମଧ୍ୟ ଅନେକ ଜନଜାତିର ଲୋକ ବସବାସ କରୁଛନ୍ତି। ହେଲେ ସେମାନଙ୍କ ମଧ୍ୟରୁ ୭୦ପ୍ରତିଶତରୁ ଅଧିକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ରାଷ୍ଟ୍ରୀୟ ସ୍ତରରେ ୪୫.୮୬ ପ୍ରତିଶତ ଜନଜାତିର ଲୋକେ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ଦେଶରେ ଦାରିଦ୍ର୍ୟର ସୀମାରେଖା ଖାଦ୍ୟାଭାବରେ ରହୁଥିବା ଲୋକକୁ ନେଇ ସାଧାରଣତଃ ନିର୍ଦ୍ଧାରଣ କରାଯାଇଥାଏ। ଏହାହର ଅର୍ଥ ହେଉଛି ଅସଲ ମୂଳନିବାସୀଙ୍କ ମଧ୍ୟରୁ ଅଧା ଲୋକ ଅନାହାର ବା ଅର୍ଦ୍ଧାହାରରେ ରହୁଛନ୍ତି।

ସମ୍ବିଧାନର ଅନୁଚ୍ଛେଦ ୨୪୪ର ପଞ୍ଚମ ଏବଂ ଷଷ୍ଠ ଅନୁସୂଚୀ ଅନୁସାରେ ବହୁ ସଂଖ୍ୟକ ଅନୁସୂଚିତ ଜନଜାତି ରହୁଥିବା ଅଞ୍ଚଳରେ ସ୍ୱ-ଶାସନର ପ୍ରାବଧାନ ଥିଲା। ୧୯୯୯ରେ ଭାରତ ସରକାର ଏମାନଙ୍କ ବିକାଶ ପାଇଁ ଏକ ରାଷ୍ଟ୍ରୀୟ ନୀତିର ପ୍ରଣୟନ କରିଥିଲେ। ଏହି ରାଷ୍ଟ୍ରୀୟ ନୀତି ଅନୁସାରେ ଅନୁସୂଚିତ ଜନଜାତି ଲୋକଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ସେବା, ଭାଷା, ପୁନର୍ବାସ, ବନ ଓ ଭୂମି ଅଧିକାର ଉପରେ ବିଶେଷ ଭାବରେ ଗୁରୁତ୍ୱ ଦିଆଯାଉଥିଲା। ଏନଡିଏ ସରକାର ଏମାନଙ୍କ ବିକାଶ ପାଇଁ ଏକ ସ୍ୱତନ୍ତ୍ର ମନ୍ତ୍ରାଳୟ ମଧ୍ୟ ଗଠନ କରିଥିଲେ। କିନ୍ତୁ ଏସବୁ ପରେ ମଧ୍ୟ ଏମାନଙ୍କର ଖାସ୍ ବିକାଶ ହୋଇପାରିନାହିଁ। ଏହି ଅନୁସୂଚିତ ଜନଜାତିର ଲୋକମାନଙ୍କୁ ପ୍ରଲୋଭନ ଦେଖାଇ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଯାଉଥିବା ମଧ୍ୟ ଦେଖାଯାଉଛି। ଏମାନଙ୍କୁ ହିନ୍ଦୁ ସଂସ୍କୃତିର ମୁଖ୍ୟ ଧାରାରେ ସାମିଲ କରାଯିବାର ଉଦ୍ୟମ ମଧ୍ୟ ଚାଲିଛି। ଓଡ଼ିଶା ବ୍ୟତୀତ ଝାରଖଣ୍ଡ ଓ ଛତିଶଗଡ଼ରେ ଏହି ସମୁଦାୟର ଅଧିକ ଲୋକ ବସବାସ କରୁଛନ୍ତି। କିନ୍ତୁ ଏମାନଙ୍କର ବାସ୍ତବିକ ପ୍ରସଙ୍ଗ ଉପରେ ରାଜ୍ୟ ସରକାର ମାନେ ଗୁରୁତ୍ୱ ଦେଉନାହାଁନ୍ତି।

୨୦୦୫ ମସିହାରେ କେନ୍ଦ୍ରର ୟୁପିଏ ସରକାର ଅନୁସୂଚିତ ଜନଜାତିଙ୍କ ବନାଧିକାର (ଜଙ୍ଗଲ ଜମି ଉପରେ ଅଧିକାର) ପାଇଁ ଏକ ବିଧେୟକ ଆଣିବା ପାଇଁ ଚାହୁଁଥିଲେ କିନ୍ତୁ କେତେକ ତଥାକଥିତ ବନ୍ୟପ୍ରାଣୀ କାର୍ଯ୍ୟକର୍ତ୍ତା ଏବଂ ବନ୍ୟପ୍ରାଣୀ ପର୍ଯ୍ୟଟନ ଲବିର ଚାପରେ ଏହା ଆଇନରେ ପରିଣତ ହୋଇପାରିଲା ନାହିଁ। ୧୯୪୭ ମସିହା ଡିସେମ୍ବର ୧୬ତାରିଖରେ ସମ୍ବିଧାନ ସଭାରେ ତତ୍କାଳୀନ ପ୍ରଖ୍ୟାତ ଅନୁସୂଚିତ ଜନଜାତିର ନେତା ଜୟପାଲ ସିଂହ କହିଥିଲେ ଯେ, ଜଣେ ଜଙ୍ଗଲୀ ଜଣେ ଅନୁସୂଚିତ ଜନଜାତିର (ଆଦିବାସୀ) ହୋଇଥିବା କାରଣରୁ ମୁଁ କହୁଛି ଯେ ଆମ ସମସ୍ତଙ୍କୁ ସ୍ୱାଧୀନତା ଏବଂ ସଂଘର୍ଷ ରାସ୍ତାରେ ମିଳିମିଶି ଚାଲିବାକୁ ପଡ଼ିବ। ଯଦି ଭାରତରେ କାହା ସହ ଅନ୍ୟାୟ ହୋଇଛି ତାହା ଆମ (ଆଦିବାସୀ) ଲୋକଙ୍କ ସହ ହୋଇଛି ଓ ହେଉଛି। ଆମମାନଙ୍କୁ ଉପେକ୍ଷିତ କରାଯାଇଛି। ସିନ୍ଧୁ ଘାଟି ସଭ୍ୟତା, ଯାହା ମୁଁ ସନ୍ତାନ ଅଟେ ସେଇ ସଭ୍ୟତାର ଇତିହାସ କହୁଛି ଯେଉଁମାନେ ପରେ ଭାରତକୁ ଆସିଛନ୍ତି ସେମାନେ ତାଙ୍କର ଅଧିକାରସାବ୍ୟସ୍ତ କରି ଚାଲିଛନ୍ତି ଓ ଏହି ଲୋକମାନେ ଆମ ଲୋକଙ୍କୁ (ଆଦିବାସୀଙ୍କୁ) ସିନ୍ଧୁ ଘାଟିରୁ ଜଙ୍ଗଲକୁ ଘଉଡ଼ାଇ ଦେଇଛନ୍ତି। ଆମ ଲୋକଙ୍କ ଇତିହାସ ଅଣ ମୂଳନିବାସୀ ମାନଙ୍କ ଦ୍ୱାରା ଲଗାତର ଶୋଷଣ ଓ ଦୋହନ କରାଯାଉଛି ଯେଉଁଥି ପାଇଁ ଅନେକ ସମୟରେ ବିଦ୍ରୋହର ସ୍ୱର ଉଠୁଛି। ଏବେ ଆମେ ସମ୍ବିଧାନ ଭାରତର ଏକ ନୂଆ ଅଧ୍ୟାୟର ଆରମ୍ଭ କରୁଛେ ଯେଉଁଠି ସମାନତା ରହିବ ଏବଂ କାହାରିକୁ ଉପେକ୍ଷା କରାଯିବନାହିଁ। ସେଠାରେ ଉପସ୍ଥିତ ଥିଲେ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ। ଜୟପାଲଙ୍କ ମନ୍ତବ୍ୟ ଶୁଣିବା ପରେ ନେହେରୁ କହିଥିଲେ ଜନଜାତି ସମାଜରେ ଜାତି ଏବଂ ଲିଙ୍ଗଗତ ଆଧାରରେ କୌଣସି ଭେଦଭାବ ଜନଜାତି ସମାଜରେ ଜାତି ଏବଂ ଲିଙ୍ଗଗତ ଆଧାରରେ କୌଣସି ଭେଦଭାବ ନାହିଁ ବା ନଥିଲା। ଏଣୁ ସେମାନଙ୍କୁ ଲୋକତନ୍ତ୍ରରେ ଶିଖାଯାଇ ପାରିବନି ବରଂ ଅନ୍ୟମାନେ ସେମାନଙ୍କ ଠାରୁ ଲୋକତନ୍ତ୍ରର କଥା ଶିଖିବେ। କିନ୍ତୁ ସବୁ ପରେ ମଧ୍ୟ ଏମାନେ ଅବହେଳିତ। ଯଦି ସମ୍ବିଧାନରେ ଥିବା ପ୍ରାବଧାନକୁ କିଛି ମାତ୍ରାରେ କାର୍ଯ୍ୟକାରୀ କରାଯାଉଥାନ୍ତା ତେବେ ଆଜି ସେମାନେ ଯେଉଁ ଅବସ୍ଥାରେ ଅଛନ୍ତି ସେପରି ନଥାନ୍ତେ। ସରକାର ତଥା ପ୍ରଶାସନିକ ଉଦାସୀନତା କାରଣରୁ ବିଭିନ୍ନ ସମୟରେ ଏମାନେ କ୍ଷୋଭ ପ୍ରକାଶ ମଧ୍ୟ କରୁଛନ୍ତି। ଅନୁସୂଚିତ ଜନଜାତି (ଆଦିବାସୀ) ମାନେ ହିଁ ଭାରତ ଭୂଖଣ୍ଡର ମୂଳନିବାସୀ। ଏମାନଙ୍କ ପ୍ରସଙ୍ଗକୁ ସରକାର ଅଧିକ ଗୁରୁତ୍ୱ ଦେବା ଉଚିତ୍। ଏମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ ଘଟିଲେ ଅନ୍ତତଃ ଧର୍ମାନ୍ତିକରଣ ମଧ୍ୟ କିଛି ପରିମାଣରେ କମିଯାଇପାରନ୍ତା।


+ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪


## କବିତା କୋଣାର୍କ

### ବୀରଭୂମିର ଇତିହାସ...

ଧ୍ରୁବ ଚରଣ ବେହେରା



ଉତ୍କଳ ପ୍ରଦେଶେ ବୀର ଇତିହାସେ
ବାଣପୁର ଅଟେ ଖ୍ୟାତ
କେତେ ଯୋଦ୍ଧାଙ୍କର ଥିଲା ବାସସ୍ଥଳୀ
ଅତୀତେ ଥିଲା ବିଖ୍ୟାତ ।

ଏବେବି ସେ ମାଟି ଛୁଇଁଲେ ଲାଗୁଛି
କହୁଛି ଅନେକ କଥା
ବୀର ପାଇକଙ୍କ ସମର ତାଲିମ
ଦୁଇଶହ ବର୍ଷ ଗାଥା ।

ଅଦମ୍ୟ ସାହାସ ଢାଳି ଦେଇଥିଲେ
ସୁନାର ଓଡିଶା ପାଇଁ
ଇଂରେଜ ବିରୁଦ୍ଧେ ରଚିଥିଲେ ରଣ
ଭଗବତୀ ପାଦ ଛୁଇଁ ।

ଘଣ୍ଟଶିଳା କୋଳେ ସ୍ଥାପିଲେ ଶିବିର
ସତର୍କ ପ୍ରହରୀ ହୋଇ
ଗୋରା ମାନଙ୍କର ହଜିଥିଲା ନିଦ
ପ୍ରକମ୍ପିତ ହେଲେ ଚେଇଁ ।

ଅଧୀର ହୋଇଲେ ବିଦେଶୀ ଶାସକ
ବୁଦ୍ଧି ଯାଇଥିଲା ହଜି
ପାଇକଙ୍କ ମେଳି ହେଲା ବିସ୍ଫୋରଣ
ଗୋରାଙ୍କ ବିରୁଦ୍ଧେ ତେଜି ।

ମହାମନ୍ତ୍ରୀ ସେହି କୃତିବାସ ବୀର
ପଞ୍ଚାନନ ଓ ନାୟକ
ଲୋଚନ ବିଶୋଇ ଗାରିମା ଅସୀମ
ଥିଲେ ବାଣପୁର ଟେକ ।

କହେ ଭେଟେଶ୍ୱର, ବିରିବାଡି ଅଛି
ବେତୁଲି ସେ ବୋରି ଗାଆଁ
ବଡକୁଳ ପରି ପାଇକଙ୍କ ଗ୍ରାମ
ଅମରତ୍ୱ ତାର ନାଆଁ ।

ମନେ ପଡୁଅଛି ସେହି ବୀର ମାଟି
ଅଠରଶହ ସତର
ସିପାହୀ ବିଦ୍ରୋହ ଚାଳିଶ ପୂର୍ବରୁ
ଥିଲା ସେ ବଳ ବତର ।

ମଞ୍ଜି ବୁଣିଥିଲା ବିପ୍ଳବ ପାଇଁକି
ସାଉଁଟି ଥିଲା ସେ ସ୍ୱପ୍ନ
ଭାଙ୍ଗି ଦେଇଥିଲା ମେରୁଦଣ୍ଡ ପୁଣି
ଫିରିଙ୍ଗିର କୁ ଶାସନ ।

ମନେ ପଡିଗଲେ ଅଠରଶହ ଛତିସ
ଟାଙ୍କୁରି ଉଠୁଛି ଲୋମ
ବାଣପୁର ମାଟି ଅମର ପୃଷ୍ଠାରେ
ଇତିହାସ ମହାଦ୍ରୁମ ।

ହସୁଛି ମୋ ମାଟି ଖୋର୍ଦ୍ଧା ଗଡ ଆଜି
ହସୁଛି ଉତ୍କଳ ମାଟି
ରହିଛି ରହିବ ରହିଥିବ ସିଏ
ଯୋଦ୍ଧାଙ୍କର ଏହି ଘାଟି ।

ନଇଁ ନାହିଁ କେବେ ନଇଁ ସେ ନଥିଲେ
କେତେ ଯୋଦ୍ଧା ଥିଲେ ରହି
ବକ୍ସିଜଗବନ୍ଧୁ ଜୟ ରାଜଗୁରୁ
ବଳିଦାନ କଥା କହି ।

ଦଳବେହେରାଙ୍କ ଚତୁରତା ପଣ
ଗାଉଛି ଓଡିଶା ମାଟି
ଥିଲେ ମାନସିଂହ ଛୁଆଳ ସିଂହ ସେ
ରକ୍ତ ଦେଇଥିଲେ ଭେଟି ।

ଏହି ମୋର ଭୂମି ଅଟେ ବାଣପୁର
ଉତ୍କଳର ପୁଣ୍ୟ ଭୂମି
ଯୁଗେ ଯୁଗେ ସେହି ଅଟେ ବନ୍ଦନୀୟା
ପବିତ୍ର ଭାରତେ ଜନ୍ମି ।

ସେ ମାଟିର କୋଳେ ଜନମ ଲଭି ମୁଁ
ନିଜକୁ ଭାବୁଛି ଧନ୍ୟ
ମାତୃଭୂମି ମାତୃଭାଷା ମୋ ଜୀବନ
କବି ନୁହେଁ ଅକିଞ୍ଚନ ।


+ଅଠରବାଟିଆ,ବାଲୁଗାଁ(ଖୋର୍ଦ୍ଧା)
ମୋ:୮୩୨୮୯୩୦୫୫୪


### ନନ୍ଦନବନ...

ନିରଂଜନ ସାହୁ

ଚୁନଚୁନା ସ୍ୱପ୍ନ ଫୁଲମାନେ ଫୁଟି
ହସେ ମନ ଉପବନ
ଶାନ୍ତି ବିରାଜଇ ସୁଖ ହସୁଥାଇ
ଲାଗେ ସତେ ତପୋବନ।

ନୂଆ ନୂଆ ସ୍ୱପ୍ନ କଢ଼ିମାନେ ଯେବେ
ଦେଖନ୍ତି ଆପଣା ମୁହଁ
ମୋତେ ଲାଗୁଥାଏ କଢ଼ି ବିକଶିବା
କେବେ ବି ସମ୍ଭବ ନୁହଁ
ତଥାପି ବି ସ୍ୱପ୍ନ କଢ଼ିମାନେ ମୋର
ନାମୀଦାମୀ ଗଣ୍ଡିଧନ।

ମନ ଉପବନେ ସ୍ୱପ୍ନ ଫୁଲ ଯେବେ
ବିତରେ ଆପଣା ବାସ
ନନ୍ଦନବନରେ ବିଚରଣ କରି
ହୁଏ ମୁହଁ ଦରହାସ
ସେହି ସୁବାସର ଆଘ୍ରାଣରେ ମୋର
ପୁଲକିତ ହୁଏ ମନ।


+ନିହଲପ୍ରସାଦ, ଗନ୍ଦିଆପାଟଣା
ଢେଙ୍କାନାଳ-୭୫୯୦୧୬
ମୋ: ୯୯୩୮୭୪୧୫୮୩


## କବିତା କୋଣାର୍କ

### ଶେଷଦୃଶ୍ୟ...

ଶରତ କୁମାର ଦାସ

ନିରିଖେଇ ଚାହିଁଲି ମୁଁ ଆକାଶକୁ
ଡହଡହ ଜଳୁଥିଲେ ମଧ୍ୟାହ୍ନର ସୂର୍ଯ୍ୟ
ପୃଥିବୀ ସ୍ଥିର ଓ ଅବିଚଳିତ
ଗଛରୁ ଝଡୁଥିଲା ପତ୍ର
ଘୋ’ ଘୋ’ ଶୁଭୁଥିଲା
ସମୁଦ୍ରର ଶବ୍ଦ କିଛି ଦୂରରୁ ।

ଡେଣା ଝାଡି ଉଡୁଥିଲେ ପକ୍ଷୀ
ଶୀତର ଶେଷଦୃଶ୍ୟ
କ୍ରମଶଃ ସର ସରି ଆସୁଥିଲା
ବସନ୍ତର ଆଦ୍ୟ ସ୍ପର୍ଶ
ଛୁଇଁ ଛୁଇଁ ଯାଉଥିଲା ବଣଭୂଇଁ ।

ଗୋଡ ଘସୁଥିଲା ହାଲକା ହାଲକା
ଶୀତଳ ପବନ ନଇଡୁଠ ପଥରର
ଭଙ୍ଗାରୁଜା ପାହାଚ ଉପରେ ,
ମୁଁ ଚିତ୍ର ଆଙ୍କୁଥିଲି ତୂଳିଟିଏ ଧରି
ଫୁଙ୍ଗୁଳା ପାହାଡ ମଥାନର
କାନଭାସ ଉପରେ ।

ଶବ୍ଦ ସବୁ ମୋର ନିଷ୍ଫଳ ଓ ଶିଥିଳ
ଅପହଂଚ ଲାଗୁଥିଲେ
ମୋ ହାତ ପାହାନ୍ତାରୁ,
ମୁଁ ହସୁଥିଲି ପୁଣି କାନ୍ଦୁଥିଲି
ସୂର୍ଯ୍ୟ ସେମିତି ସ୍ଥିର ଥିଲେ
ପକ୍ଷୀମାନେ ନୀରବିଯାଇଥିଲେ ।

ପ୍ରତୀକ୍ଷା ମୁଦ୍ରାରେ ଥିଲା ଦିନ
ଲାଲ୍ ଟହ ଟହ ସୂର୍ଯ୍ୟଙ୍କର
ଶେଷ ସମ୍ଭାଷଣ ପାଇଁ
ପାଦ ବଢଉଥିଲା ସଂଜ ଥିରି ଥିରି ।

ରାତିର ଅନ୍ଧାର ଆଲିଙ୍ଗନ କରୁଥିଲା
ମାଟିକୁ ନୀରବରେ,
ମୁଁ ବାଟ ଖୋଜୁଥିଲି
ଗୁରୁଣ୍ଡି ଗୁରୁଣ୍ଡି ସେଇ ଅନ୍ଧାରରୁ
ମୁକ୍ତ ହେବା ପାଇଁ ।


+ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

ଭାଗ-୮

ଆର୍ଯ୍ୟାବର୍ତ୍ତର ବିଖ୍ୟାତ ନଗରୀ ହସ୍ତିନାପୁର । ମହାରାଜା ହସ୍ତୀଙ୍କର ହାତଗଢ଼ା ରାଜଭବନ । ରାଜବଂଶର ନାମ କୁରୁବଂଶ । ଏହା ପୁଣି ଭରତବଂଶ ବୋଲି ବିଦିତ ଥିଲା । ଏହାର ସୀମା ପରିସୀମା ସୁଦୂର ପ୍ରସାରୀ । ବିଶାଳ ଶସ୍ୟଭଣ୍ଡାର ଓ ଐଶ୍ୱର୍ଯ୍ୟ ଭଣ୍ଡାରରେ ଭରପୂର ଏହି ନଗରୀ । ରାଜା ଶାନ୍ତନୁ ଥିଲେ ଏହାର ରକ୍ଷାକର୍ତ୍ତା । ଅଭାବ କ'ଣ ପ୍ରଜାମାନେ ଜାଣିବାକୁ ସୁଯୋଗ ପାଆନ୍ତି ନାହିଁ । ଅନେକ ରାଜା, ମହାରାଜା ଏହାର ମାଟିରେ ଲୀଳା ରଚନା କରିଛନ୍ତି । ରାଜ ସିଂହାସନ ମଣ୍ଡନ କରି ରାଜଚକ୍ରବର୍ତ୍ତୀ ବୋଲାଇଛନ୍ତି । ଆଉ ସେ ସବୁର ମୂକସାକ୍ଷୀ ଏଇ ପବିତ୍ର ଗଂଗାନଦୀ ।

ଅଶ୍ୱପିଠିରେ ବସି ବାପାଙ୍କ କାହାଣୀ ମୁଁ ଶୁଣୁଥିଲି । ଆମ ଅଶ୍ୱ ଛୁଟି ଚାଲିଥିଲା । ଦୂରରୁ ସେଇ ପ୍ରାସାଦ ଆଡ଼କୁ ଦୃଷ୍ଟିଦେଇ ମୁଁ ବାପାଙ୍କ କଥାକୁ ମନଧ୍ୟାନ ଦେଇ ଶୁଣୁଥିଲି । ବାପା କହୁଥାନ୍ତି, ଆମକୁ ସୂର୍ଯ୍ୟାସ୍ତ ସୁଦ୍ଧା ହସ୍ତିନାପୁରରେ ପହଞ୍ଚିବାକୁ ପଡ଼ିବ । ତେଣୁ ଅଶ୍ୱର ଗତିକୁ ବଢ଼ାଇ ବାପା ବେଗରେ ଧାଉଁଥାନ୍ତି ଯେମିତି ।

ସୂର୍ଯ୍ୟଦେବଙ୍କ ଅସ୍ତ ସମୟ ଆହୁରି ବାକି ଥାଏ। ଆମେ ନଗରସୀମା ପାଖାପାଖି ପହଞ୍ଚି ସାରିଲୁଣି । ସୂର୍ଯ୍ୟଙ୍କ କନକ ରଶ୍ମି ଗଂଗାଜଳରେ ପଡ଼ି ଚିକ୍‌ଚିକ୍ କରୁଥାଏ । ଦିନ ମଜୁରିଆ ଶ୍ରମିକ ଶ୍ରେଣୀ ସାରାଦିନର କାମ ଶେଷରେ କ୍ଳାନ୍ତ ହୋଇ ଘରବାହୁଡ଼ା ହେଉଥାନ୍ତି । ବିହଙ୍ଗ ଦଳ କାକଳୀ କରି ନୀଡ଼କୁ ଫେରିବାର ଲାଗିଥାନ୍ତି । ସ୍ତ୍ରୀ ଲୋକମାନେ ଗଂଗାତଟରୁ ଭରାକଳସ ଜଳ ନେଇ ଗୃହାଭିମୁଖୀ ହେଉଥାନ୍ତି । ଆସନ୍ନ ସଂଧ୍ୟା ପାଇଁ ସମସ୍ତେ ହିଁ ତତ୍ପର ହୋଇ ଉଠୁଥାନ୍ତି । ଆମେ ମଧ ଆମର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି ହୋଇ ଉଠୁଥିଲୁ ବ୍ୟାକୁଳ । ମୋ ମନରେ ଭରି ରହିଥିଲା ଅବସାଦ ଆଉ କ୍ଳାନ୍ତି । ଅଶ୍ୱପିଠିରେ ବସି ଦୀର୍ଘପଥ ଯାତ୍ରା କରିବା ମୋର ଏଇ ପ୍ରଥମ। ଯାତ୍ରା ଜନିତ କ୍ଳାନ୍ତି ଲାଗୁଥିଲେ ବି ଶିକ୍ଷା ପାଇବାର କୌତୁହଳ ମୋ ମନର ପୀଡ଼ାକୁ କେତେକାଂଶରେ ଦୂର କରିଦେଉଥିଲା । ଏକ ପଟରେ ହସ୍ତିନାପୁର ରାଜବାଟୀ ଦେଖିବାର ଅଭିଳାଷ ଅନ୍ୟପଟରେ ଗୁରୁଙ୍କ ଠାରୁ ଶିକ୍ଷା ପାଇବାର ଆକାଂକ୍ଷା ମୋ ପ୍ରାଣକୁ ବ୍ୟାକୁଳିତ କରି ଦେଉଥିଲା ।

ବାପା ମୋତେ ହଲାଇ ଦେଇ କହିଲେ, ଦେଖ ବସୁ ଏଇ ଆଗରେ ବିରାଟ ଦ୍ୱାରଟି ଦେଖାଯାଉଛି ତାହାହିଁ ହସ୍ତିନାପୁରର ପ୍ରବେଶ ଦ୍ୱାର । ବାପାଙ୍କ କଥାରେ ମୁଁ ସେଇ ବିରାଟ ଲୌହ ଫାଟକଟିକୁ ଅନାଇ ରହିଥିଲି । ଆମକୁ ଦେଖି ଦ୍ୱାରରକ୍ଷୀ ଫାଟକଟିକୁ ଖୋଲିଦେଲେ । ମୋର ଯେମିତି ମନେହେଲା ହସ୍ତିନାପୁରର ମହାଦ୍ୱାର ଖୋଲିଗଲାନି ଯେ, ମୋ ହୃଦୟର ରୁଦ୍ଧଦ୍ୱାର ଖୋଲିଗଲା । ଆଉ ମୁଁ ସେଇ ଦ୍ୱାର ମଧ୍ୟରେ ମୁହଁ ଗଳାଇ ଦେଖୁଥିଲି ମୋ ଆଗାମୀ ଭବିଷ୍ୟତକୁ । ଫାଟକର ଦୁଇପାଖରେ ଛିଡ଼ାହୋଇ ରହିଥିବା ଦ୍ୱାରପାଳ ମୁଣ୍ଡନୁଆଁଇ ବାପାଙ୍କୁ ସମ୍ମାନ ଜଣାଉଥିଲେ ଆଉ କଣେଇ କଣେଇ ମୋତେ ଚାହୁଁଥିଲେ ।

ବାପା ମୋତେ ଅଶ୍ୱପିଠିରୁ ଓହ୍ଲାଇ ପଡ଼ିବାକୁ ଇଂଗିତ ଦେଲେ, ଆମେ ଦୁହେଁ ଓହ୍ଲାଇ ପଡ଼ିଲୁ । ଅଶ୍ୱ ମଧ ନିର୍ବିଘ୍ନରେ ଚାଲିଗଲା ତାର ଗନ୍ତବ୍ୟ ସ୍ଥଳକୁ । ମୁଁ ବାପାଙ୍କ ସହ ତାଙ୍କ କୋଠରି ଆଡ଼େ ଚାଲିଲି । ହସ୍ତିନାପୁରର ରାଜପ୍ରାସାଦ ଆଲୋକମାଳାରେ ସଜ୍ଜିତ ହୋଇ ଅପୂର୍ବ ଦେଖାଯାଉଥିଲା । ମୋ ଆଖିରେ ଭରି ରହିଥିଲା କ୍ଳାନ୍ତି। ରାତିରେ ବାପା ଓ ମୁଁ ଗଣ୍ଡେ ଖାଇଦେଇ ବିଛଣାପାରି ଶୋଇପଡ଼ିଲୁ । ଚାହୁଁଚାହୁଁ ମୁଁ ନିଦ୍ରାରେ ହଜିଗଲି ।

– ସାତ –

ହସ୍ତିନାପୁର ଆସିବାର ଆଗ୍ରହରେ ମୋ ଆଖିରୁ ନିଦ ହଜି ଯାଇଥିଲା । ଅଶ୍ୱପିଠି ଉପରେ ସବାର ହୋଇ ଆସୁଥିବାବେଳେ ମୋ ମନରେ କେତେ ସ୍ୱପ୍ନ, ଆଶା ଆଉ ଆକାଂକ୍ଷା ଉଙ୍କି ମାରୁଥିଲା । କିନ୍ତୁ ହସ୍ତିନାପୁରରେ ପାଦ ଦେଇ କ୍ଳାନ୍ତିରେ ଆଖିପତା ମୋର ବୁଜି ହୋଇ ଆସୁଥିଲା। ତହିଁ ପରଦିନ ତେଣୁ ଶଯ୍ୟାତ୍ୟାଗ କରିବାରେ ମୋର ବିଳମ୍ବ ଘଟିଥିଲା । ମୋ ଉଠିବାର ବହୁ ପୂର୍ବରୁ ବାପା ବିଛଣାରୁ ଉଠି ନିତ୍ୟକର୍ମ ସାରି ଦେଇଥିଲେ । ବାହାର ଅଗଣାରେ କାହାସହ କଥାବାର୍ତ୍ତା କରୁଥିଲେ, ତାଙ୍କ କଥାବାର୍ତ୍ତାରୁ ମୁଁ ବେଶ୍ ଅନୁମାନ କରିପାରୁଥିଲି ଯେ ସେମାନେ ମୋରି ବିଷୟରେ ହିଁ କଥାବାର୍ତ୍ତା କରୁଛନ୍ତି ।

ଅଧିରଥ ଭାଇ, ତୁମର ଆଉ ସବୁ ଖବର କ'ଣ । ଭାଉଜ ଗାଁରେ ଭଲ ଅଛନ୍ତି ତ ?

ଦାଣ୍ଡ ଅଗଣାରୁ ବାପା କହୁଥିଲେ କର୍ଣ୍ଣ! ବାହାରକୁ ଆ ଦେଖ୍ କିଏ ଆସିଛନ୍ତି ।

ବୁଝିଲ ସଂଜୟ । କର୍ଣ୍ଣ ଆମର ଭାରି ଲାଜୁକ । ତା'ଛଡ଼ା କାଲି ଟିକିଏ କ୍ଳାନ୍ତ ହୋଇପଡ଼ିଛି ତ, ତେଣୁ ସକାଳୁ ଉଠୁଉଠୁ ତାର ଡେରି ।

ପ୍ରକୃତରେ ମୋର ଡେରି ହୋଇ ଯାଇଥିଲା । ମୋତେ ଆଉ ବୁଝିବାକୁ ବାକି ରହିଲାନି ଯେ, ବାପା ସଂଜୟ କକାଙ୍କ ପାଖରେ ମୋ ବିଷୟରେ ହିଁ କହୁଛନ୍ତି । ସଂଜୟ କକାଙ୍କୁ ଯଦିଓ ମୁଁ ଦେଖିନଥିଲି ତଥାପି ତାଙ୍କ ବିଷୟରେ ବାପାଙ୍କ ଠାରୁ ଆଗରୁ ମୁଁ ଶୁଣିଥିଲି । ମହାରାଜଙ୍କ ସେ ପ୍ରିୟ ସାରଥୀ । ଖାଲି ତ ସାରଥୀ ନୁହଁନ୍ତି ସେ କୁଆଡ଼େ ମହାଜ୍ଞାନୀ ମଧ । ମହାରାଜ ଯାହା କରନ୍ତି ସଂଜୟକକାଙ୍କୁ ହିଁ ପଚାରି କରନ୍ତି । ସେ ତେଣୁ ମହାରାଜଙ୍କର ଜଣେ ପରାମର୍ଶଦାତା ଓ ଉପଦେଷ୍ଟା ମଧ ।

ବାହାରକୁ ଆସି ସଂଜୟ କକାଙ୍କ ଗୋଡ଼ତଳେ ମୁଣ୍ଡିଆ ମାରିଲି ।

ଦୀର୍ଘଜୀବୀ ହୁଅ । ତାଙ୍କର ଆଶୀର୍ମୟ ବାଣୀରେ କୃତକୃତ ହୋଇଯାଉଥିଲି । ଏକପ୍ରକାର କୋଳାଗ୍ରତ କରି ସେ ମୋତେ ଆଉଜାଇ ନେଲେ ତାଙ୍କ ବକ୍ଷଦେଶରେ । ମୋର ସାରା ଦେହରେ ହାତବୁଲାଇ ଆଣିଲେ । ଅଧିରଥ ଭାଇ, ଏ ପୁତ୍ର ସତରେ ଭାଗ୍ୟବାନ । ଏ ତ ସାଧାରଣ ସନ୍ତାନ ନୁହେଁ । କବଚ କୁଣ୍ଡଳର ଅଧିକାରୀ ଏକ ଦିବ୍ୟ ସନ୍ତାନ ବୋଲି ମନେ ହେଉଛି ।

ସଂଜୟ କକାଙ୍କ କଥାରେ ବାପା ଯେମିତି ମନେମନେ ଉତ୍‌ଫୁଲ୍ଲିତ ହୋଇ ଉଠୁଥିଲେ । ସତ କହୁଛି ସଂଜୟ । ମୁଁ ତ ବେଳେବେଳେ ନିଜେ ବି ବୁଝିପାରେନା, କି ବିଚିତ୍ର ଏ ସୃଷ୍ଟି । କି ଯତ୍ନରେ ବିଧାତା ଗଢ଼ିଛନ୍ତି ଏ ପୁତ୍ରକୁ । ସତେ ଯେମିତି ଦୈବଅଂଶରୁ ଏ ସନ୍ତାନ ଜାତ । ନ ହେଲେ କବଚ କୁଣ୍ଡଳ ତାର ଜନ୍ମଜାତ ହୁଅନ୍ତା କେମିତି ?

ମୁଁ ଲକ୍ଷ୍ୟ କରୁଥିଲି, ମୋର ଅଭେଦ୍ୟ କବଚ କୁଣ୍ଡଳ ନେଇ ଦୁହିଁଙ୍କ ମଧ୍ୟରେ ଚର୍ଚ୍ଚା ହେଉଥିଲା। ପିତା ମୋର କବଚ କୁଣ୍ଡଳର ରହସ୍ୟ ଉନ୍ମୋଚନ କରି ଚାଲିଛନ୍ତି । ଜାଣିଶୁଣି ମୁଁ ଟିକିଏ ଦୂରକୁ ଘୁଞ୍ଚିଆସିଲି । ଖାଲି ଭାବୁଥିଲି, ମୋ ପାଇଁ ବାପା ଖୁବ୍ ଗର୍ବିତ । ପୁତ୍ର ପାଇଁ ପିତୃହୃଦୟ କେତେ ମହାନ୍, ଉଦାର । ପୁତ୍ରର ଗୌରବରେ ପିତୃଜୀବନର ଚରମ ସାର୍ଥକତା ।

ସଂଜୟ କକା କହି ଚାଲିଥିଲେ, ମୁଁ ସବୁ ଜାଣିଛି ଭାଇ, ଦୈବୀକୃପା ନଥିଲେ ଏ କବଚ କୁଣ୍ଡଳର ଅଧିକାରୀ ହେବା କ'ଣ ଏତେ ସହଜ। ମୋତେ ଯେମିତି ଲାଗୁଛି ଏ ପୁତ୍ର ଦିନେ ମହାବୀର ହେବ ବଡ଼ ଯୋଦ୍ଧା ହେବ । ତୁଳସୀ ଦୁଇପତ୍ରରୁ ବାସିଲା ପରି ତାର ରୂପ, ଲାବଣ୍ୟଭରା ଚେହେରାରୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ବାରି ହୋଇପଡୁଛି ।

ମୁଁ କିଛି ଭାବିପାରୁ ନଥିଲି ସଂଜୟ କକା କ'ଣ ଭବିଷ୍ୟତ ବକ୍ତା ନା ଭାଗ୍ୟବିତ୍ । ମୋ ଉପରେ ଏମିତି ସେ ମନ୍ତବ୍ୟ ଦେଇପାରୁଛନ୍ତି କିପରି ? ନା ସେ ପୂର୍ବରୁ ମୋତେ ଜାଣିଛନ୍ତି । ମୋ ଆଖିରେ ସଂଜୟ କକା ଜଣେ ଦାର୍ଶନିକ ପାଲଟି ଯାଇଥିଲେ। କେଜାଣି କାହିଁକି ମୋର ଇଚ୍ଛା ହେଉଥିଲା ସଂଜୟ କକାଙ୍କ ସହ ଦାର୍ଶନିକ ତତ୍ତ୍ୱ ଆଲୋଚନା କରିବାକୁ। ତାଙ୍କର ଅସୀମ ଜ୍ଞାନର ଭଣ୍ଡାର ମଧ୍ୟରୁ କିଛିଟା ଜ୍ଞାନ ଆହରଣ କରିପାରିଲେ ମୋ ଜୀବନ ବି ହେବ ସାର୍ଥକ ।

ବାପା କହୁଥିଲେ ବୁଝିଲ ସଂଜୟ । ପୁଅକୁ ଗାଁରୁ ଆଣିଛି ଏଠି ରାଜକୁମାର ମାନଙ୍କ ସହ ବିଦ୍ୟା ଅଧ୍ୟୟନ କରିବ ବୋଲି ।



ବାଃ ଭାରି ଭଲ କଥା । ମହାରାଜ ରାଜି ହୋଇଛନ୍ତି ତ ?

ତେବେ, କଥା କ'ଣ କି ? ବାପାଙ୍କ ସ୍ୱର ଟିକିଏ ଥମିଗଲା ।

କ'ଣ ହେଲା ଭାଇ କୁହନା, ରହିଗଲ କାହିଁକି ?

କଥା କ'ଣ କି ? ମହାରାଜ ସିନା ରାଜି ହେଲେ, ଆଚାର୍ଯ୍ୟଦ୍ରୋଣ

ହଁ ସେ ରାଜପରିବାରର ଗୁରୁ, ରାଜକୁମାର ମାନଙ୍କର ଶିକ୍ଷାଗୁରୁ । କିନ୍ତୁ ରାଜକୁମାର ମାନଙ୍କ ବ୍ୟତୀତ ଅନ୍ୟ କାହାରିକୁ ଶିଷ୍ୟରୂପେ ଗ୍ରହଣ କରିବା ତାଙ୍କର ଇଚ୍ଛାଧୀନ ।

ବାପାଙ୍କ ମୁଖମଣ୍ଡଳ ବିଷାଦରେ ଭରି ଯାଇଥିଲା । ଚିନ୍ତାରେ ଆଚ୍ଛନ୍ନ ରହିଥିଲା । ମୁଁ କିଛି ବୁଝିପାରୁ ନଥିଲି । ମୁଁ ଏମିତି କ'ଣ କି, ଦ୍ରୋଣାଚାର୍ଯ୍ୟ ମୋତେ ଶିଷ୍ୟରୂପେ ଗ୍ରହଣ କରିବାକୁ ରାଜି ହେବେନି । ମୁଁ ସିନା ରାଜ ପରିବାରରେ ଜନ୍ମ ହୋଇନି । ହେଲେ, ମୋର ଶକ୍ତି, ବାହୁବଳ ଯେଉଁଦିନ ସେ ପ୍ରତ୍ୟକ୍ଷ ଜାଣିପାରିବେ ସେହିଦିନ ସେ ନିଶ୍ଚିତ ରାଜି ହେବେ। ବାପା ସେଥିପାଇଁ ଏତେ ବ୍ୟସ୍ତ ହେଉଛନ୍ତି କାହିଁକି ? ମୋର ଏ ପର୍ଯ୍ୟନ୍ତ ଗୁରୁଙ୍କ ସହ ଭେଟ ହୋଇନି, ମୁଁ ଆଗେ ସେଠି ପହଞ୍ଚିଯାଏ । ତାପରେ ଦେଖିବିନି କି, ଗୁରୁ ମୋତେ ଆଦର କରୁଛନ୍ତି କି ଫେରାଇ ଦେଉଛନ୍ତି ତାଙ୍କ ଆଶ୍ରମରୁ।

ସଂଜୟ କକା କହୁଥିଲେ, ବ୍ୟସ୍ତ ହୁଅନା ଅଧିରଥ ଭାଇ । ମୁଁ ଆଜି ହିଁ ମହାରାଜ ଓ ପିତାମହଙ୍କ କାନକୁ ଏ କଥାଟା ପହଞ୍ଚାଇ ଦେଉଛି । ତୁମେ ନିଜେ କର୍ଣ୍ଣକୁ ନେଇ ସେମାନଙ୍କ ସହ ସାକ୍ଷାତକର। ସାମନା ସାମନି ସବୁ ଆଲୋଚନା ହୋଇଯିବା । ମୁଁ ବି ସେଇ ସମୟରେ ମହାରାଜଙ୍କ ପାଖରେ ଥିବି । ଯଦି ଦରକାର ପଡ଼େ, ମହାରାଜଙ୍କ ଉପରେ ଚାପ ମଧ ପକାଇବି।

ମୁଁ କିଛି ବୁଝିପାରୁ ନଥିଲି ମୋ ବିଦ୍ୟାଶିକ୍ଷା ପାଇଁ ବାପା ଏମିତି କି ଅସୁବିଧାରେ ପଡୁଛନ୍ତି ଯେ ବ୍ୟସ୍ତ ହେଉଛନ୍ତି ମୋ ପାଇଁ । ମୁଁ କ'ଣ ସତରେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଠାରେ ବିଦ୍ୟାଶିକ୍ଷା ପାଇଁ ଯୋଗ୍ୟ ନୁହେଁ ? ନା ବିଦ୍ୟାଶିକ୍ଷା ପାଇଁ ମୋର ଅଧିକାର ନାହିଁ ।

ହୋଇପାରେ କ୍ଷତ୍ରିୟମାନଙ୍କ ପାଇଁ ଅସ୍ତ୍ରଶିକ୍ଷାର ଆବଶ୍ୟକତା ଜରୁରି । କାରଣ ରାଜ୍ୟର ରକ୍ଷକ ସେମାନେ । ତେବେ ଅନ୍ୟ କେଉଁ ଜାତି ପାଇଁ ଶିକ୍ଷାର ବାରଣ ତ ନାହିଁ । ଶିକ୍ଷା ଲାଭ କରିବାରେ ପୁଣି ଜାତି କ'ଣ ? ଅସ୍ତ୍ରଶିକ୍ଷା ପାଇଁ ଯଦି ଜଣକର ବଳ, ଶକ୍ତି, ସାହସ ଥାଏ ତେବେ ସେଥିରୁ ତାକୁ ବଞ୍ଚିତ କରାଯିବ କାହିଁକି ?

ମୋ ମନରେ ଅନେକ ପ୍ରତିପ୍ରଶ୍ନ ଜାଗୁଥିଲା। ବାପା ମୋର ଅଶ୍ୱଚାଳକ ହେଲେ ବୋଲି ମୁଁ ବି ଅଶ୍ୱଚାଳକ ହେବାକୁ କ'ଣ ବାଧ ? ଯେକୌଣସି କର୍ମକୁ ବାଛିନେବା ସେ ତ ନିଜସ୍ୱ ଆଗ୍ରହ, ଇଚ୍ଛା ଉପରେ ନିର୍ଭର କରେ । ମୋ ମନରେ ଯଦି ଅସ୍ତ୍ରଶିକ୍ଷା ପାଇଁ ଆଗ୍ରହ ହେଉଛି ତେବେ ମୋତେ କିଏ କାହିଁକି ବାଧାଦେବ ? ତା ଛଡ଼ା ଅଶ୍ୱଚାଳକ ହେବା ପରିବର୍ତ୍ତେ ମୁଁ ଯଦି ଅସ୍ତ୍ରଶିକ୍ଷା କରି ଅଶ୍ୱାରୋହୀଟିଏ ହୋଇପାରିଲି ତେବେ, ସେ ପାଇଁ ଅନ୍ୟ ମାନଙ୍କର ଗର୍ବ କରିବା ଉଚିତ । ମେଧାବଳରେ ଯିଏ ଯେଉଁ କର୍ମରେ ନିପୁଣ ହୋଇପାରିଲା ତାହା ତ ଖୁସିର କଥା । ଏଥିରେ ସମସ୍ତଙ୍କର ଆନନ୍ଦିତ ହେବା କଥା । ଅଥଚ ମୋ ଶିକ୍ଷାକୁ ନେଇ ବାପା ବ୍ୟସ୍ତ । ସଂଜୟ କକା ଚିନ୍ତିତ, କାହିଁକି ? କ'ଣ ପାଇଁ? ମୋ ମନ କହୁଛି ମୁଁ ଅସ୍ତ୍ରଶିକ୍ଷା କରିପାରିବି । ବେଶ୍ ଭଲଭାବେ କରିପାରିବି । ମୋତେ କେହି ଅଟକାଇ ପାରିବେନି ।

ସଂଜୟକକା ଆମ ଘରୁ ଚାଲି ଯାଇଥିଲେ। ଗଲାବେଳେ ବାପାଙ୍କୁ କହି ଯାଇଥିଲେ, ଖୁବ୍ ଶୀଘ୍ର ମୋତେ ନେଇ ମହାରାଜଙ୍କ ସହ ଭେଟ କରାଇ ଦେବାକୁ । ମୋତେ ତେଣୁ ବାପା ଖୁବ୍ ଶୀଘ୍ର ଯିବାପାଇଁ ପ୍ରସ୍ତୁତ ହେବାକୁ କହୁଥିଲେ ।

ସୂର୍ଯ୍ୟଙ୍କ ତେଜ କ୍ରମଶଃ ବଢୁଥାଏ । ବଢୁଥାଏ ବି ତାତି । ସାରା ଅଗଣାରେ ବିଛୁଡ଼ି ହୋଇ ପଡୁଥାଏ ସୂର୍ଯ୍ୟାଲୋକ । ସୂର୍ଯ୍ୟମଣ୍ଡଳ ଆଡ଼େ ଚାହିଁଲି । ପୂର୍ବପରି ତାଙ୍କର ହସହସ ମୁହଁ । ମନେମନେ ତାଙ୍କୁ କହିଲି । ମୋର ଆଶା ପୂରଣ ହେବ ତ ? ଦ୍ରୋଣାଚାର୍ଯ୍ୟଙ୍କ ଶିଷ୍ୟ ହୋଇପାରିବି ତ ? ଅନୁଭବ କଲି, ସୂର୍ଯ୍ୟଦେବ ମୋତେ ଆଶୀର୍ବାଦର ହାତ ତୋଳି ଅଭୟ ଦେଉଛନ୍ତି ।

(କ୍ରମଶଃ)


ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


## ଆଜିର କବିତା

### ସ୍ମୃତିର ପସରା

ରଶ୍ମୀ ସାମଲ



ସମ୍ପର୍କ ଏମିତି ତ ଥିଲା
ଚାଲୁଥିଲେ ଆମେ ସାଥି ହୋଇ
ଦେଖୁଥିଲା ଯିଏ ଇର୍ଷା କରୁଥିଲା
ଲାଖି ଯାଉଥିଲା ତାର ଲାଖି।

ସେ ଦିନର ତୁମ ଟିକେ ଅଣଦେଖା
ବର୍ଷାର ପାଣି ବୁନ୍ଦାପରି
ଝରି ଆସିଲା ଆଖି କୋଣରୁ
ଦୁଇ ଧାର ଲୁହର ଝରଣା ହୋଇ।

ସବୁ ଅଧା ରହିଗଲା
ଆମ ଭିତରର କଥା ଦିଆ ନିଆ
ସତେ ଯେପରି ଛିଟି କି ପଡିଲା
କକ୍ଷପଥ ରୁ ଲକ୍ଷହୀନ
ଉଲକା ଖଣ୍ଡ ପରି।

ତଥାପି ବେଳେ ବେଳେ
ମନର ଝରକା ଖୋଲି
ତୁମ କଥା ସବୁ ଚମକାଏ
ଚାଲି ଆସି ସ୍ମୃତିର ପସରା ମେଲି।

ଜୀବନ ବେଳା ଭୂମିରେ
ସ୍ମୃତି ସବୁ ଉତ୍ତାଳ
ଢେଉ ହୋଇ ପିଟି ହୁଅନ୍ତି ସିନା
ହେଲେ ହଜି ଯାଇଥିବା
ଦିନ ଆଉ ଫେରିନି।

ଆପେ ଆପେ ମୁଣ୍ଡ
ଟେକୁଥିବା ମନଟା
ଓଠର ସେହି ଚେନାଏ
ହସ ସତେ ଯେପରି
ମେଘ ଢଙ୍କା ଆକାଶରେ
ଲୁଚି ରହି ଯାଆନ୍ତି।


+ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫


## ଆଜିର ଗଳ୍ପ



ମମତା ଆଚାର୍ଯ୍ୟ

# ମା' ତୁମ୍ଭେ ସଲାମ



ଯେତିକି ବିଳମ୍ବ ହେଉଥିଲା ଅଜୟ ସେତିକି ବ୍ୟସ୍ତ ହେଇ ପଡୁଥିଲା । ତାକୁ ଯାଇ ଭୁବନେଶ୍ୱର ପାଇଁ ବସ୍ ଧରିବାକୁ ପଡିବ । ପଅରଦିନ ତାର ସକାଳ ଦଶଟାରେ ଓଡିଶା ପ୍ରଶାସନିକ ସେବା ପାଇଁ ସାକ୍ଷାତକାର ପରୀକ୍ଷା ଅଛି । ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସାରିଛି ସେ । ସାକ୍ଷାତକାରରେ ଉତ୍ତୀର୍ଣ୍ଣ ହେଇଗଲେ ସେ ହେବ ତାଙ୍କ ପଞ୍ଚାୟତର ପ୍ରଥମ ଓଡିଶା ପ୍ରଶାସନିକ ଅଧିକାରୀ । ହେଲେ ଦୁର୍ଯୋଗକୁ ଦେଖ । ରାସ୍ତା ମଝିରେ ଗାଁରୁ ବାହାରିଥିବା ଗାଡିର ବ୍ରେକ୍ ଡାଉନ୍ ହେଇଯାଇଛି । କ୍ଲିନର ଡ୍ରାଇଭର ଓ କଣ୍ଡକ୍ଟର ସମସ୍ତେ ମିଶି ଚେଷ୍ଟା କରିବା ସତ୍ତ୍ୱେ ଦୁଇ ଘଣ୍ଟା ବିତି ଗଲାଣି ସିନା ଗାଡିଟି ଷ୍ଟାର୍ଟ ହେଉନି । ସବୁ ଯାତ୍ରୀଙ୍କ ମୁହଁରେ ବ୍ୟସ୍ତତାର ଛାପ । ଗାଡିରୁ ଓହ୍ଲାଇ ଏପଟ ସେପଟ ହେଉ ଥାଆନ୍ତି ସମସ୍ତେ । ଗୋଟିଏ ଗୋଟିଏ ମିନିଟ୍ ଗୋଟିଏ ଗୋଟିଏ ଘଣ୍ଟା ପରି ଲାଗୁଥାଏ ତାକୁ । ଏଇ ନିକାଞ୍ଚନ ଜାଗାରେ ଅନ୍ୟ ଗାଡି ମିଳିବା ବି ମୁସ୍କିଲ । ଠାକୁରଙ୍କୁ ଡାକି ଅପେକ୍ଷା କରିବା କଥା । ଏଇ ଗୋଟିଏ ମାତ୍ର ବସ୍ ତାଙ୍କ ଗାଁରୁ ଆସେ ସହରକୁ । ସହର ଆସି ଭୁବନେଶ୍ୱର ବସ୍ ଧରି ଥାଆନ୍ତା ସେ । ହେଲେ ଏତେ ଡେରି ହେଇଗଲାଣି । ସେ ଆଜି ନିଶ୍ଚୟ ଭୁବନେଶ୍ୱର ବସ୍‌ଟିକୁ ଧରି ପାରିବନି । ଏମିତି ଭାବନା ଭିତରେ ଅସ୍ଥିର ହୋଇ ଏପଟ ସେପଟ ହେଉଥିବା ବେଳେ ବସ୍ ଷ୍ଟାର୍ଟ ହେବାର ଶବ୍ଦ ଶୁଭିବାରୁ ବାହାରେ ବୁଲୁଥିବା ସବୁ ଯାତ୍ରୀ ଚଟାପଟ୍ ବସ୍ ଭିତରକୁ ପଶିଗଲେ । ସିଏ ବି ନିଜ ସିଟ୍‌ଟିରେ ବସିପଡି ଘଣ୍ଟାକୁ ଚାହିଁ କାନ୍ଦ କାନ୍ଦ ହେଇଗଲା । ଆଜି ଆଉ ତାକୁ ଭୁବନେଶ୍ୱର ବସ୍ ମିଳିବ ନାହିଁ । ଏଇ ଅଧା ବାଟରୁ ଘରକୁ ଫେରିବା ବି ଅସମ୍ଭବ । କଣ କରିବ ସେ ? ଚିନ୍ତାରେ ମୁଣ୍ଡ ଟାଇଁ ଟାଇଁ ହେଇ ବିନ୍ଧୁଥିଲା । ଭାଗ୍ୟ ଭଲ ମଝିରେ ଗୋଟିଏ ଦିନ ଅଛି ସାକ୍ଷାତକାର ପରୀକ୍ଷା ପୂର୍ବରୁ । କିନ୍ତୁ ଏଇଟା ନିଧାର୍ଯ୍ୟ ଯେ ତାକୁ ଆଜି ବସ୍ ଷ୍ଟାଣ୍ଡରେ ରାତି କଟେଇବାକୁ ପଡିବ । ଏଇମିତି ଭାବନା ଭିତରେ ବସ୍‌ଟି ବସ୍ ଷ୍ଟାଣ୍ଡରେ ପହଞ୍ଚି ଗଲା । ଧାଇଁ ଯାଇ ଆକୁଳରେ ଭୁବନେଶ୍ୱର ବସ୍‌ଟିକୁ ଖୋଜି ପକେଇଲା ସେ। ସତକୁ ସତ ପନ୍ଦର ମିନିଟ୍ ପୂର୍ବରୁ ଭୁବନେଶ୍ୱର ବସ୍‌ଟି ଛାଡି ଦେଇଥିଲା ଷ୍ଟାଣ୍ଡ । ଯାତ୍ରୀମାନେ ଓହ୍ଲେଇ ଯିଏ ଯାହାର ଚାଲିଗଲେ ଗନ୍ତବ୍ୟ ସ୍ଥଳକୁ । ଶୀତ ରାତି, ସାଢେ ଦଶ ବେଳକୁ ସବୁ ଖାଁ ଖାଁ । ଦୁଇ ତିନୋଟି ଲୋକ ଯାହା ଆତଯାତ ହେଉଥିଲେ। ଗାଁରୁ ଆସିଥିବା ବସ୍‌ଟି ଯାତ୍ରୀ ମାନଙ୍କୁ ଛାଡି ଫେରିଗଲାଣି କେତେବେଳୁ । ଚାରିଆଡ ଶୂନଶାନ। ବିକଳରେ ଏପଟ ସେପଟ ଅନେଇ ଦେଖିଲା ଖୋଲାଥିବା ଏକମାତ୍ର ଚା ଦୋକାନୀଟି ବି ତା ଦୋକାନ ବନ୍ଦ କରି ଫେରି ଯିବାକୁ ବସିଲାଣି । କଣ କରିବ ସେ। ବ୍ୟାଗଟିକୁ ଧରି ଯାତ୍ରୀ ଅପେକ୍ଷା ଗୃହକୁ ଯାଇ ସିମେଣ୍ଟ ବେଞ୍ଚିରେ ବସି ପଡିଲା ଥକ୍କା ମାରି। ଆଉ କିଛି ଉପାୟ ନାହିଁ । ଏଇଠି ହିଁ ରାତି ବିତେଇବାକୁ ପଡିବ ତାକୁ । କାଲି ସକାଳେ ଆଠଟାରେ ଥିବା ଆଉ ଗୋଟିଏ ଭୁବନେଶ୍ୱର ଯାଉଥିବା ବସ୍ ତାକୁ ଧରିବାକୁ ପଡିବ । ଛୋଟିଆ ଷ୍ଟାଣ୍ଡଟିରେ ନିସ୍ତବ୍ଧତା ଛାଇ ଗଲାଣି ସେତେବେଳକୁ। ପିଲାଦିନୁ ଭୂତ ଭୟ ନାହିଁ ତାର। ବ୍ୟାଗ୍‌ରେ କେବଳ ସାର୍ଟିଫିକେଟ୍ ଓ କିଛି ଡ୍ରେସ୍ ବ୍ୟତିରେକେ ଆଉ କିଛି ଦାମୀ ଜିନିଷ ନାହିଁ । ଏଣୁ ଚୋର ତସ୍କରକୁ ବି ଭୟ କରିବାର ନାହିଁ ।

ଡିସେମ୍ବର ମାସର ମଞ୍ଜ ଥରା ଶୀତ । ମଙ୍କି କ୍ୟାପ୍ ଓ ସୁଇଟର ପିନ୍ଧିଥିଲେ ବି ଜାଡରେ ଦେହ ଥରି ଉଠୁଥାଏ ତାର । ଖାଇବାକୁ ଇଛା ନାହିଁ । କିନ୍ତୁ ଖାଲି ପେଟରେ ନିଦ ହେବନି । ଏମିତି ବିଚାରି ବ୍ୟାଗର ସାଇଡ ପକେଟ୍‌ରୁ ବିସ୍କୁଟ ପ୍ୟାକେଟ୍‌ଟିଏ କାଢି ଖାଇଲା । ଦୁଇ ଢୋକ ପାଣି ପିଇ ଅଳସ ଭାଙ୍ଗି ଚଦର ଖୋଜିଲା ବେଳକୁ ଦେଖିଲା ଚଦର ନାହିଁ । ଧେତ୍ ତେରି । ଖଟ ଉପରେ ସଜାଡି ରଖିଥିଲା ଆଣିବାକୁ । ହେଲେ ଶେଷ ମୁହୂର୍ତ୍ତରେ ଭୁଲି ଯାଇଛି ପୁରେଇବାକୁ । ଶୀତର ପ୍ରକୋପ ବଢୁଥାଏ । କଣ କରିବ ସେ। ଅନ୍ତତଃ ଚଦରଟିଏ ଆଣିଥିଲେ ଘୋଡୀ ହେଇ ଶୋଇବାକୁ ଚେଷ୍ଟା କରିଥାଆନ୍ତା । ମା' କଥା ମନେ ପଡି ଆଖିରୁ ଦି ଧାର ଲୁହ ଗଡି ପଡିଲା ତାର । ଦି ବର୍ଷ ହେଲାଣି ମା' ତାର ଚାଲିଗଲାଣି ଆରପୁରକୁ । ସେ ଥିଲେ ଆଜି ନିଶ୍ଚୟ ମନେକରି ଚଦର ଖଣ୍ଡେ ପୁରେଇ ଦେଇଥାନ୍ତା ତା ବ୍ୟାଗଟିରେ । ମା' ଲୋ ବୋଲି ଏକ ଅସ୍ପଷ୍ଟ ଚିତ୍କାର ପାଟିରୁ ବାହାରି ମିଳେଇ ଗଲା ଶୂନ୍ୟରେ। ଏ ଶୀତ ରାତି କଟିବ କେମିତି । ବସି ବସି ଅଣ୍ଟା କାଟିବାରୁ ବ୍ୟାଗଟିକୁ ତକିଆ କରି ମୁଣ୍ଡରେ ଦେଇ ଦି ହାତ ଆଣ୍ଠୁ ସନ୍ଧିରେ ଜାକି ଶୋଇବାକୁ ଚେଷ୍ଟା କଲା ସେ । କିଛି ସମୟ ଯାଇଛି କି ନାହିଁ କାହାର ଅନୁନାସିକ କଣ୍ଠସ୍ୱର ଶୁଣି ଅଜୟ ପୁଣି ଉଠିବସିଲା। ସ୍ୱର ଆସୁଥିବା ଦିଗ ଆଡକୁ ଚାହିଁ ଦେଖିଲା ଏକ ମହିଳା ବତୀ ଖୁଣ୍ଟ ପାଖ ସେଇ ଝଙ୍କାଳିଆ ବରଗଛ ମୂଳେ ବସି ପଡିଲା। ଏତେ ରାତିରେ ଏକାକିନୀ କିଏ ହେଇପାରେ । ଛାଇ ଆଲୁଅ ଭିତରେ ପାଗେଳୀଟିଏ ପରି ଲାଗୁଥିଲା ଅଜୟକୁ। ଦେଖିଲା ନାରୀ ମୂର୍ତ୍ତି ଟି ସେଇଠି ବସିପଡି ପୁଟୁଳିରୁ କିଛି କାଢି ଖାଇଲା । ତା ପରେ ପୁଣି ପୁଟୁଳିଟି ଧରି ଏପଟ ସେପଟ ଟିକିଏ ପଇଁତରା ମାରି ସିଧା ମୁହେଁଇଲା ସେଇ ଯାତ୍ରୀ ଅପେକ୍ଷା ଗୃହକୁ । ସେ ପହଞ୍ଚିବା ଆଗରୁ ଅଜୟ ଗଡି ପଡି ଶୋଇବାର ଛଳନା କଲା । ଦେଖିଲା ପାଗେଳୀଟି ତା ପାଖକୁ ଆସି ତାକୁ ଧୀରେ ଅନେଇଲା ଓ ପୁଣି କିଛି ଅସ୍ପଷ୍ଟ କଥା କହି ସେଇ ଅପେକ୍ଷା ଗୃହର ଗୋଟିଏ କୋଣକୁ ଯାଇ ଶୋଇବାର ଉପକ୍ରମ କଲା । ପାଗେଳୀଟି ନ ଜାଣି ପାରିଲା ଭଳି ଅଜୟ ତାକୁ ବାରମ୍ବାର ଚାହୁଁଥାଏ । ମଝିରେ ମଝିରେ ପାଗେଳୀଟି ମନକୁ ମନ କିଛି ବିଡି ବିଡଉ ଥାଏ। ଏମିତି କିଛି ସମୟ ବିତିଗଲା ପରେ ପାଗେଳୀର ପାଟି ତୁଣ୍ଡ ଆଉ ଶୁଭିଲା ନାହିଁ । ଏଣୁ ଅଜୟ ନିଶ୍ଚିନ୍ତରେ ଶୋଇବାକୁ ଚେଷ୍ଟା କଲା । ଶୀତ ପାଇଁ ଅନେକ ସମୟ ଧରି ତାକୁ ନିଦ ତ ହେଇ ନଥିଲା । ହେଲେ କେତେବେଳେ ତାକୁ ନିଦ ଲାଗିଯାଇଛି କେଜାଣି ଭୋ'ରୁ ଭୋ'ରୁ ଲୋକମାନଙ୍କର ଆତଯାତ ଓ ପାଟି ଶୁଣି ଉଠି ବସିଲା ସେ । ଭିଡି ମୋଡି ହେଇ ଉଠିଲା ବେଳକୁ ତା ଦେହରୁ ଖସି ପଡିଲା ଛିଣ୍ଡା କମ୍ବଳ ଟିଏ । ହେ ଭଗବାନ । ରାତିରେ କିଏ ଆଉ ଆସି ତାକୁ କମ୍ବଳ ଘୋଡେଇ ଦେଇଥିବ । ସେ କାଲି ଦେଖିଥିଲା ପାଗେଳୀଟି ଏଇମିତି ଏକ କମ୍ବଳ କାଢୁଥିଲା ତା ପୁଟୁଳିରୁ । ଚାରିଆଡେ ଆଖି ବୁଲେଇ ଖୋଜି ପକେଇଲା ପାଗେଳୀଟିକୁ ମନେ ମନେ । ହେଲେ ପାଗେଳୀ କାଇଁ ? ଆଠଟାରେ ଭୁବନେଶ୍ୱର ବସ୍ ଆସି ଲାଗିଯିବ ଷ୍ଟାଣ୍ଡରେ । ଏଣୁ ଆଉ ବିଳମ୍ବ ନକରି ପାଖରେ ଥିବା ପାଣିକଳଟିରେ ଦାନ୍ତ ଘଷି ସେଇଠି ଥିବା ଏକମାତ୍ର ଚା ଦୋକାନ ଆଡକୁ ମୁହେଁଇଲା ସେ । ଦୋକାନୀକୁ କମ୍ବଳଟି ଦେଖାଇ କାଲି ରାତିର ଘଟଣା ବିଷୟରେ ସବିଶେଷ ବର୍ଣ୍ଣନା କଲା ଅଜୟ। ଦୋକାନୀଟି ସବୁ କଥା ଶୁଣି କହିଲା – ସେ ପାଗେଳୀଟିର ଘର ଏଇ ପାଖ ଗାଁ ରେ । ଭାରି ଦୁଃଖିନୀ ଟିଏ । ଆପଣାର ବୋଲି କେହି ତ ନଥିଲେ । କେବଳ ବାଇଶି ବର୍ଷର ଭେଣ୍ଡିଆ ପୁଅକୁ ଧରି କୁଡିଆଟିରେ ରହୁଥିଲା ସେ । ପୁଅଟି ପଢିଥିଲେ ଦୁଃଖ ଅଭାବ ଯାଇଥାଆନ୍ତା। ମୂଳ ଲାଗି ପୁଅକୁ ପଢାଉଥିଲା। ହେଲେ ପାଞ୍ଚ ବର୍ଷ ତଳେ ପୁଅଟି ମରିଗଲା ହୃଦଘାତରେ । ସେଇ ଦିନଠୁଁ ବିଚାରୀ ପାଗେଳୀ ହେଇ ଯାଇଛି । ଦିନସାରା ଏଇମିତି ଇଆଡେ ସିଆଡେ ବୁଲେ ଓ ଯିଏ ଯାହା ଖାଇବାକୁ ଦିଏ ଖାଇଦିଏ । ରାତିରେ ଆସି ଯାତ୍ରୀ ଅପେକ୍ଷା ଗୃହରେ ଶୁଏ । ଏତିକି କହି ଦୋକାନୀଟି ଗରମ ଚା ସହ ନିମିକି ଦୁଇଟି ଅଜୟ ହାତକୁ ବଢେଇଦେଲା । ଏହା ଭିତରେ ଭୁବନେଶ୍ୱର ବସ୍ ଆସି ଷ୍ଟାଣ୍ଡରେ ଲାଗି ସାରିଥିଲା । ଚାହା ପିଇ ସାରି ଅଜୟ ପୁଣି ଥରେ ଏପଟ ସେପଟ ହୋଇ ପାଗେଳୀଟିକୁ ଖୋଜିଲା । ପାଗେଳୀଟିକୁ ପାଇଥିଲେ ତା କମ୍ବଳଟିକୁ ଫେରେଇ ଦେଇଥାନ୍ତା । ବସ୍ ଛାଡିବାର ବେଳ ହେବାରୁ ଶେଷରେ ଅନନ୍ୟ ଉପାୟ ହେଇ ସେଇ କମ୍ବଳଟିକୁ ଅପେକ୍ଷା ଗୃହର ବେଞ୍ଚ ଉପରେ ଥୋଇଦେଇ ଆସିଲା । ଦୋକାନୀଟି ତା ବ୍ୟସ୍ତତା ଦେଖି କହିଲା –ବାବୁ ଚିନ୍ତା କରନ୍ତୁ ନାହିଁ । ପାଗେଳୀ ଆସିଲେ ସେ ତା କମ୍ବଳଟିକୁ ନେଇଯିବ ନଚେତ ମୁଁ ତାକୁ ମନେ କରି ଦେଇଦେବି । ଏ ଖଣ୍ଡିଆ କମ୍ବଳକୁ କିଏ ବା କାହିଁକି ନେବ। ଦୋକାନୀଠାରୁ ଅଶ୍ୱାସନା ପାଇ ବସ୍‌ରେ ଚଢିଲା ଅଜୟ । ମନେ ମନେ ଭାବୁଥିଲା , ସବୁ ମା' ବୋଧେ ଏକାପରି । ସେ ପାଗେଳୀ ହେଉ କି ଭଲ ମା'ଟିଏ ହେଉ। ମଣିଷଠାରୁ ଆରମ୍ଭ କରି ପଶୁ ପକ୍ଷୀ ପର୍ଯ୍ୟନ୍ତ ସବୁ ମାତୃ ହୃଦୟରେ ବହୁଥାଏ ବାତ୍ସଲ୍ୟର ଅଦୃଶ୍ୟ ମନ୍ଦାକିନୀ ଟିଏ । ବସ୍ ହର୍ଣ୍ଣ ଦେଇ ଛାଡିବାର ଉପକ୍ରମ କଲା । ବସରେ ବସି "ମା' ତୁମ୍ଭେ ସଲାମ" ଧାଡି ଟିକୁ ଗୁଣୁଗୁଣେଇ ଅଜୟ କୋଟି ସଲାମ କରୁଥିଲା ସେଇ ପାଗେଳୀ ମା' ଟିକୁ ।


+ କ୍ୱାର୍ଟର୍ ନଂ-ଡି-୪୪, ସେକ୍ଟର-୩,
ନାଲ୍‌କୋ ଟାଉନସିପ୍, ଦାମନଯୋଡ଼ି,
କୋରାପୁଟ-୭୬୩୦୦୮

# ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ



ବାରିପଦା ,୩।୩ (ନି.ପ୍ର): ନାସା ଫାଉଣ୍ଡେସନ ପକ୍ଷରୁ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ବିଜ୍ଞାନ ଦିବସ କୋଭିଡ ନିୟମ ପାଳନ ପୂର୍ବକ ପାଳିତ ହୋଇଯାଇଛି । ନାସା ଫାଉଣ୍ଡେସନର ସଭାପତି ଡଃ ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ସୁଦର୍ଶନ ପଣ୍ଡା ମୁଖ୍ୟଅତିଥି, ପୂର୍ବତନ ବିଜ୍ଞାନ ପରିଦର୍ଶକ କେଶବ ଚନ୍ଦ୍ର ସାହୁ ମୁଖ୍ୟବକ୍ତା, ଶିକ୍ଷକ ଅମିତାଭ ମିଶ୍ର, ଅତୁଲ କୁମାର ପରିଡା, ଦିଲ୍ଲିପ କୁମାର ମିଶ୍ର ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଜାତୀୟ ବିଜ୍ଞାନ ଦିବସ ପାଳନର ତାତ୍ପର୍ଯ୍ୟତା ବିଷୟରେ ଆଲୋଚନା କରିଥିଲେ । ବିଜ୍ଞାନ ଓ ଅନ୍ଧ ବିଶ୍ୱାସ ଶିର୍ଷକ ରେ ଅନୁଷ୍ଠିତ ଏକ ବକ୍ତୃତା ପ୍ରତିଯୋଗୀତାରେ ବିଜ୍ଞାନ ଶିକ୍ଷକ ନୟନ କୁମାର ଗିରି ଓ ଅଧ୍ୟାପକ ଅଶୋକ ପୃଷ୍ଟି ବିଚାରକ ଭାବରେ ଯୋଗଦେଇଥିବା ବେଳେ, ଶିକ୍ଷକ ମନୋଜ କୁମାର ପରିଡା, ଉପେନ୍ଦ୍ର ନାଥ ବେହେରା, ନୁକିରାମ ସିଂ, ଦେବସ୍ମିତା ପୁଥାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶିକ୍ଷକ ଅମୂଲ୍ୟ କୁମ୍ଭକାର ଧନ୍ୟବାଦ ଅର୍ପଣ କରିଥିବା ବେଳେ, କଲେଜ ସ୍ତରୀୟ ପ୍ରତିଯୋଗୀତାରେ ଅପର୍ଣ୍ଣା ସିଂ ପ୍ରଥମ, ଅଭିଶେକ ବେହେରା ୨ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସେହିପରି ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗୀତାରେ ଜିଜ୍ଞାସୁ ଦାସ ପ୍ରଥମ, ମନିଷା ମହାପାତ୍ର ୨ୟ ଏବଂ ସୁକନ୍ୟା ପ୍ରିୟ ଦର୍ଶୀନୀ ୩ୟ ସ୍ଥାନ ଅଧିକାର କରି ଥିବା ସହିତ ବର୍ଷା ପ୍ରିୟଦର୍ଶିନୀ ସ୍ୱତନ୍ତ୍ର ଭାବରେ ପୁରସ୍କୃତ ହୋଇଥିବାର ଜଣାଯାଇଛି ।

# ଜନସଂଖ୍ୟା ନିୟନ୍ତ୍ରଣ ଦିଗରେ ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

କନ୍ଧମାଳ,୦୨ ମାର୍ଚ୍ଚ(ହି.ସ.)- ଦିନକୁ ଦିନ ଦେଶରେ ଦ୍ରୁତ ଗତିରେ ବଢୁଥିବା ଜନସଂଖ୍ୟାକୁ ଦୃଷ୍ଟିରେ ରଖି କନ୍ଧମାଳ ଜିଲ୍ଲା ଫାଉଣ୍ଡେସନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ସହକାରୀ ଜିଲ୍ଲାପାଳ ରବିନ ଚର୍ଚ୍ଚିଲ ମିଶ୍ରଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ଦେଶରେ ଦୃତ ଜନସଂଖ୍ୟା ବୃଦ୍ଧି ବିକାଶରେ ପ୍ରତିବନ୍ଧକ ହେଉଛି । ଭାରତରେ ପୃଥିବୀର ସ୍ଥଳ ଭାଗ ମଧ୍ୟରୁ ମାତ୍ର ୨.୪%ରହିଥିବା ବେଳେ ପୃଥିବୀର ଜନସଂଖ୍ୟାର୧୬.୭% ଲୋକ କେବଳ ଭାରତରେ ବାସ କରୁଛନ୍ତି । ବର୍ତ୍ତମାନ ଦେଶରେ ୧୩୮କୋଟି ନାଗରିକ ବାସ କରୁଥିବା ବେଳେ ବିଭିନ୍ନ ଅଂଚଳରେ ମୁକ୍ତ ବାୟୁ ମିଳିବା କଷ୍ଟକର ହେଲାଣି ପାନୀୟ ଜଳ ସମେତ ଦୈନନ୍ଦିନ ବ୍ୟବହୃତ ପାଣିର ସମସ୍ୟା ଭାବରେ ଉଭା ହୋଇଛି । ଜନସଂଖ୍ୟା ଯୋଗୁଁ ଜଙ୍ଗଲ ନଷ୍ଟ ହେବା ସାଙ୍ଗକୁ ପର୍ଯ୍ୟାବରଣ ନଷ୍ଟ ହେଉଛି । ଚାଷ ଜମିର ଅଭାବ ପରିଲକ୍ଷିତ ହେଲାଣି । ବେକାରୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଛି । କୁପୋଷଣ,ଖାଦ୍ୟାଭାବ ଗମନାଗମନ ଅସୁବିଧା ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେଉଛି । ବେକାରୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବାରୁ ଲୋକମାନେ ଦେଶ ବିଦେଶକୁ ଦାଦନ ଖଟିବାକୁ ଯାଉଛନ୍ତି । ଆମ ଦେଶରେ ପ୍ରତି ଘଂଟାରେ ୩୦୦୦ ଏବଂ ପ୍ରତ୍ୟେକ ଦିନ ୭୨୦୦୦ ନବଜାତ ଶିଶୁ ଜନ୍ମ ନେଉଛନ୍ତି । ଯଦି ଏହି ହିସାବରେ ଜନ୍ମହାର ବୃଦ୍ଧି ପାଇଲେ ଆସନ୍ତା ୨୦୪୦ବେଳକୁ ଦେଶର ଜନସଂଖ୍ୟା ୨୦୦କୋଟିରୁ ହେବ । ଯେତେବେଳେ ଏତେ ବଡ ଜନସଂଖ୍ୟାକୁ ବାସଗୃହ ନିର୍ମାଣ ନିମନ୍ତେ ଜମି ଯୋଗାଇବା ଅସମ୍ଭବ ହେବ ପାନୀୟ ଜଳ ମିଳିବ ନାହିଁ । ଜଙ୍ଗଲ ନଷ୍ଟ ହୋଇ ପର୍ଯ୍ୟାବରଣ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇଯିବ । ଏବଂ ଶେଷରେ ଖାଦ୍ୟ ପାଇଁ ଗୃହ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବ । ଏଣୁ ଆଗାମୀ ଦିନରେ ଦେଶକୁ ସୁରକ୍ଷିତ ରଖିବା ପାଇଁ ଆମଦେଶରେ କଠୋର ଜନ୍ମ ନିୟନ୍ତ୍ରଣ ଆଇନ ପ୍ରଣୟନ କରିବାକୁ ଜନସଂଖ୍ୟା ସମାଧାନ ଫାଉଣ୍ଡେସନ କନ୍ଧମାଳ ଜିଲ୍ଲା ଶାଖା ତରଫରୁ ଦୃଢ଼ ଦାବୀ କରାଯାଉଛି । ଯଦି କୌଣସି ନାଗରିକ ପ୍ରଣୀତ ଆଇନ ଅମାନ୍ୟ କରି ତୃତୀୟ ସନ୍ତାନ ଜନ୍ମ ଦିଅନ୍ତି । ତେବେ ସେମାନଙ୍କୁ ପ୍ରତି କଠୋର ଦଣ୍ଡ ବ୍ୟବସ୍ଥା ହେଉ । ଏଥି ସହ ଆଇନ ଅମାନ୍ୟକାରୀଙ୍କୁ ଦଶ ବର୍ଷର କାରାଦଣ୍ଡର ବ୍ୟବସ୍ଥା ସାଙ୍ଗକୁ ଆର୍ଥିକ ଦଣ୍ଡର ବ୍ୟବସ୍ଥା କରିବାକୁ ଦୃଢ଼ ଦାବି କରାଯାଉଛି ।

## ସଂଗ୍ରାମୀ ଭବନ ପାଇଁ ଧାରଣା ଦେବେ ସ୍ୱାଧିନତା ସଂଗ୍ରାମୀ

କେନ୍ଦ୍ରାପଡ଼ା,୩।୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଥିବା ସ୍ୱାଧିନତା ସଂଗ୍ରାମୀ ମାନଙ୍କ ସଂଘ ପକ୍ଷରୁ ସଂଗ୍ରାମୀ ଭବନ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି କରାଯାଉ ଥିଲେ ମଧ ଏହା ସଫଳ ହେଉ ନଥିବାରୁ ସ୍ୱାଧିନତା ସଂଗ୍ରାମୀ ସଂଘ ପକ୍ଷରୁ ଧାରଣା ଦିଆଯିବ ବୋଲି ଏନେଇ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ସଂଘ ତରଫରୁ ପ୍ରଦାନ କରାଯାଇଛି । ଦାବି ମୁତାବକ ଦୀର୍ଘ ୨୫ବର୍ଷ ହେବ ସଂଗ୍ରାମୀ ଭବନ ନିର୍ମାଣ ପାଇଁ ଦାବି ହୋଇ ଆସୁଛି । ମାତ୍ର ଏଥିପ୍ରତି ପ୍ରଶାସନର ସହଯୋଗ ମିଳୁନଥିବାରୁ ଭବନ ନିର୍ମାଣ ହୋଇପାରୁ ନାହିଁ । ଏ ସମ୍ପର୍କରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ୭ଦିନ ମଧ୍ୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାନଗଲେ ସ୍ୱାଧିନତା ସଂଗ୍ରାମୀ ସଂଘ ସଭାପତି ବିଦ୍ୟାଧର ମୁଦୁଲି ପ୍ରମୁଖ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

## ଗରାପୁର ପ୍ରାଇମେରୀ ସ୍କୁଲରେ ପୋଷାକ ବିତରଣ

କେନ୍ଦ୍ରାପଡ଼ା,୩।୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ କପାଳେଶ୍ୱର ପଂଚାୟତର ଗରାପୁର ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କପାଳେଶ୍ୱର ପଂଚାୟତର ପୂର୍ବତନ ସରପଂଚ ତଥା ବିଜେପି ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ପ୍ରଧାନ ସମ୍ମାନିତ ଅତିଥି, ପରିଚାଳନା କମିଟି ସଭାପତି ଦାମୋଦର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ଗିତାଞ୍ଜଳୀ ସ୍ୱାଇଁ, ପରିଚାଳନା କମିଟି ଅନ୍ନପୂର୍ଣ୍ଣା ନାଥ, କୁମୁଦୁନି ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ବାପାକୁ ହତ୍ୟା ମାମଲାର ରାୟ : ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଜୟପୁର,୩।୩ (ନି.ପ୍ର): ଜୟପୁର ସ୍ଥିତ ଅତିରିକ୍ତ ଜିଲା କୋର୍ଟ ରେ ହତ୍ୟା ମାମଲାର ଶୁଣାଣି ହୋଇଛି । ଅତିରିକ୍ତ ଜିଲା ଜଜ ରାଜେଶ କୁମାର ନାର ସମସ୍ତ ସାକ୍ଷ୍ୟ ପ୍ରମାଣ କୁ ଭିତିକରି ୨ ଅଭିଯୁକ୍ତକୁ ନିର୍ଦୋଷରେ ଖଲାସ କରିଛନ୍ତି । ମାମଲା ବିବରଣୀରୁ ପ୍ରକାଶ ଯେ ବୋରିଗୁମ୍ମା ଥାନା ଅନ୍ତର୍ଗତ ବଡନାୟକ ଗୁଡା ଗ୍ରାମରେ ରହୁଥିବା ବାପା ମଦନ ସାନ୍ତା କୁ ଗତ ୨୦୧୪ ମେ ୨୪ ତାରିଖରେ ଅଭିଯୁକ୍ତ ପୁଅ ଅର୍ଜୁନ ସାନ୍ତା ଓ ସାଙ୍ଗ ଭୁବନ ସାନ୍ତା ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା । ବୋରିଗୁମ୍ମା ଥାନା ଅନ୍ତର୍ଗତ ବଡ ନାୟକ ଗୁଡା ବାପା ମଦନ ସାନ୍ତାକୁ ଟାଙ୍ଗିଆରେ ମୁଣ୍ଡ ଓ ବେକକୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିଲା । ରାସ୍ତା ମଝିରେ ହତ୍ୟା କରିଥିବା ବିଷୟ ମା ତାରା ସାନ୍ତା ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ ୨ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାରେ ୧୭ ଜଣ ସାକ୍ଷ୍ୟ ପ୍ରଦାନ କରିଥିବା ବେଳେ ପ୍ରମାଣ ଅଭାବରୁ କୋର୍ଟ ୨ ଅଭିଯୁକ୍ତକୁ ନିର୍ଦୋଷରେ ଖଲାସ କରିଥିଲେ । ଅଭିଯୁକ୍ତ ତରଫରୁ ଆଇନଜୀବି ଅଞ୍ଜନା ସିଂ ମାମଲା ଲଢୁଥିଲେ ।

# ଭୁବନ ମଣ୍ଡଳ ପାଲାଗାୟକ ସଂଘର ବାର୍ଷିକ ଉତ୍ସବ

ଭୁବନ,୩।୩ (ନି.ପ୍ର): ଭୁବନ ମଣ୍ଡଳ ପାଲା ଗାୟକ ସଂଘର ୨୮ ତମ ବାର୍ଷିକ ଉତ୍ସବ ସୁରପ୍ରତାପପୁର ମଙ୍ଗଳାମନ୍ଦିର ପ୍ରାଙ୍ଗଣରେ ଗତକାଲି ଉଦଘାଟିତ ହୋଇଯାଇଛି । ଢେଙ୍କାନାଳ ସାଂସଦ ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଉଦଘାଟନ କରି ପାଲା ହେଉଛି ଓଡିଆ ସଂସ୍କୃତିର ପରିଚୟ ଓ ବୃହତ ଗଣମାଧ୍ୟମ । ପାଲା ଜରିଆରେ ସମାଜରେ ଆଧ୍ୟାତ୍ମିକତା ଓ ଭକ୍ତିଭାବ ସୃଷ୍ଟି କରାଯାଇଥାଏ ଓ ସମାଜରେ ପରିବର୍ତ୍ତନ ଅଣାଯାଇଥାଏ । ଭାଗବତ ଟୁଙ୍ଗି, ସଂକୀର୍ତ୍ତନ ମଣ୍ଡଳୀ ଓ ପାଲା, ଦାସ କାଠିଆ, ଲୋକନୃତ୍ୟ ଭଳି ହଜିଯାଉଥିବା ସଂସ୍କୃତିକୁ ପୁନରୁଦ୍ଧାର କରାଯିବା ପାଇଁ ସରକାର କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଭୁବନ ମଣ୍ଡଳ ସଭାପତି ଧ୍ରୁବ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ମହାରାଜ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ସୁରପ୍ରତାପପୁର ପଂଚାୟତର ପୂର୍ବତନ ସରପଂଚ ଶୁକଦେବ ରାଉତ, ଢେଙ୍କାନାଳ ଜିଲ୍ଲା ପାଲାଗାୟକ ସଂଘର ସଭାପତି ଉଦୟ ପଟ୍ଟନାୟକ, ସମ୍ପାଦକ ଧର୍ମାନନ୍ଦ ପୃଷ୍ଟି, ଡା.ରାମଚନ୍ଦ୍ର ଦାସ, ଦୁର୍ଗାମାଧବ ପୃଷ୍ଟି ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଶେଷରେ ସମ୍ପାଦକ ପୂର୍ଣ୍ଣାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ରୋଗ ଥିଲେ ମଧ କରୋନା ଟିକା ନେଇପାରିବେ ବରିଷ୍ଠ ନାଗରିକ

କେନ୍ଦ୍ରାପଡ଼ା,୩।୩ (ନି.ପ୍ର): କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ କରୋନା ଟୀକା ନେବାପାଇଁ ବରିଷ୍ଠ ନାଗରିକ ମାନଙ୍କର ଭିଡ ଦେଖିବାକୁ ମିଳିଛି । କେନ୍ଦ୍ରାପଡା ପୌରାଂଚଳ ଓ ଆଖପାଖ ଅଂଚଳରୁ ବରିଷ୍ଠ ନାଗରିକ ଓ ୪୫ ରୁ ୬୦ ବର୍ଷ ବୟସ୍କ ବ୍ୟକ୍ତିମାନେ ଏହି ଟୀକା ନେବାପାଇଁ ମୁଖ୍ୟ ଚିକିତ୍ସାଳୟରେ ଭିଡ ଜମାଇଥିବା ଜଣାପଡିଛି । ୪୫ ରୁ ୬୦ବର୍ଷ ବୟସ୍କ ବ୍ୟକ୍ତିମାନେ କୌଣସି ରୋଗରେ ପିଡିତ ଥିଲେ ସେମାନେ ନିଜେ ଚିକିତ୍ସିତ ହେଉଥିବା ଡାକ୍ତର ମାନଙ୍କ ପାଖରୁ ପ୍ରମାଣପତ୍ର ଦେଇ କରୋନା ଟୀକା ନେଇ ପାରିବେ ।

# ଘରୁ ୨ ଲକ୍ଷ ଟଙ୍କା ଓ ତିନି ପିଲାଙ୍କୁ ନେଇ ବିବାହିତ ମହିଳା ଚମ୍ପଟ୍: ଥାନାରେ ଏତଲା

ଗଞ୍ଜାମ,୩।୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ଆଙ୍କୋରୋଡ଼ା ପଚାଂୟତ ଚାଟଂଡ଼ାପଲ୍ଲୀ ଗ୍ରାମର ମୋହିନୀ ନାୟକ ନାମକ ଜଣେ ବିବାହିତ ମହିଳା ଘରୁ ୨ ଲକ୍ଷ ଟଙ୍କା ଓ ତିନି ପିଲାଙ୍କୁ ନେଇ ଫେରାର୍ ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଏନେଇ ମହିଳାଙ୍କ ସ୍ୱାମୀ ବାବୁଲା ନାୟକ ଦିଗପହଣ୍ଡି ଥାନାରେ ଏକ ଲିଖିତ ଅଭିଯୋଗ ପତ୍ର ଦାଖଲ କରିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ମୋହିନୀ ଦୁଇ ପୁଅ ଓ ଝିଅ ସହ ଚାଂଚଡ଼ାପଲ୍ଲୀ ସ୍ଥିତ ଭଉଣୀ ଘରୁ ପୋଡ଼ାମାରୀ ଯାଇଥିଲେ । ସେ ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନଫେରିବାରୁ ବାବୁଲା ଦିଗପହଣ୍ଡି ଥାନାରେ ଏତଲା କରିଛନ୍ତି ।

# ହିନ୍ଦୁ ଧର୍ମ ପ୍ରତି ଅଶାଳୀନ ମନ୍ତବ୍ୟ : କାର୍ଯ୍ୟାନୁଷ୍ଠାନ ଦାବିରେ ପାଣିକୋଇଲି ଥାନାରେ ଦାବିପତ୍ର

କୋରେଇ,୩।୩ (ନି.ପ୍ର): ସମାଜିକ ଗଣ ମାଧ୍ୟମରେ ହିନ୍ଦୁ ଧର୍ମ. ହିନ୍ଦୁ ପୁରାଣ ଶାସ୍ତ୍ର ଓ ହିନ୍ଦୁ ଦେବାଦେବୀଙ୍କୁ କଦର୍ଥ କରି ଲେଖା ଓ ଟିପ୍ପଣୀ ପ୍ରଦାନ କରୁଥିବା ମନୋରଂଜନ ଯେନାଙ୍କୁ ଗିରଫ କରି କଠୋର ଦଣ୍ଡ ବିଧାନ ନିମନ୍ତେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗ ମୁତାବକ ବଡଚଣା ଥାନା ଅନ୍ତର୍ଗତ ମନୋରଂଜନ ଯେନା ଦୀର୍ଘ ଦିନ ହେବ ସାମାଜିକ ଗଣମାଧ୍ୟମ ଓ ଫେସବୁକ୍ ମାଧ୍ୟମରେ ହିନ୍ଦୁ ଧର୍ମ ସମ୍ପର୍କରେ କଦର୍ଥ ଟିପ୍ପଣୀ ମାନ ପୋଷ୍ଟ କରି ସମାଜରେ ହିଂସା ଓ ଅଶାନ୍ତି ସୃଷ୍ଟି କରିବାରେ ଲାଗିଛି । ଏହିଭଳି ନକାରାତ୍ମକ ଲେଖା ସମାଜରେ ପ୍ରତ୍ୟେକ ଦିନ ଅଶାନ୍ତର ବିଷ ମଂଜି ବୁଣି ଚାଲିଛି । ଏଭଳି କାର୍ଯ୍ୟକଳାପକୁ ରୋକା ନଗଲେ ନିଆଁ ଭଳି କୁହୁଳୁଥିବା ଅସନ୍ତୋଷ ସମଗ୍ର ରାଜ୍ୟକୁ ବ୍ୟାପିବ । ତେଣୁ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ରାଜ କିଶୋର ସାହୁ, ବିଶ୍ୱହିନ୍ଦୁ ପରିଷଦର ପ୍ରଜ୍ଞା ଘଡେଇ, ଭୂପତି ଭୂଷଣ ଦାଶ, ପ୍ରହଲ୍ଲାଦ ପ୍ରହରାଜ, ପ୍ରଦୀପ କୁମାର ମଲିକ, ପ୍ରତାପ ମହାପାତ୍ର, ବିଷ୍ଣୁ ଚରଣ ସାହୁ, ଦେବୀ ପ୍ରସାଦ ସାହୁ, ତ୍ରିଲୋଚନ ପଣ୍ଡାଙ୍କ ସମେତ କର୍ମି ମାନେ ଯୋଗଦେଇଥିଲେ ।

# ଭୁବନ ବ୍ଲକ ଓଷ୍ଟା ସଂଘର ନୂତନ କର୍ମକର୍ତ୍ତା ମନୋନୟନ

## ଗଣେଶ୍ୱର ସଭାପତି ଓ ସୁରେଶ ସମ୍ପାଦକ

ଭୁବନ,୩।୩ (ନି.ପ୍ର): ଓଡିଶା ସେକେଣ୍ଡାରୀ ସ୍କୁଲ ଟିଚରର୍ସ ଆସୋସିଏସନ (ଓଷ୍ଟା) ଭୁବନ ବ୍ଲକ ସଂଘର ନୂତନ କର୍ମକର୍ତା ମନୋନୟନ ହୋଇଯାଇଛି । ମଠକରଗୋଳା ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତ କ୍ରମେ ଭୁବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗଣେଶ୍ୱର ଦାସ ସଭାପତି, ଅରଖପାଳ ଗ୍ରାମପଂଚାୟତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରେଶ ଚନ୍ଦ୍ର ପରିଡା ସମ୍ପାଦକ, ସୁମିତ୍ରାରାଣୀ ଖୁଣ୍ଟିଆ ଉପସଭାପତି, ମନୋଜ କୁମାର ବାରିକ, ଅରୁଣ କୁମାର ନାୟକ ଯୁଗ୍ମ ସମ୍ପାଦକ, ଅରୁଣ କୁମାର ଦାସ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଓ ସଚଳା ସାହୁଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା । ଏହି ବୈଠକରେ ଢେଙ୍କାନାଳ ଜିଲ୍ଲା ଓଷ୍ଟା ସମ୍ପାଦକ ବିଭୂତି ଭୂଷଣ ସାମଲ, ବର୍ଷିଆନ ନେତା ସରୋଜ କୁମାର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ର ରାଉତଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ ।

# ଶ୍ରୀମନ୍ଦିର ତିନିଦ୍ୱାରରେ ସ୍ଥାନୀୟ ଭକ୍ତଙ୍କୁ ପ୍ରବେଶ ଅନୁମତି ପାଇଁ ବିଧାୟକଙ୍କ ଦାବି

ପୁରୀ,୩।୩ (ନି.ପ୍ର): ଶ୍ରୀମନ୍ଦିର ଚୌହଦି ସୌନ୍ଦର୍ଯ୍ୟକରଣ ଓ ଅନ୍ୟାନ୍ୟ କାର୍ଯ୍ୟପାଇଁ ଉନ୍ନତିମୂଳକ କାର୍ଯ୍ୟ ଚାଲିଥିବା ବେଳେ ସ୍ଥାନୀୟ ଭକ୍ତଙ୍କୁ ଉତର, ଦକ୍ଷିଣ, ପଶ୍ଚିମ ଦ୍ୱାରରେ ପ୍ରବେଶ ଅନୁମତି ଦେବା ପାଇଁ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଆଜି ସର୍କିଟ ହାଉସଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ମତ ଦେଇଛନ୍ତି । ଶ୍ରୀମନ୍ଦିର ଚାରିପଟେ ଦେଢଲକ୍ଷରୁ ଉର୍ଦ୍ଧ୍ୱ ବାସିନ୍ଦା ରହୁଛନ୍ତି । ଗ୍ରାମଦେବତାଙ୍କ ପରି ମନ୍ଦିରରେ ସ୍ଥାନୀୟ ଅଧିବାସୀଙ୍କ ଦିନକୁ ଦୁଇ ତିନିଥର ମନ୍ଦିର ଭିତରେ କାର୍ଯ୍ୟ ରହୁଛି । ଅନେକ ବରିଷ୍ଠ ଭକ୍ତ ସିଂହଦ୍ୱାର ବାଇଶି ପାହାଚରେ ଚଢିକରି ଯାଇପାରୁନଥିବା ବେଳେ ଅନ୍ୟ ଦ୍ୱାରରେ ୬, ୭ଟି ପାହାଚ ଉଠିବା ପରେ ସୁବିଧାରେ ମନ୍ଦିରରେ ପ୍ରବେଶ କରିପାରୁଛନ୍ତି । ସ୍ଥାନୀୟ ଅଧିବାସୀଙ୍କୁ ଆଧାର କାର୍ଡ ଯାଂଚ କରି ପ୍ରବେଶ ଅନୁମତି ଦେବା ପାଇଁ ବିଧାୟକ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଓ ଏସପିଙ୍କ ଠାରେ ଦାବି କରିଛନ୍ତି । ଏହାସହ ପ୍ରତି ଶନିବାର ଓ ରବିବାର ୫୦ହଜାରରୁ ଉର୍ଦ୍ଧ ଭକ୍ତ ଶ୍ରୀମନ୍ଦିରକୁ ଆସୁଥିବାରୁ ମନ୍ଦିର ଚାରିପଟ ଟ୍ରାଫିକ୍ ଜାମ୍ ହେଉଛି । ବ୍ୟାରିକେଡ ଯୋଗୁଁ ବିଭିନ୍ନ ସାହିର ଲୋକମାନେ ସୁବିଧାରେ ବଡଦାଣ୍ଡକୁ ଆସିପାରୁନାହାଁନ୍ତି । ପୂର୍ବରୁ ଥିବା ଜିଲ୍ଲାପାଳ ବଳବନ୍ତ ସିଂ ବିଭିନ୍ନ ସମୟରେ ବିଧାୟକଙ୍କୁ ପଚାରି କାର୍ଯ୍ୟ କରୁଥିବା ବେଳେ ବର୍ତମାନର ଜିଲ୍ଲାପାଳ ସେମିତି କିଛି କାର୍ଯ୍ୟ କରିବା ପାଇଁ ବିଧାୟକଙ୍କୁ ଡାକିନଥିବା ଅଭିଯୋଗ କରିଛନ୍ତି ।

# ଏବିଭିପିର ୪୫ତମ ରାଜ୍ୟ ଅଧିବେଶନ

ବ୍ରହ୍ମପୁର,୩।୩ (ନି.ପ୍ର): ବିଶ୍ୱର ସର୍ବବୃହତ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୪୫ତମ ରାଜ୍ୟ ଅଧିବେଶନ ଆସନ୍ତା ମାର୍ଚ୍ଚ ୬ ଓ ୭ ତାରିଖ ସ୍ଥାନୀୟ ଟାଉନହଲ୍ ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅଧିବେଶନରେ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ପ୍ରମୁଖ କ୍ୟାମପସ, ବିଶ୍ୱ ବିଦ୍ୟାଳୟ, କୃଷି ବିଶ୍ୱବିଦ୍ୟାଳୟରେ ବ୍ୟାପରିକ ଶିକ୍ଷାନୁଷ୍ଠାନ ଓ ମେଡ଼ିକାଲ କଲେଜରୁ ୨୦୦ ବିଦ୍ୟାର୍ଥୀ ଓ ଅଧାପକ ପ୍ରତିନିଧି ଯୋଗଦେବା ଓଡ଼ିଶାର ଶକ୍ଷାକ୍ଷେତ୍ରର ଉପୁଜିଥିବା ସ୍ଥିତି ରାଷ୍ଟ୍ରର ଶିକ୍ଷାନୀତିର କ୍ରିୟାନଧିନ କ୍ୟାମ୍ପସର ଭିତିଭୂମି ସୁଦୃଢ଼ କରିବା ଆତ୍ମନିର୍ଭରଶୀଳ ଭାରତ, ନାରୀ ସୁରକ୍ଷା ଭଳି ସମ୍ବେଦନଶୀଳ ସ୍ଥିତିକୁ ନେଇ ୨ଟି ପ୍ରସ୍ତାବ ପାରିତ ହେବ। ଅଧିବେଶନରେ ପରିଷଦର ଲକ୍ଷ୍ୟ ଆଦର୍ଶ ଓ କାର୍ଯ୍ୟ ପଦ୍ଧତି ଉପରେ ବରିଷ୍ଠ କାର୍ଯ୍ୟକର୍ତାଙ୍କ ଅଭିଭାଷଣ ସହ ପରିଷଦର ବିଭିନ୍ନ ଆୟାମ କାର୍ଯ୍ୟ ଓ ଗତି ବିଷୟରେ ପୁଙ୍ଖାନୁପୁଙ୍ଖ ଚର୍ଚ୍ଚା ହେବ। ଏହି ଅଧିବେଶନର ଶିକ୍ଷାବର୍ଷ ୨୦୨୧-୨୨ ପାଇଁ ପରିଷଦର ନୂତନ ରାଜ୍ୟ ସଭାପତି, ସମ୍ପାଦକ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ନିର୍ବାଚିତ ହେବେ। ଏହି ଅଧିବେଶନକୁ ସୁଚାରୁ ରୂପେ ତୁଲାଇବା ପାଇଁ ଗଞ୍ଜାମର ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ସ୍ୱାଗତ ସମିତି ଗଠନ କରାଯାଇଛି। ଏଥିରେ ଅଧ୍ୟକ୍ଷ ପ୍ରଫେସର ସଦାନନ୍ଦ ରଥ ଓ ସାଧାରଣ ସମ୍ପାଦକ ଅଶୋକ କୁମାର ପାଳ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅଛନ୍ତି। ଏହି ପ୍ରେସବାର୍ତାରେ ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର, ସିଡବ୍ଲ୍ୟୁସିର ସଦସ୍ୟ ସ୍ମୃତିସୁଧା ସାହୁ, ନଗର ସମ୍ପାଦକ ଦେବାଶିଷ ସାହୁ ପ୍ରମୁଖ ଉପସ୍ଥିତ ରହି ଅଧିବେଶନର ପୋଷ୍ଟର ଉନ୍ମୋଚନ କରିଥିଲେ।

# ଭାରତରେ ଜାପାନ ପର୍ଯ୍ୟଟକଙ୍କ ବୃଦ୍ଧି ସମ୍ପର୍କରେ ଆଲୋଚନା କଲେ ଓଡ଼ିଶାର କୁନା ଦାଶ

ପୁରୀ,୩।୩ (ନି.ପ୍ର): ଭାରତର ଯୁବକ ଓ ଯୁବତୀମାନେ କିଭଳି ଜାପାନରେ କର୍ମ ନିଯୁକ୍ତି ପାଇପାରିବେ ଓ ବିଭିନ୍ନ ବିଷୟ ସମ୍ପର୍କରେ ଭାରତ-ଜାପାନ ମୈତ୍ରୀ ସଂଘର ସଭାପତି ତଥା କ୍ୟୋଟୋ, ଜାପାନର ଅନ୍ତର୍ଜାତୀୟ ପର୍ଯ୍ୟଟନ ରାଷ୍ଟ୍ରଦୂତ କୁନା ଦାଶ ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ, ଜାପାନ ବୈଦେଶିକ ମନ୍ତ୍ରୀ ଏଇଚିରୋ ଓ୍ୱାସିଓ ଏବଂ ଜାପାନର ଟୋକିଓ ସ୍ଥିତ ଭାରତୀୟ ରାଷ୍ଟ୍ରଦୂତ ସଞ୍ଜୟ କୁମାର ବର୍ମାଙ୍କ ସହ ପୃଥକ ପୃଥକ ଭାବେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ଆବେଙ୍କୁ ସାକ୍ଷାତ କରିବା ସମୟରେ ସେ ଭାରତ ସରକାରଙ୍କ ଠାରୁ ପାଇଥିବା ଦେଶର ସର୍ବୋଚ୍ଚ ପଦ୍ମବିଭୂଷଣ ପୁରସ୍କାର ପାଇଁ ତାଙ୍କୁ ଭୂୟଁସୀ ପ୍ରଶଂସା କରିଥିଲେ। ଜାପାନରେ ରହୁଥିବା ଭାରତୀୟମାନେ କିଭଳି ସ୍ୱଛନ୍ଦରେ ରହି ପାରିବେ ଏବଂ ଅଧିକ ସଂଖ୍ୟାରେ ଭାରତୀୟ ଯୁବତୀ ଯୁବକମାନେ କିଭଳି ଜାପାନରେ କର୍ମନିଯୁକ୍ତି ପାଇପାରିବେ ତଥା ବହୁଳ ଭାବରେ ଜାପାନୀଜ ମାନେ କିଭଳି ଭାରତ ପ୍ରତି ଆକୃଷ୍ଟ ହୋଇପାରିବେ ଏ ସବୁ ବିଷୟରେ ଦୀର୍ଘ ଅଧଘଣ୍ଟା ପର୍ଯ୍ୟନ୍ତ ଶ୍ରୀ ଦାଶ ଆଲୋଚନା କରିଥିଲେ। ଜାପାନର ପୁଞ୍ଜି ନିବେଶକମାନେ କିଭଳି ଭାରତରେ ପୁଞ୍ଜି ନିବେଶ କରିବେ ସେ ସମ୍ବନ୍ଧରେ ମଧ ଆଲୋଚନା କରିଥିଲେ। ଏହା ସହ ନିଜର ଜନ୍ମସ୍ଥାନ ପୁରୀ, ଓଡିଶାକୁ ପୃଥିବୀ ମାନଚିତ୍ର ଦେଖାଇ ଓଡିଶାର ବହୁଳ କଂଚାମାଲ ତଥା ବସ୍ତୁତ ଭିତିଭୂମୀ ବିଷୟରେ ଅବଗତ କରାଇ ଏହାକୁ ଦକ୍ଷିଣ ପୂର୍ବ ଏସିଆର ଦ୍ୱାର ଭାବେ ଚିତ୍ରଣ କରିଥିଲେ। ଶ୍ରୀ ଆବେଙ୍କ କାର୍ଯ୍ୟକାଳ ସମୟକୁ ଭୂୟଁସୀ ପ୍ରଶଂସା କରି ତାଙ୍କୁ ଦ୍ୱିତୀୟବାର ପ୍ରଧାନମନ୍ତ୍ରୀ ହେବା ପାଇଁ ନିବେଦନ କରିଥିଲେ। ଶ୍ରୀଯୁକ୍ତ ଆବେଙ୍କ ଠାରୁ ବିଦାୟ ନେଇ ସେ ବୈଦେଶିକ ମନ୍ତ୍ରୀ ଶ୍ରୀ ଓ୍ୱାସିଓଙ୍କ ସହିତ ସାକ୍ଷାତ କରିଥିଲେ। ଶ୍ରୀଯୁକ୍ତ ଓ୍ୱାସିଓ କୁନା ଦାଶ ପାଇଥିବା ଜାପାନ ବୈଦେଶିକ ମନ୍ତ୍ରଣାଳୟ ପୁରସ୍କାର ପାଇଁ ତାଙ୍କୁ ଭୂୟଁସୀ ପ୍ରଶଂସା କରିଥିଲେ। ଜାପାନକୁ ଭାରତରେ ପ୍ରସାର କରିବା ଯୋଗୁଁ ତାଙ୍କୁ ଏହି ପୁରସ୍କାର ଉପଲବ୍ଧ ହୋଇଥିଲା। ଜାପାନ-ଭାରତ ମୈତ୍ରୀକୁ କିଭଳି ଅଧିକ ସୁଦୃଢ଼ କରାଯାଇପାରିବ ସେ ବିଷୟରେ ବିଶଦ୍‌ଭାବରେ ଆଲୋଚନା କରିଥିଲେ। ଶେଷରେ ଭାରତର ରାଷ୍ଟ୍ରଦୂତ ଶ୍ରୀ ବର୍ମାଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଉଭୟ ସଂସ୍କୃତି, ଶିକ୍ଷା, ପର୍ଯ୍ୟଟନ ତଥା ବାଣିଜ୍ୟ ସମ୍ବନ୍ଧରେ ବର୍ତମାନ କୋଭିଡ ସ୍ଥିତିକୁ ନଜରରେ ରଖି ବିଷଦ ଆଲୋଚନା କରିଥିଲେ। ଜାପାନରେ ରହୁଥିବା ଭାରତୀୟ ଏବଂ ତାଙ୍କ ପରିବାର ବର୍ଗ ଙ୍କ ବିଷୟରେ ସଂକ୍ଷେପରେ ଆଲୋଚନା କରିଥିଲେ। ଭାରତକୁ କିଭଳି ଅଧିକ ପରିମାଣରେ ଜାପାନିଜ ପର୍ଯ୍ୟଟକ ଯିବାକୁ ଆଗ୍ରହ କରିବେ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ଜାପାନ ଓ ଭାରତ ମଧ୍ୟରେ ଏକ ସେତୁ ନିର୍ମାଣର ଆବଶ୍ୟକତାକୁ ଶ୍ରୀ ଦାଶ ଉପସ୍ଥାପନା କରିଥିଲେ। ସେ ଜଣେ ହୃଦୟସ୍ପର୍ଶୀ ଲୋକ ଓ ତାଙ୍କ କାର୍ଯ୍ୟକାଳ ସମୟରେ ଭାରତ-ଜାପାନ ସମ୍ପର୍କର ଅଧିକ ସୁଦୃଢ଼ ହୋଇପାରିବ ବୋଲି ଶ୍ରୀ ଦାଶ କହିଥିଲେ। ଆଜିର ଏହି ୩ ଜଣ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ଆଲୋଚନା କରି ଶ୍ରୀ ଦାଶ ସନ୍ତୋଷ ପ୍ରକାଶ ପୂର୍ବକ କୁହନ୍ତି। ଏ ସାକ୍ଷାତକାର ଭାରତ-ଜାପାନ ମୈତ୍ରୀକୁ ତ୍ୱରାନ୍ୱିତ କରିବା ସହିତ ଜାପାନ-ଭାରତ ଭାଇଚାରା ରୋପଣ କରିବ।

# ଜୟପୁର ଜିଲ୍ଲା ଚିକିତ୍ସାଳୟ ପରିସରରେ ଫାଣ୍ଡି ସ୍ଥାପନା କରାଯାଉ

ଜୟପୁର,୩।୩ (ନି.ପ୍ର): ଜୟପୁର ଜିଲ୍ଲା ଚିକିତ୍ସାଳୟ ପରିସରରେ ତୁରନ୍ତ ଫାଣ୍ଡି ସ୍ଥାପନା କରିବାକୁ ଦାବୀ କରିଛି ନଗର କଂଗ୍ରେସ । ଏନେଇ ଆଜି ନଗର କଂଗ୍ରେସର ସଭାପତି ନରେନ୍ଦ୍ର ମହାନ୍ତି ନେତୃତ୍ୱରେ ଜୟପୁର ଏସଡ଼ିପିଓ ଙ୍କ କାର୍ଯ୍ୟାଳୟ ଜରିଆରେ ଏସପିଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଜିଲା ଚିକିତ୍ସାଳୟ ରେ ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ଏହି ଜିଲା ଚିକିତ୍ସାଳୟ ସହର ଠାରୁ ଦୂରରେ ରହୁଥିବାରୁ ସେହି ରୋଗୀ ଓ ଡାକ୍ତର, ମହିଳା ସ୍ୱାସ୍ଥ୍ୟ କର୍ମୀ ମାନେ ଅସୁରକ୍ଷିତ ମନେ କରୁଛନ୍ତି । ରାତ୍ର ସମୟରେ ଡିୟୁଟି କରିବାକୁ ଭୟ କରୁଛନ୍ତି । ଅସାମାଜିକ ବ୍ୟକ୍ତି ମାନେ ଚିକିତ୍ସାଳୟରେ ଭାଙ୍ଗା ଭଙ୍ଗି ମଧ୍ୟ କରୁଛନ୍ତି । ରୋଗୀଙ୍କ ମୂଲ୍ୟବାନ ଜିନିଷ ଚୋରି କରିବା ସହ ହସପିଟାଲ ଓ୍ୱାର୍ଡ ଭିତରେ ପଶି ଅଶାନ୍ତି ସୃଷ୍ଟି କରୁଛନ୍ତି । ଏମିତିକି ଚିକିତ୍ସାଳୟ ତରଫରୁ ଥାନାରେ ଅଭିଯୋଗ କ୍ରମେ ୩ଟି ମାମଲା ରୁଜୁ ହୋଇଛି । ତେଣୁ ଚିକିତ୍ସାଳୟ ତରଫରୁ ପୋଲିସ ମୁତୟନ କରିବାକୁ ଦାବୀ କରାଯାଇଛି । ତେଣୁ ଜିଲା ପୋଲିସ ଗୁରୁତର ସହ ନେଇ ଡାକ୍ତର, କର୍ମଚାରି ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ଜନସାଧାରଣ ସୁରକ୍ଷା ଦୃଷ୍ଟରୁ ଏଠାରେ ଫାଣ୍ଡି ସ୍ଥାପନ କରିବାକୁ ଦାବୀ କରାଯାଇଛି । ଏହି ଦାବି ପତ୍ର ସମୟରେ ନିହାର ବିଷୋୟୀ, ଗଙ୍ଗା ସାହୁ, ସତ୍ୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ୪ ମାସ ବିତିଲା : ଭୁବନ ଏନଏସିରେ ନିର୍ବାହୀ ଅଧିକାରୀ ନିଯୁକ୍ତି ନୋହିଲା

ଭୁବନ,୩।୩ (ନି.ପ୍ର) :ଗତ ଅକ୍ଟୋବର ମାସ ୨୫ ତାରିଖ ଦିନ ଭୁବନ ଏନଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ହୃଦଘାତରେ ପରଲୋକ ଗମନ କରିବାର ଇତି ମଧ୍ୟରେ ୪ ମାସ ବିତିଯାଇଥିଲେ ମଧ ଅଦ୍ୟାବଧି କାହାକୁ ନିଯୁକ୍ତି ଦିଆଯାଇନାହିଁ । ତହସିଲଦାର ପ୍ରଭାସ ବେହୁରା ନିର୍ବାହୀ ଅଧିକାରୀ ଦାୟିତ୍ୱରେ ରହିଥିବା ବେଳେ ଉପଜିଲ୍ଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ନଗରପାଳ ଦାୟିତ୍ୱରେ ରହିଛନ୍ତି । ଉଭୟ ଅଫିସର ନିଜର କାର୍ଯ୍ୟବ୍ୟସ୍ତତା ଯୋଗୁ ନିୟମିତ ଭାବେ ଏନଏସି ଅଫିସକୁ ଆସୁନାହାନ୍ତି । ଦୀର୍ଘ ୨ ବର୍ଷ ହେଲା କାଉନସିଲ ଭାଙ୍ଗିଯାଇଥିବା ବେଳେ ନିର୍ବାହୀ ଅଧିକାରୀଙ୍କ ଅକାଳ ମୃତ୍ୟୁପରେ ଦୀର୍ଘ ୪ ମାସ ହେଲା ଏନଏସିରେ ସମସ୍ତ କାର୍ଯ୍ୟ ସଂପୂର୍ଣ୍ଣ ଠପ ହୋଇଯାଇଛି । ବିଭାଗୀୟ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଜଣେ ଦକ୍ଷ ନିର୍ବାହୀ ଅଧିକାରୀ ଙ୍କୁ ନିଯୁକ୍ତି ଦେବାକୁ ବୁଦ୍ଧିଜୀବୀ ମହଲ ଦାବି କରୁଛନ୍ତି ।

# ଚୋରୀ ଅଭିଯୁକ୍ତ ଦୁଇ ଯୁବକଙ୍କୁ ବାନ୍ଧିଲା ପୋଲିସ

କେନ୍ଦ୍ରାପଡ଼ା,୩।୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ଥାନା ପକ୍ଷରୁ ଚୋରୀ ଅଭିଯୁକ୍ତ ଦୁଇ ଯୁବକଙ୍କୁ ଗିରଫ କରାଯାଇ ଜେଲକ ପଠାଇ ଦିଆଯାଇଛି । ଅରଡପଲ୍ଲୀ ଗ୍ରାମର ସୂର୍ଯ୍ୟକାନ୍ତ ରାଉତ ଓ ସୁନିଲ ସେଠୀ ନାମକ ଦୁଇ ଯୁବକ ଜସୁଆପଲ୍ଲୀ ଗ୍ରାମରେ ବିଳମ୍ବିତ ରାତିରେ ଅଲେଖ ବାରିକଙ୍କ ଘରେ ପଶି କଂସା ବାସନ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରୀ କରିଥିବାର ଶ୍ରୀ ବାରିକ ମହାକାଳପଡା ଥାନାରେ ଏତଲା ଦେଇଥିଲେ । ଏତଲାକୁ ଆଧାରକରି ଥାନା ଅଧିକାରୀ ୪୭/୨୧ରେ ଏକ ମାମଲା ରୁଜୁକରି ତଦନ୍ତ କଲାପରେ ଏହି ଦୁଇ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

## ମଙ୍ଗଳବାର ରାଜ୍ୟରେ ୨୧୭୨୬ ଜଣଙ୍କର ଟିକାଦାନ

ଭୁବନେଶ୍ୱର,୦୩/୦୩(ନି.ପ୍ର): ଗତକାଲି ରାଜ୍ୟରେ ସୁରୁଖୁରୁରେ ଟିକା ଦାନ ହୋଇଥିବା ବେଳେ ୬୦ ବର୍ଷରୁ ଉର୍ଦ୍ଧ ୨୦,୯୫୨ ଜଣଙ୍କର ଟିକା ଦାନ ହୋଇଛି ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ । ସେ ଟୀକାଦାନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ୪୫ରୁ ୫୯ ବର୍ଷ ଏକାଧିକ ରୋଗରେ ପୀଡିତ ଥିବା ୭୭୪ ଜଣ ଟିକା ନେଇଛନ୍ତି । ଗତକାଲି ମୋଟ ୨୧୭୨୬ ଜଣଙ୍କର ଟିକାଦାନ ହୋଇଛି । ଗତ ୨ ଦିନରେ ୩୩,୩୧୫ଟି ଟିକାଦାନ ହୋଇଛି । ଗତକାଲି ୬୦୩୭ ଜଣ ସ୍ୱାସ୍ଥ୍ୟ କର୍ମୀ ଟିକା ନେଇଛନ୍ତି । ୯୦ ପ୍ରତିଶତ ସ୍ୱାସ୍ଥ୍ୟ କର୍ମୀ, ୮୨ ପ୍ରତିଶତ ଦ୍ୱିତୀୟ ଡୋଜ୍, ୭୪ ପ୍ରତିଶତ ଫ୍ରଂଟ ଲାଇନ୍ କୋଭିଡ୍ ୱାରିୟର ଟିକା ନେଇଛନ୍ତି । କୌଣସି ଜାଗାରୁ ସାଇଡ୍ ଇଫେକ୍ଟ ସୂଚନା ଆସି ନାହିଁ । କୋୱିନ୍ ସାଇଟ୍ ସମସ୍ୟା ସୃଷ୍ଟି କରୁଥିବା ସେ କହିଛନ୍ତି । ସେ କହିଛନ୍ତି ଯେ ଟିକା ନେବା ପରେ ଜଣେ ବ୍ୟକ୍ତିଙ୍କ ଶରୀରରେ କେତେ ପରିମାଣର ଆଂଟି ବଡି ତିଆରି ହୋଇଛି ତାହାର ପରୀକ୍ଷଣ କରାଯାଉଛି । ପ୍ରଥମ ଡୋଜ୍ ପରେ କେତେ ଓ ଦ୍ୱିତୀୟ ଡୋଜ ପରେ କେତେ ବଢିଛି ତାହାର ନୀରକ୍ଷଣ କରାଯାଉଛି । ବୁର୍ଲା, ଜଗଜଉ ଓ କ୍ୟାପିଟାଲ ହସପିଟାଲରେ ଏହି ସର୍ଭେ ଚାଲିଛି । ଏହା କରିବା ଦ୍ୱାରା ଟିକା ମାନବ ଶରୀରରେ କେତେ କାମ କରୁଛି ତାହା ଜଣା ପଡିବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଏବେ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଟିକା ଅଛି । ମୋଟ ୭ ଲକ୍ଷ ଟିକା ଏବେ ରାଜ୍ୟରେ ଷ୍ଟକ୍ ଅଛି । ବଫର ଷ୍ଟକ୍ ନ କରିବା ପାଇଁ କେନ୍ଦ୍ର କହିଛି । ଷ୍ଟକ୍ ସରିବା ପୂର୍ବରୁ କେନ୍ଦ୍ର ଯୋଗାଇ ଦେବ ବୋଲି କୁହାଯାଇଛି ।

## ବରଗଡ ଜିଲ୍ଲା ବିଜେପି ସଭାପତିଙ୍କ ମାତୃ ବିୟୋଗରେ ବିରୋଧୀ ଦଳର ନେତାଙ୍କ ଶୋକ

ଭୁବନେଶ୍ୱର,୦୩/୦୩ (ନି.ପ୍ର): ବରଗଡ ଜିଲ୍ଲା ବିଜେପି ସଭାପତିଙ୍କ ମାତୃ ବିୟୋଗରେ ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ -ବରଗଡ଼ ଜିଲ୍ଲା ବିଜେପି ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ଙ୍କ ମାତୃ ବିୟୋଗ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି ।

# ପୂର୍ବତନ ବିଧାୟକ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ୩୧ତମ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଓ ପ୍ରତିମୂର୍ତ୍ତି ଉନ୍ମୋଚନ



ଧାମନଗର,୦୩/୦୩ (ନି.ପ୍ର): ଭଦ୍ରକ ଜିଲ୍ଲା ଧାମନଗର ମାଟିର ଜନନେତା ବିଶିଷ୍ଟ ସମାଜସେବୀ ଦୈନିକ ସକାଳ ଖବର କାଗଜର ପ୍ରତିଷ୍ଠାତା ତଥା ସାମ୍ବାଦିକ ଓ ରାଜ୍ୟ ଗୃହ ନିର୍ମାଣ ବୋର୍ଡ଼ର ଅଧ୍ୟକ୍ଷ ଧାମନଗରର ପୂର୍ବତନ ବିଧାୟକ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ୩୧ତମ ଶ୍ରାଦ୍ଧବାର୍ଷିକରେ ଶ୍ରଦ୍ଧାଞ୍ଜଳି ଓ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱର୍ଗତ ମଲ୍ଲିକଙ୍କ ଉଦ୍ଦେଶ୍ୟରେ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ କରାଯାଇଛି । ତାଙ୍କ ଜନ୍ମସ୍ଥାନ ହସନାବାଦ ଠାରେ ସକାଳୁ ପ୍ରଭାତ ଫେରି ସହ ଧାମନଗର ମହାବିଦ୍ୟାଳୟ ପରିସରରେ ସ୍ଥାପିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ଅପରାହ୍ନରେ ଧୂଷୁରୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସ୍ମୃତି କମିଟିର ସଭାପତି ଅବସରପ୍ରାପ୍ତ ଶିକ୍ଷକ ସାନ୍ତନୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାସ ଅନ୍ୟତମ ଅତିଥିଙ୍କ ମଧ୍ୟରେ ଭଦ୍ରକ ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ମନ୍ତ୍ରୀ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଚାନ୍ଦବାଲି ବିଧାୟକ ତଥା ଜିଲ୍ଲା ଯୋଜନାବୋର୍ଡ଼ ଅଧ୍ୟକ୍ଷ ଡ଼ ବ୍ୟୋମକେଶ ରାୟ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ, ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଚାନ୍ଦବାଲି ବ୍ଲକ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ବିବିସିସି ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା, ଜିଲ୍ଲା ବିଜେଡ଼ି ସଭାପତି ଜଗନ୍ନାଥ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଜ୍ୟୋସ୍ନାରାଣୀ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିନୋଦ ନାୟକ, ନାରାୟଣଚନ୍ଦ୍ର ସାହ, ସମିତିସଭ୍ୟ ହରେକୃଷ୍ଣ ପାଢୀ, ବିଜେଡ଼ି ବ୍ଲକ ସଭାପତି ଉମେଶଚନ୍ଦ୍ର ମହାନ୍ତି, ବିଜେଡ଼ି ନେତା ପ୍ରତାପ ସାମଲ, ସେକ୍ ଜାଫର ଅଲ୍ଲୀ, ବିଜେଡ଼ି ବ୍ଲକ ମହିଳା ସଭାନେତ୍ରୀ ସୁରତି ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକ ସାଧାରଣ ଲୋକମାନଙ୍କ ହୃଦୟରେ ଅଛନ୍ତିବୋଲି ବକ୍ତାମାନେ ବକ୍ତବ୍ୟରେ କହି ଶ୍ରଦ୍ଧାସୁମନ ଅର୍ପଣ ସହ ସ୍ମୃତିଚାରଣ କରିଥିଲେ ।

## ବିବିସିସି ବ୍ୟାଙ୍କ କର୍ମଚାରୀଙ୍କ ଅବସର ଗ୍ରହଣ ଓ ସମ୍ବର୍ଦ୍ଧନା ସଭା

ଜଳେଶ୍ୱର, ୩/୩ (ନି.ପ୍ର) : ଭଦ୍ରକ - ବାଲେଶ୍ୱର ସମବାୟ ବ୍ୟାଙ୍କର ଜଳେଶ୍ୱର ଶାଖାରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀ ନିରଞ୍ଜନ ଦାସ ଓ ଅଜୟ କୁମାର କରଙ୍କୁ ଆଜି କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ବରିଷ୍ଠ ଏକାଉଣ୍ଟେଣ୍ଟ ସର୍ବେଶ୍ୱର ସାହୁ ଅଧ୍ୟକ୍ଷତା କରି ଦୁଇ ଅବସରପ୍ରାପ୍ତ ଅଧିକାରୀଙ୍କ ଅତୀତ କର୍ମନିଷ୍ଠା, ତତ୍ପରତାସଂପର୍କରେ କହିଥିଲେ । ମୁଖ୍ୟ ଅତିଥିଭାବେ ବ୍ୟାଙ୍କର ପରିଚାଳକ ମୃତ୍ୟୁଞ୍ଜୟ ପ୍ରଧାନ ଯୋଗ ଦେଇ ନିରଞ୍ଜନ ବାବୁ ୧୯୭୪ ମସିହାରେ ଅଲାଲପୁର ସେବା ସମବାୟ ସମିତିରେ କାର୍ଯ୍ୟରେ ଯୋଗ ଦେଇଥିବାବେଳେ ଦୁଇହଜାର ମସିହାରେ ସମ୍ପାଦକ ପଦବିକୁ ପଦନ୍ନତି ପାଇଥିଲେ । ୨୦୧୨ ମସିହା ପର୍ଯ୍ୟନ୍ତ ସେ ଗୋବରଘଟା, ଲକ୍ଷ୍ମଣନାଥ, ରାମନଗରପାଟଣା ସେବା ସମବାୟ ସମିତିରେ ସୂଚାରୁରୂପେ କାର୍ଯ୍ୟକରି ଜଣେ ଶ୍ରେଷ୍ଠ ସମ୍ପାଦକ ଭାବେ ତତ୍କାଳୀନ ମନ୍ତ୍ରୀ ସୁରମା ପାଢୀଙ୍କ ଠାରୁ ମାନପତ୍ର, ଅଂଗବସ୍ତ୍ର ଓ ଆର୍ଥିକ ସହାୟତା ପାଇଥିଲେ । ପରେ ବ୍ୟାଙ୍କର ସୁପରଭାଇଜର ଭାବେ ଅବସ୍ଥାପିତ ହୋଇ ଗତ ୨୮ ତାରିଖରେ ଅବସର ନେଇଥିଲେ ହେଁ ୩ଟି ସେବାସମବାୟ ସମିତି କ୍ଷତିରେ ଚାଲୁଥିବା ବେଳେ ତାଙ୍କର କାର୍ଯ୍ୟଦକ୍ଷତା ଯୋଗୁଁ ଲାଭବାନ୍ ହୋଇଥିବାର କହିଥିଲେ । ଏହି ଅବସରରେ ଅନ୍ୟତମ ସୁପର ଭାଇଜର ଅଜୟ କରଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା । ନିଳମାଧବ ଦାସ, କମଳାକାନ୍ତ ଦାସ, ଆକାଶ ପାତ୍ର, ଜୟନ୍ତ ପଣ୍ଡା, ସଂଜୟଶ୍ରିଡା, ସୂର୍ଯ୍ୟକାନ୍ତ ଦାସ ପ୍ରମୁଖ ଦୁଇ ଅଧିକାରୀଙ୍କ ଅବସର ବ୍ୟାଙ୍କ କାର୍ଯ୍ୟରେ ଅପୂରଣିୟ କ୍ଷତି ସଂପର୍କରେ କହିଥିଲେ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୭ଗିରଫ, ୭୦୨ ବାହନ ଜବତ

ଭୁବନେଶ୍ୱର,୦୩/୦୩ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୭ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୦୨ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୦,୯୧,୫୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ପିସିସିଏଫଙ୍କ ଠାରୁ ଶିମିଳିପାଳ ନିଆଁ ସମ୍ପର୍କରେ ରିପୋର୍ଟ ମାଗିଲେ ସରକାର

ଭୁବନେଶ୍ୱର,୦୩/୦୩ (ନି.ପ୍ର): ଶିମିଳିପାଳ ଅଭୟାରଣ୍ୟରେ ନିଆଁ ଲାଗିବା ଘଟଣା ସାମନାକୁ ଆସିବା ପରେ ରାଜ୍ୟ ସରକାର ପିସିସିଏଫ (ବଣ୍ୟପ୍ରାଣୀ)ଙ୍କୁ ରିପୋର୍ଟ ମାଗିଥିବା ଜଣା ପଡିଥି । ରାଜ୍ୟ ଜଙ୍ଗଲ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ପିସିସିଏଫ (ବଣ୍ୟପ୍ରାଣୀ)ଙ୍କୁ ଶିମିଳିପାଳ ଗସ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ସେ ଆଜି ଶିମିଳିପାଳ ଗସ୍ତ କରି ନିଆଁ ଲାଗିବାର କାରଣ ସମ୍ପର୍କରେ ତଦନ୍ତ କରିବେ । ଅନ୍ୟ ପକ୍ଷରେ ନିଆଁକୁ ଆୟତ କରିବାକୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । ଉଲ୍ଲେଖନୀୟ ଯେ ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀ ମଧ ଏହି ଘଟଣାକୁ ନେଇ ଉଦବେଗ ପ୍ରକାଶ କରି ଟ୍ୱିଟ କରିବା ସହ କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାବଡେକର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହା ଉପରେ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ । ଏହାର ଉତରରେ ଶ୍ରୀ ଜାବଡେକର ଟ୍ୱିଟ କରି କହିଥିଲେ ଯେ ସେ ଏହ ମାମଲାରେ ଅଧିକାରୀଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେଇଛି ।

## ଆଇଓସିଏଲର ପିଏକ୍ସ-ପିଟିଏ ପ୍ରକଳ୍ପ ନିମନ୍ତେ ଜନ ଶୁଣାଣି




ପାରାଦୀପ,୦୩/୦୩ (ନି.ପ୍ର): ଆଇଓସିଏଲ ପ୍ଲାଂଟ୍ ପରିସରରେ ହେବାକୁ ଥିବା ପାରା ଜାଇଲେନ ଏବଂ ପ୍ୟୁରିଫାଇଡ୍ ଟେରେଫଥାଲିକ୍ ଏସିଡ୍ (ପିଏକ୍ସ-ପିଟିଏ) ପ୍ରକଳ୍ପ ନିମନ୍ତେ ଏକ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ପୌରପାଳିକା କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି ଜନ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଡ.କାହ୍ନୁ ଚରଣ ଧୀର ସଭାପତିତ୍ୱ କରି ଯୋଗ ଦେଇଥିବା ସ୍ଥାନୀୟ ଲୋକମାନଙ୍କୁ ନିଜର ମତାମତ ରଖିବା ପାଇଁ ନିବେଦନ କରିଥିଲେ । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀ ଦିଲ୍ଲୀପ ଦାଶ ଉପସ୍ଥିତ ରହି ମତାମତ ରଖୁଥିବା ଲୋକମାନଙ୍କ ଅଭିଯୋଗ ଆପତ୍ତିକୁ ଭଲ ଭାବେ ଶୁଣି ଥିଲେ । ଏହି ଜନ ଶୁଣାଣିରେ ମୋଟ୍ ୧୮ ଜଣ ନିଜର ମତାମତ ରଖିଥିବା ବେଳେ ୧୬ ଜଣ ଏହାକୁ ସମର୍ଥନ କରିଥିଲେ । ସମସ୍ତେ ପ୍ରକଳ୍ପକୁ ସମର୍ଥନ କରିଥିଲେ ମଧ୍ୟ ଅଂଚଳର ବିକାଶ ଦିଗରେ ଆଇଓସିଏଲ କର୍ତ୍ତୃପକ୍ଷ ପଦକ୍ଷେପ ନିଅନ୍ତୁ ବୋଲି ସେମାନେ ଦାବି କରିଥିଲେ । ଆଇଓସିଏଲ ତୈଳ ବିଶୋଧନାଗାର ଓ ପେଟ୍ରୋକେମିକାଲ କମ୍ପ୍ଲେକ୍ସ ଦ୍ୱାରା ପ୍ରସ୍ତାବିତ ବର୍ଷ ୧.୨ ମିଲିଅନ ମେଟ୍ରିକ୍ ଟନ୍ ଏସିଡ୍ ଉତ୍ପାଦନ କରାଯିବ । ଏହି ଉତ୍ପାଦକୁ ବୟନ ଶିଳ୍ପର କଂଚାମାଲରେ ବ୍ୟବହାର କରାଯାଇପାରିବ । ଏଥିପାଇଁ ୭୫ ଏକର ଜମି ଆବଶ୍ୟକ ପଡ଼ିବ । ଏଥିନିମନ୍ତେ ଆଇଓସିଏଲକୁ କୌଣସି ଜମି ଅଧିଗ୍ରହଣ କରିବାକୁ ପଡ଼ିବ ନାହିଁ । ସେହି ଜାଗା ମଧ୍ୟରେ ଏହି ପ୍ରକଳ୍ପକୁ ନିର୍ମାଣ କରାଯିବ । ଏହାସହ ଅଧିକେ ପାଣିର ମଧ୍ୟ ଆବଶ୍ୟକତା ପଡ଼ିବ ନାହିଁ । ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ସମସ୍ତ ପଦକ୍ଷେପ ନିଆଯିବ ବୋଲି ଆଇଓସିଏଲ ପକ୍ଷରୁ କୁହାଯାଇଛି । ଏହି ପ୍ରକଳ୍ପ ଆସନ୍ତା ୨୦୨୪ ସୁଦ୍ଧା ଶେଷ କରାଯିବ ବୋଲି ଜଣାପଡ଼ିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମାରିଟାଇମ ଇଣ୍ଡିଆ ଶିଖର ସମ୍ମିଳନୀର .....

ତେବେ ବର୍ତମାନ ସମୟରେ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ଆମେ ଉପସ୍ଥିତ ହୋଇଥିବା ବେଳେ ଭାରତକୁ ୫ ଟ୍ରିଲିୟନ ଅର୍ଥନୀତିରେ ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଆତ୍ମନିର୍ଭର ଭାରତ'ର ଆହ୍ୱାନ ଦେଇଛନ୍ତି । ତେବେ ଆତ୍ମନିର୍ଭର ଭାରତ କେବଳ ଏକ ଚିନ୍ତାଧାରା ନୁହେଁ ବରଂ ଓଡ଼ିଶା ତଥା ଭାରତକୁ ପ୍ରଗତିର ପଥରେ ନେବା ପାଇଁ ସୁଚିନ୍ତିତ ଯୋଜନା । ଏକବିଂଶ ଶତାବ୍ଦୀରେ ସମୁଦ୍ର ପଥ ବିଶାଳ ନେଟୱାର୍କ ହୋଇଛି । ଓଡ଼ିଶାରେ ବନ୍ଦରଭିତିକ ଅର୍ଥନୀତି କରିବା ଦିଗରେ ପାରାଦୀପ, ଧାମରା, ଗୋପାଳପୁର, ଅସ୍ତରଙ୍ଗ, ସୁବର୍ଣ୍ଣରେଖା ବନ୍ଦରକୁ ବିକଶିତ କରାଯାଉଛି । ଏହି ହିସାବରେ ଓଡିଶାରେ ଶିଳ୍ପଭିତିକ ବନ୍ଦର ଅର୍ଥନୀତି କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ରାଜ୍ୟରେ ଥିବା ୫ଟି ବନ୍ଦରରୁ ୨୫ ପର୍ଯ୍ୟନ୍ତ ବନ୍ଦର ବଢ଼ାଯିବା ପାଇଁ ପ୍ରଚେଷ୍ଟା କରିବା ଦରକାର । କେନ୍ଦ୍ର ସରକାର ଚଳିତ ବଜେଟରେ ମେରିଟାଇମ୍ ଇକୋନୋମୀକୁ ଗୁରୁତ୍ୱାରପ କରିବା ସହ ପାରାଦୀପରେ ମାଛବନ୍ଦର ପ୍ରତିଷ୍ଠା ହେବା ନେଇ ବଜେଟରେ ଘୋଷଣା ହୋଇଛି । ଅପରପକ୍ଷରେ ଭାରତ ସରକାର ଏବଂ ଓଡିଶା ସରକାରଙ୍କ ସମନ୍ୱୟରେ ଓଡ଼ିଶାରେ ରେଳ, ସଡ଼କପଥ, ଜଳପଥ, ବିମାନପଥକୁ ଗୁରୁତ୍ୱ ଦିଆଯାଉଛି । ରାଜ୍ୟରେ ମହାନଦୀରେ ନଦୀଭିତିକ ବନ୍ଦର ପ୍ରତିଷ୍ଠା ଉପରେ ପ୍ରାଥମିକତା ମଧ୍ୟ ସରକାରଙ୍କ ପ୍ରାଥମିକତାରେ ରହିଛି । ରାଜ୍ୟରେ ପେଟ୍ରୋଲିୟମ ଭିତିଭୂମିକୁ ସୁଦୃଢ଼ କରାଯିବା ସହ ଗ୍ୟାସ ଗ୍ରିଡରେ ଅଧିକ ପୁଞ୍ଜିନିବେଶ ପାଇଁ ଯୋଜନା କରାଯାଉଛି । ଏହା ଦ୍ୱାରା ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ବିପୁଳ ପୁଞ୍ଜିନିବେଶ ସହ ରୋଜଗାର ସୃଷ୍ଟି ହେବ । ପ୍ରଧାନମନ୍ତ୍ରୀଙ୍କ ଏହି ଆତ୍ମନିର୍ଭର ଭାରତର ଅଭିଯାନ ଏବଂ ଦେଶକୁ ୫ ଟ୍ରିଲିୟନ ଅର୍ଥନୀତିରେ ପରିଣତ କରିବା ପାଇଁ ଓଡ଼ିଶା ମଧ ନିଜକୁ ପ୍ରସ୍ତୁତ କରିବା ସହ ବିଭିନ୍ନ ରୋଡମ୍ୟାପ ତିଆରି କରିବା ଦରକାର ବୋଲି ମତବ୍ୟକ୍ତ କରିଛନ୍ତି । ଶ୍ରୀ ପ୍ରଧାନ ଗତକାଲି ବିଶ୍ୱର ଅଗ୍ରଣୀ ଇସ୍ପାତ୍ କମ୍ପାନୀ ଆର୍ସେଲର ମିତଲର ମୁଖ୍ୟ ଲକ୍ଷ୍ମୀ ନାରାୟଣ ମିତଲଙ୍କ ସହ ହୋଇଥିବା ଆଲୋଚନା ଉପରେ ଚର୍ଚ୍ଚା କରିବା ସହ ଓଡ଼ିଶାରେ ଏକ ମହତ୍ୱକାଂକ୍ଷୀ ବୃହତ ଇସ୍ପାତ୍ କାରଖାନା ପ୍ରତିଷ୍ଠା ପାଇଁ ସେମାନେ ପ୍ରତିଶ୍ରୁତି ଦେଇଥିବା କଥାକୁ ଦୋହରାଇଛନ୍ତି । ସେ କହିଛନ୍ତି ଗୋଟିଏ ପକ୍ଷରେ ଯାଜପୁର କଳିଙ୍ଗନଗରକୁ ଇସ୍ପାତର ପେଣ୍ଠସ୍ଥଳି କରିବା ପାଇଁ ଉଦ୍ୟମ କରାଯାଉଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ସମନ୍ୱୟରେ ଓଡ଼ିଶାରେ ସର୍ବବୃହତ୍ ଇସ୍ପାତ୍ କାରଖାନା ପ୍ରତିଷ୍ଠା ହେବା ପାଇଁ ଯୋଜନା କରାଯାଉଛି । ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନିଜର 'ପୂର୍ବୋଦୟ ମିଶନ'ରେ ପୂର୍ବ ଭାରତର ଅଭିବୃଦ୍ଧି ନିମନ୍ତେ ନିରନ୍ତର ପରିଶ୍ରମ କରୁଥିବା ବେଳେ ପାରାଦୀପ ମଧ୍ୟ ଉର୍ଜା କ୍ଷେତ୍ରରେ ପୂର୍ବ ଭାରତର ପ୍ରବେଶ ଦ୍ୱାର ହେବା ପାଇଁ ଯାଉଛି । ଓଡିଶାରେ ନିର୍ମାଣ ହେବାକୁ ଥିବା ପୁଞ୍ଜିନିବେଶରେ ହେବାକୁ ଥିବା ପାରାଦୀପ-ବଡବିଲ ମଧରେ ଅର୍ଥନୈତିକ କୋରଡିର, କୋଷ୍ଟାଲ ହାଇୱେ, ପାରାଦୀପରେ ୱେଷ୍ଟର୍ଣ୍ଣ ଡକର ନିର୍ମାଣ, ପରାଦୀପ-ହରିଦାସପୁର ରେଳ ଲାଇନ ପାରାଦୀପ ସମେତ ବିଭିନ୍ନ ବନ୍ଦରଭିତିକ ଅର୍ଥନୀତିକୁ ମଜବୁତ୍ କରିବାରେ ସହାଯ୍ୟ କରିବ । ସରକାର ୱେଲଥ୍ କ୍ରିଏସନ ପାଇଁ ନୁହେଁ ଶିଳ୍ପାୟନ ନିମନ୍ତେ ବଂର ସୁବିଧା, ସୁଯୋଗ, ଭିତିଭୂମି, ନୀତି, ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେବାକୁ ପଡିବ ବୋଲି ପ୍ରଧାନମନ୍ତ୍ରୀ ଦୃଢ ମତ ଦେଇଛନ୍ତି । ଓଡିଶାର ସୁଦୀର୍ଘ ବେଳାଭୂମି ମଧ୍ୟ କେବଳ ଓଡିଶା ନୁହଁ ବରଂ ପୂର୍ବ ଭାରତକୁ ପ୍ରଗତିର ପଥରେ ଆଗେଇ ନେବାରେ ପେଣ୍ଠସ୍ଥଳି ହେବ । ଅଧିକ ନିଯୁକ୍ତି ସୁଯୋଗ ଏବଂ ବ୍ୟବସାୟିକ ପ୍ରକ୍ରିୟା ଅର୍ଥନୀତିକୁ ସଶକ୍ତ କରିବ । ଏତତବ୍ୟତିତ ରାଜ୍ୟରେ ପାଇପଲାଇନ ଭିତିଭୂମିକୁ କାର୍ଯ୍ୟକାରୀ କରାଯିବା ସହ ଏଲଏନଜି ଧାମରା କାର୍ଯ୍ୟକାରୀ ହେବ । ରେଳ, ସଡ଼କପଥ, ଗ୍ୟାସ ଗ୍ରୀଡି, ସିଟି ଗ୍ୟାସ ନେଟୱାର୍କରେ ବହୁତ ପୁଞ୍ଜିନିବେଶ ହେବ । ଓଡିଶାର ସୁଦୀର୍ଘ ବେଳାଭୂମି ମଧ ରାଜ୍ୟର ବିକାଶରେ ଗେମ-ଚେଞ୍ଜର ହେବ । ଉଲ୍ଲେଖନୀୟ ଯେ, ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାରିଟାଇମ୍ ଇଣ୍ଡିଆ ସମ୍ମିଟକୁ ଭର୍ଚୁଆଲ ପ୍ଲାଟଫର୍ମରେ ଉଦଘାଟନ କରିଥିଲେ ଏବଂ ଏହି ଉଦଘାଟନୀ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଉପସ୍ଥିତ ରହିଥିଲେ ।

### ଭାଗ୍ୟଶ୍ରୀ ଓ ସିଲୁଙ୍କୁ ସମ୍ବର୍ଦ୍ଧିତ ....

ବିପିୟୁଟି ତରଫରୁ ରାଜ୍ୟପାଳ ତାଙ୍କୁ ପ୍ରମାଣପତ୍ର ଏବଂ ଏକ ଲକ୍ଷ ପଚାଶ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ଭାଗ୍ୟଶ୍ରୀ ବର୍ତମାନ ସାରଙ୍ଗ ସ୍ଥିତ ଇନ୍ଦିରା ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଛାତ୍ରୀ ଅଟନ୍ତି । ସେହିପରି ସିଲୁ ନାୟକଙ୍କୁ ସମ୍ମାନିତ କରି ପ୍ରଫେସର ଲାଲ ତାଙ୍କର ଉତ୍ସାହ,ନିଃସ୍ୱାର୍ଥପର ଏବଂ ଶକ୍ତିକୁ ପ୍ରଶଂସା କରିଥିଲେ । ଗ୍ରାମାଂଚଳର ଯୁବକମାନଙ୍କୁ 'ମହାଗୁରୁ ବାଟାଲିୟନ' ମାଧ୍ୟମରେ ମୁକ୍ତ ଭାବରେ ତାଲିମ ପ୍ରଦାନ କରି ସଶସ୍ତ୍ର ବାହିନୀରେ ପ୍ରବେଶ କରିବାର ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରୁଛନ୍ତି । ଏହା ଆହୁରି ଅନେକଙ୍କ ଜୀବନରେ ନିଃସ୍ୱାର୍ଥପର ସେବାର ଭାବନାକୁ ଜାଗ୍ରତ କରିବ ଏବଂ ସେମାନଙ୍କୁ ଲୋକ ତଥା ମାତୃଭୂମି ପାଇଁ କାର୍ଯ୍ୟ କରିବାକୁ ପ୍ରେରଣା ଦେବ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଛନ୍ତି । ଏହି ଅବସରରେ ରାଜ୍ୟପାଳଙ୍କ ସଚିବ ଡ. ପି କେ ମେହେର୍ଦ୍ଦା ଏବଂ ବିପିୟୁଟିର କୁଳପତି ଡ. ସି.ଆର. ତ୍ରିପାଠୀ ଉପସ୍ଥିତ ଥିଲେ ।

### ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ....

ନିର୍ବାଚନ ସରିଗଲେ ସେମାନେ ପୁଣି ଉତ୍ତରପ୍ରଦେଶ ଆସିବେ ହେଲେ ଉତ୍ତରପ୍ରଦେଶର ଜନତା ସେମାନଙ୍କୁ ଗ୍ରହଣ କରିବେ ନାହିଁ । ସେପଟେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପଶ୍ଚିମବଙ୍ଗର ମାଳଦାରେ କରିଥିବା ନିର୍ବାଚନ ରାଲିକୁ ନେଇ ଅଖିଳେଶ କହିଛନ୍ତି କି ଯୋଗୀ ସେଠାକୁ ଯାଉଛନ୍ତି ଯେଉଁ ଅଞ୍ଚଳର ଭାଷା ସେ ଜାଣି ନାହାନ୍ତି । ସେଠାରେ ଯେତେବେଳେ ସେ ଲଭ୍ ଜିହାଦକୁ ନେଇ ଭାଷଣ ଦେଉଥିଲେ ସେତେବେଳେ ସେ ଲୋକମାନଙ୍କୁ ସୂଚନା ଦେବା ଦରକାର ଥିଲା କି ଉତ୍ତରପ୍ରଦେଶରେ କେତେ ଯୁବକ ବେରୋଜଗାର ଅଛନ୍ତି । ପଶ୍ଚିମବଙ୍ଗ ନିର୍ବାଚନକୁ ଆଉମାତ୍ର କିଛି ଦିନ ବାକି ଥିବା ବେଳେ ଗୋଟିଏପଟେ ଆରଜେଡି ମମତାଙ୍କୁ ସମର୍ଥନ କରୁଛି ତ ଅନ୍ୟପଟେ ସମାଜବାଦୀ ପାର୍ଟି ମମତାଙ୍କୁ ସମର୍ଥନ ଜଣାଇଛି । ଏମାନଙ୍କ ସମର୍ଥନକୁ ବ୍ୟବହାର କରି ମମତା କଭଳି ବିଜେପିକୁ ମାତ୍ ଦେବେ ତାହା କେବଳ ଦେଖିବାକୁ ବାକି ରହିଲା ।

### କୋଟିଆ ପ୍ରସଙ୍ଗରେ ....

କୋଟିଆ ଓଡ଼ିଶାର ବୋଲି ସମସ୍ତ ପ୍ରାମାଣିକ ତଥ୍ୟ ସହ ଜଷ୍ଟିସ ଅନଙ୍ଗ ପଟ୍ଟନାୟକଙ୍କ ସହ ଆଲୋଚନା କରିବାକୁ କୋରାପୁଟ ଜିଲ୍ଲାପାଳଙ୍କୁ କୁହାଯାଇଛି । କୋରାପୁଟ ଜିଲ୍ଲାପାଳଙ୍କୁ ଚିଠି ଲେଖି ଏସମ୍ପର୍କରେ ଜଣାଇଛନ୍ତି ରାଜସ୍ୱ ସଚିବ ।

## ବିଜୁ ଜୟନ୍ତୀରେ ବିଶାଳ ସାଇକେଲ ଯାତ୍ରା ୫ରେ

ଭୁବନେଶ୍ୱର,୦୩/୦୩ (ନି.ପ୍ର): ଆସନ୍ତା ୫ ତାରିଖ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୫ ତମ ଜନ୍ମବାର୍ଷିକୀ ଉପଲକ୍ଷେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ କଟକସ୍ଥିତ ବିଜୁବାବୁଙ୍କ ଜନ୍ମସ୍ଥାନ ଆନନ୍ଦ ଭବନଠାରୁ ଭୁବନେଶ୍ୱରସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତି ପର୍ଯ୍ୟନ୍ତ ଏକ ବିଶାଳ ସାଇକେଲ୍ ଯାତ୍ରା ଆୟୋଜିତ ହେବ । ଏହି ସାଇକେଲ୍ ରାଲିରେ ହଜାର ହଜାର ଯୁବ ଛାତ୍ର ଯୋଗ ଦେଇ ୧୯୩୨ ମସିହାରେ ବିଜୁବାବୁଙ୍କ କଟକରୁ ପେଶୱାର ପର୍ଯ୍ୟନ୍ତ ୪୫୦୦ ମାଇଲ୍ସ ସାଇକେଲ୍ ଯାତ୍ରାର ସ୍ମୃତିକୁ ଉଜ୍ଜୀବିତ କରିବେ । ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଡ.ବ୍ୟୋମକେଶ ରାୟ ଏବଂ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ସୂଚନା ଦେଇଛନ୍ତି ।

### ଓଡ଼ିଶା କ୍ରିକେଟ ଆସୋସିଏସନର ଭିଜନ ୨୦୨୪ : ଆନ୍ତଃଜିଲ୍ଲା କ୍ଲବ କ୍ରିକେଟ ଲିଗ୍ ଟୁର୍ଣ୍ଣାମେଣ୍ଟ

## ବିଜୟଭାନୁ ମେମୋରିଆଲ କ୍ରିକେଟ ଏକାଡେମୀ ବିଜୟୀ



ଭଦ୍ରକ,୦୩/୦୩ (ନି.ପ୍ର): ଭଦ୍ରକ ଚରମ୍ପା ସ୍ଥିତ ଇଷ୍ଟକୋଷ୍ଟ ରେଲୱେ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ 'ଭିଜନ - ୨୦୨୪'କୁ ନେଇ ଆରମ୍ଭ ହୋଇଥିବା କ୍ଲବ କ୍ରିକେଟ ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ଭଦ୍ରକ ଆନ୍ତଃ ଜିଲ୍ଲା କ୍ଲବ କ୍ରିକେଟର ଆଜି ଦ୍ୱିତୀୟ ମ୍ୟାଚ ବିଜୟଭାନୁ ମେମୋରିଆଲ କ୍ରିକେଟ ଏକାଡେମୀ ଓ ଚରମ୍ପା କ୍ରିକେଟ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବିଜୟଭାନୁ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୪୦.୪ ଓଭରରେ ସମସ୍ତ ଉଇକେଟ ହରାଇ ୨୯୧ ରନ କରିଥିଲା । ଦଳର ଦୀପକ ନାୟକ ୯୧, ସମ୍ବିତ ରାଉତ ୬୧, ସୌମ୍ୟ ରଂଜନ ବାରିକ ୩୬ରନ କରିଥିବା ବେଳେ ଚରମ୍ପା ଏକାଡେମୀର ସାହିଲ ଖାଁ ୪ଟି, କରୁଣାକର ବିନ୍ଧାଣୀ, ୨ଟି ଓ ଇମ୍‌ତିୟାଜ ଖାନ ଗୋଟିଏ ଉଇକେଟ ନେଇଥିଲେ । ଦ୍ୱିତୀୟାର୍ଦ୍ଧ ବ୍ୟାଟିଂରେ ଚରମ୍ପା ଏକାଡେମୀ ଦଳ ମାତ୍ର ୧୯.୪ ଓଭରରେ ୧୧୪ ରନ କରି ସମସ୍ତ ଖେଳାଳୀ ଆଉଟ ହୋଇ ମ୍ୟାଚକୁ ୧୭୭ରନ୍‌ରେ ହାରିଥିଲେ । ତେବେ ଚରମ୍ପା ଏକାଡେମୀ ପକ୍ଷରୁ ସାହିଲ ଖାଁ ଲଢୁଆ ବ୍ୟାଟିଂ କରି ୫୧ ରନ କରିଥିବା ବେଳେ ଜୀବନଜ୍ୟୋତି ବେହେରା ୨୪ ରନ ଓ ସତ୍ୟ ରାଉତ ୧୬ରନର ସହାୟତା ଯୋଗାଇଥିଲେ । ଅନ୍ୟପକ୍ଷରେ ପ୍ରତିପକ୍ଷ ବିଜୟଭାନୁ ଦଳର ସତ୍ୟପ୍ରକାଶ ସାହୁ ଘାତକ ବୋଲିଂ କରି ୩.୪ ଓଭରରେ ଗୋଟିଏ ମେଡେନ ସହ ମାତ୍ର ୧୨ ରନ ଦେଇ ପ୍ରମୁଖ ୬ଟି ଉଇକେଟ ଅକ୍ତିଆର କରି ଦଳର ବିଜୟ ରାସ୍ତା ପରିଷ୍କାର କରିଥିଲେ । ଅନ୍ୟତମ ଖେଳାଳୀ ଆଶୀର୍ବାଦ ଦେବଦର୍ଶୀ ଗୋଟିଏ ଉଇକେଟ ନେଇଥିଲେ । ଉନ୍ନତ ବୋଲିଂ ପାଇଁ ବିଜୟଭାନୁ କ୍ରିକେଟ ଏକାଡେମୀର ସତ୍ୟପ୍ରକାଶ ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା ।

## ପ୍ରାଣୀ, ବୃକ୍ଷଲତାଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୦୩/୦୩ (ନି.ପ୍ର): ବିଶ୍ୱ ବନ୍ୟପ୍ରାଣୀ ଦିବସ ଅବସରରେ ଆମ ଗ୍ରହରେ ଥିବା ସମସ୍ତ ପ୍ରାଣୀ, ବୃକ୍ଷଲତାଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ବନ୍ୟଜନ୍ତୁଙ୍କ ପରି ପ୍ରାକୃତିକ ସମ୍ବଳର ଅସୁରକ୍ଷିତ ବ୍ୟବହାରର ପ୍ରଭାବ ସଂପର୍କରେ ସଚେତନତା ସୃଷ୍ଟି ସାଙ୍ଗକୁ ଏହିସବୁ ପ୍ରଜାତିଗୁଡ଼ିକ ସହିତ ସୁସଂହତ ଏବଂ ଯତ୍ନଶୀଳ ସଂପର୍କରୁ ପ୍ରୋତ୍ସାହିତ କରିବା ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

## ବିରତିରେ କର୍ମଯୋଗୀ ବିନୋଦ ବାବୁ




ଭଦ୍ରକ,୦୩/୦୩ (ନି.ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ ବେନ୍ତାଳ ପଞ୍ଚାୟତ କେଶପୁର ଗ୍ରାମ ଜୟଜଗନ୍ନାଥ ଗୋଦାବରୀ ସହଯୋଗ ହାଇସ୍କୁଲ ମୁଖ୍ୟ କିରାଣୀ ବିନୋଦ ବିହାରୀ ନାୟକଙ୍କ ଅବସର ନିମନ୍ତେ ଏକ ବିଦାୟକାଳୀନ ସଭା ପ୍ରଧାନ ଶିକ୍ଷକ ବିଜୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ଶ୍ରେଣୀ କକ୍ଷରେ ଅନୁଷ୍ଠିତ ହୋଇଛି । ଏହି ସଭାରେ ଗୋପାଳବିନ୍ଧା ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷିକେଶ ସାହୁ ମୁଖ୍ୟଅତିଥି, ନୂଆପାଟଣା ନୋଡ଼ାଲ ସ୍କୁଲର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ସାହୁ ମୁଖ୍ୟବକ୍ତା, ଦାଣ୍ଡିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହେମଲତା ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଦାୟୀ କର୍ମଚାରୀ ଶ୍ରୀ ନାୟକଙ୍କ ଗୁଣାବଳୀ ଆଲୋଚନା କରିଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କେଶପୁର ୟୁ.ଜି.ଏମ୍.ଇ. ସ୍କୁଲର ପ୍ରଧାନ ଶିକ୍ଷକସୁଶାନ୍ତ କୁମାର ପାଢୀ ପ୍ରମୁଖ ବକ୍ତବ୍ୟରେ ଅବସର ଏକ ପ୍ରଶାସନିକ ସମୟ ସୀମାର ସୂଚନା ବହନ କରିଥାଏ । ହେଲେ ଜଣେ ଦକ୍ଷ, ନୀତିନିଷ୍ଠ, କର୍ତ୍ତବ୍ୟ ପରାୟଣ କର୍ମଚାରୀଙ୍କୁ କର୍ମ ବିମୁଖ କରି ନଥାଏ । ସେ ନିଜର ଚରିତ୍ର, ସାଂଗଠନିକ ଦକ୍ଷତା, ସର୍ବୋପରି ସମାଜ କଲ୍ୟାଣ ଦିଗରେ ନିଜକୁ ନିୟୋଜିତ କରିବାର ସମୟ ଓ ସୁଯୋଗ ପାଇଥାଏ ବୋଲି କହିଥିଲେ । ବ୍ଲକ ଗ୍ରାଣ୍ଟ ସ୍କୁଲରୁ ଅବସର ପରେ କୌଣସି ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ସରକାର ଗ୍ରହଣ କରି ନଥିବାରୁ ଏହା ବ୍ଲକ ଗ୍ରାଣ୍ଟ ଅଧିନରେ ଥିବା ସମସ୍ତ କର୍ମଚାରୀଙ୍କ ପାଇଁ ହତାଶା ସୃଷ୍ଟି କରୁଛି । ସରକାର ଏ ଦିଗରେ ଧାନ ଦେବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା । ଏହି ଉତ୍ସବକୁ ସହକାରୀ ଶିକ୍ଷକ ଶରତ କୁମାର ସାହୁ, ପର୍ଶୁରାମ ସାହୁ, କମଳାକାନ୍ତ ବିଶ୍ୱାଳ, ସିଦ୍ଧାର୍ଥ ମହାପାତ୍ର, ପଙ୍କଜିନୀ ଲେଙ୍କା, ରବିନ୍ଦ୍ର ନାଥ ପାଢୀ, ଶରତ ଚନ୍ଦ୍ର ପଣ୍ଡା, ସବିତା ଜେନା ପ୍ରମୁଖ ପରିଚାଳନା କରିବା ସହିତ ବିଦାୟୀ କର୍ମଚାରୀଙ୍କ ପ୍ରତି ସମବେଦନା ଓ ଶ୍ରଦ୍ଧା ସମ୍ମାନ ଅର୍ପଣ କରିଥିଲେ ।

## ପୋଷଣ ଆତ୍ମ ନିର୍ଭରଶୀଳତା ଉପରେ ରାଜ୍ୟ ସ୍ତରୀୟ ଆଲୋଚନାଚକ୍ର

ଭୁବନେଶ୍ୱର,୦୩/୦୩ (ନି.ପ୍ର): ପୁଷ୍ଟି ହିଁ ସଞ୍ଜୀବନୀ କାରଣ ଏହା ଆମର ପ୍ରାଣଶକ୍ତିକୁ ବଢାଇ ଆମକୁ ସଶକ୍ତ କରିବ ଓ ଏଥିରେ ସମସ୍ତଙ୍କର ଭାଗୀଦାରିତା ର ଆବଶ୍ୟକତା ରହିଛି ବୋଲି ପୋଷଣ ଆତ୍ମ ନିର୍ଭରଶୀଳତା ଉପରେ ରାଜ୍ୟ ସ୍ତରୀୟ ଆଲୋଚନାଚକ୍ର ରେ ଯୋଗ ଦେଇ ବିଶିଷ୍ଟ ବକ୍ତା ମାନେ ମତ ଦେଇଛନ୍ତି । ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରାଲ ସେଂଟର (ପିକକ୍) ଦ୍ୱାରା ପୋଷଣ ଆତ୍ମନିର୍ଭରଶୀଳତା ଉପରେ ଏକ ରାଜ୍ୟ ସ୍ତରୀୟ ଆଲୋଚନାଚକ୍ର ଟିଡିଏଚ୍ (ଜି), ବିଏମଜେଡ୍, ଦିଶା ଓ କଜ୍ ର ସହଯୋଗ ରେ ଭୁବନେଶ୍ୱର ର ପାନ୍ଥନିବାସ ଠାରେ ଆୟୋଜିତ ହୋଇଥିଲା । ଏହି ଆଲୋଚନାଚକ୍ରରେ ଯୋଗଦେଇ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ଶ୍ରୀମତୀ ସନ୍ଧ୍ୟାବତୀ ପ୍ରଧାନ କହିଲେ ଯେ ନିରନ୍ତର ବିକାଶର କୌଣସି ବିକଳ୍ପ ନାହିଁ ଓ ଏହାରି ମାଧ୍ୟମରେ ହିଁ ପୋଷଣ ଆତ୍ମ ନିର୍ଭରଶୀଳତା ସମ୍ଭବ ହୋଇପାରିବ। ଓଡିଶା ରାଜ୍ୟ ଖାଦ୍ୟ ଆୟୋଗ ର ସଦସ୍ୟା ଡଃ ସିପ୍ରା ମଲ୍ଲିକ କହିଥିଲେ ରାଜ୍ୟ ସରକାରଙ୍କର ପୋଷଣ ସମ୍ବନ୍ଧୀୟ ବିଭିନ୍ନ ଯୋଜନାକୁ ଲୋକଙ୍କ ପାଖରେ ପହଂଚାଇବା ହେଉଛି ଆମର ଦାୟିତ୍ୱ । ମହିଳା ଓ ଶିଶୁ ବିଭାଗର ଉପଦେଷ୍ଟା ଶ୍ରୀମତୀ ସୁଲତା ଦେଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ବିଶେଷ କରି ସୋପାନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ପିକକ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶ୍ରୀମତୀ ଅନୁରାଧା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ ଓ ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଅଧିବେଶନ କୁ ପରିଚାଳନା କରିଥିଲେ । ଦ୍ୱିତୀୟ ଅଧିବେଶନ ରେ ମହିଳା ଓ ଶିଶୁ ବିଭାଗ ର ପରାମର୍ଶଦାତ୍ରୀ ଶ୍ରୀମତୀ ମଧୁମିତା ଦାସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ପୋଷଣର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଡଃ ବିଶ୍ୱରଞ୍ଜନ ପଣ୍ଡା ଓ ବୈତରଣୀ ଇନିସିଏଟିଭ ର ରାଜ୍ୟ ସଂଯୋଜକ ଦୀପକ କୁମାର ମିଶ୍ର ପ୍ରମୁଖ ବିଶେଷଜ୍ଞ ମାନେ ସ୍ଥାନୀୟ ପରିବେଶର ଖାଦ୍ୟ ଓ ଏହାର ପୁଷ୍ଟିକର ଉପାଦେୟ, ପୋଷଣ, ସନ୍ତୁଳିତ ଆହାର, ରୋଗପ୍ରତିରୋଧକ ଶକ୍ତିର ବୃଦ୍ଧି, ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କ ରେ ବିଷଦ ଭାବରେ ଆଲୋଚନା କରିଥିଲେ । ଏଥିରେ ଓଡିଶା ର ବିଭିନ୍ନ ଜିଲ୍ଲାର ପ୍ରାୟ ୧୦୦ ଜଣ ପ୍ରତିନିଧି ଭାଗ ନେଇଥିଲେ ।

## ୧୮ ଲିଟର ଦେଶୀମଦ ଜବଦ : ୨ ଗିରଫ

ବସ୍ତା-୦୩/୩(ନି.ପ୍ର): ସିଂଲା ଥାନା ଅଧୀନ ଥିବା ବିଭିନ୍ନ ସ୍ଥାନରେ ବୁଧବାର ଦିନ ବସ୍ତା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୧୮ ଲିଟର ଦେଶୀମଦ ସହ ୨ଜଣଙ୍କୁ ଗିରଫ କରିଛି। ସୂଚନାରୁ ପ୍ରକାଶ ଗିରଫ ୨ ଅଭିଯୁକ୍ତ ହେଲେ ସିଂଲା ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମର ୰ କିଶାରାମ ପ୍ରଧାନଙ୍କ ପୁଅ ସୁଦର୍ଶନ ପ୍ରଧାନ(୪୭) ଓ ଚକ ଅର୍ଜୁନୀ ଗ୍ରାମର ୰ରାମଚନ୍ଦ୍ର ମହାନ୍ତିଙ୍କ ପୁଅ ରାଜେନ୍ଦ୍ର ମହାନ୍ତି(୫୩)। ଏହି ଗିରଫ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ସୁଦର୍ଶନଙ୍କୁ ସିଂଲା ଥାନା ଅନ୍ତର୍ଗତ ପାଉଁଶକୁଲି ଅଂଚଳରୁ ଗିରଫ କରାଯାଇଥିବା ବେଳେ ରାଜେନ୍ଦ୍ରଙ୍କୁ କରୁଆ ଚକ ନିକଟରୁ ଗିରଫ କରାଯାଇଛି। ବସ୍ତା ଅବକାରୀ ବିଭାଗ ଓଆଇସି ଲକ୍ଷସାଧବ ପ୍ରଧାନ, ସେଖ୍ କଲିମ, ହୃଷିକେଶ ବାରିକ ଓ କୁମୁଦିନୀ ସୋ ପ୍ରମୁଖ ଉକ୍ତ ଚଢାଉରେ ସାମିଲ ଥିଲେ। ୨ଜଣ ଅଭିଯୁକ୍ତଙ୍କ ନାମରେ ୯୪/ ୨୧ ଓ ୯୫/୨୧ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ବିଭାଗ ପକ୍ଷରୁ ପ୍ରକାଶ।

## ଅବସରପ୍ରାପ୍ତ ଏଲ୍.ଏଚ୍.ଭିଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର, ୩/୩ (ନି.ପ୍ର) : ଜଳେଶ୍ୱର ବ୍ଲକ ଛମୌଜ ସେକ୍ଟରର ଏଲ୍.ଏଚ୍.ଭି ଅଳକା ଗିରି ଆଜି ଅବସର ଗ୍ରହଣ କରିଥିବାରୁ ତାଙ୍କୁ ଛମୌଜ ପ୍ରାଥମିକ ଶିକ୍ଷା କେନ୍ଦ୍ରରେ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ଡା. ପି.କେ ଦତ୍ତ ଅଧ୍ୟକ୍ଷତା କରିଥିବା ବେଳେ ଡା, ସତ୍ୟପ୍ରିୟ ଦେ, ଶାନ୍ତନୁ ମହନ୍ତ, ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ସ୍ୱାସ୍ଥ୍ୟକର୍ମକର୍ତ୍ତା ଅଳକା ଗିରିଙ୍କ କର୍ମଦକ୍ଷତା ସଂପର୍କରେ କହିଥିଲେ । ଏଥିରେ ସମସ୍ତ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମଚାରୀ ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ଅଂଶୁଘାତ ଜନିତ ପ୍ରସ୍ତୁତି ବୈଠକ



ବାଲେଶ୍ୱର,୦୩/୦୩ (ନି.ପ୍ର): ବୃଦ୍ଧି ପାଉଥିବା ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ଅଂଶୁଘାତ ଜନିତ ସମସ୍ୟା ନିରାକରଣ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସଦଭାବନା ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ଜରୁରୀକାଳୀନ ବିଭାଗ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ଏକ ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ନାୟକ, ପିଡି ଡିଆରଡିଏ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପ-ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପ-ଜିଲ୍ଲାପାଳ ହରିଶ ଚନ୍ଦ୍ର ଜେନା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତାପସ କୁମାର ସେଠୀଙ୍କ ସମେତ ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇ ଗ୍ରୀଷ୍ମପ୍ରବାହ ଏବଂ ଅଂଶୁଘାତର ମୁକାବିଲା ସମ୍ପର୍କରେ ଆଲୋଚନା କରିଥିଲେ । ଗ୍ରୀଷ୍ମପ୍ରବାହରେ ଯେପରି ଜନସାଧାରଣ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥି ପ୍ରତି ଧ୍ୟାନ ଦେବାକୁ ଜିଲ୍ଲାପାଳ ଗ୍ରାମ୍ୟ ଜଳଯୋଗାଣ, ଜନସ୍ୱାସ୍ଥ୍ୟ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପରିବହନ ବିଭାଗ, ରାଜସ୍ୱ ବିଭାଗ, ଜରୁରୀକାଳୀନ ବିଭାଗ, ନେସ୍କୋ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍ ବ୍ୟତୀତ ଜିଲ୍ଲାର ସମସ୍ତ ବିଡିଓ ଓ ତହସିଲଦାରମାନଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି । ଜିଲ୍ଲା, ସବଡିଭିଜନ ଓ ବ୍ଲକ ସ୍ତରରେ ୨୪ ଘଂଟିଆ କଂଟ୍ରୋଲ ରୁମ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ମୁତାବକ ଗ୍ରୀଷ୍ମ ପ୍ରବାହ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବାକୁ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା । ଜିଲ୍ଲାର ସମସ୍ତ ନଳକୂଅ ଓ ଷ୍ଟାଣ୍ଡପୋଷ୍ଟ ଯେପରି ଠିକ୍ ଭାବେ କାମ କରିବ ସେଥିପାଇଁ ପଦକ୍ଷେପ ନେବା ସହିତ ଏ ସମ୍ପର୍କିତ ରିପୋର୍ଟ ପ୍ରତିଦିନ ପ୍ରଦାନ ପାଇଁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରଚଣ୍ଡ ରୌଦ୍ରରେ ଯେପରି ଯାନବାହାନରେ ଯାତ୍ରା କରୁଥିବା ଯାତ୍ରୀମାନେ ଅଂଶୁଘାତର ଶିକାର ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ଆଂଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବସଗୁଡିକରେ ପିଇବା ପାଣି ଏବଂ ଓଆରଏସ ପ୍ୟାକେଟ ରଖିବା ସହ ଓଭରଲୋଡିଂ ଯେପରି ନ ହୁଏ ତାହା ସୁନିଶ୍ଚିତ କରିବା ଏବଂ ଜିଲ୍ଲାର ବିଭିନ୍ନ ଅଂଚଳରେ ଥିବା ବସଷ୍ଟାଣ୍ଡ ଓ ବସଷ୍ଟପ୍‌ରେ ଜଳଛତ୍ର ଖୋଲିବା ପାଇଁ ଆରଟିଓ ପଦକ୍ଷେପ ନେବେ । ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତ ଚିକିତ୍ସା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ଔଷଧ, ଓଆରଏସ, ବରଫ ଇତ୍ୟାଦି ମହଜୁଦ ରଖାଯିବ । ସେଠାରେ ଏସି ଏବଂ ଇନଭର୍ଟର ସୁବିଧା ମଧ୍ୟ ଉପଲବଧ କରାଇବାକୁ କୁହାଯାଇଛି । ଅଙ୍ଗନୱାଡି ଓ ଆଶାକର୍ମୀମାନଙ୍କୁ ଆଗୁଆ ଭାବେ ଓଆରଏସ ପ୍ୟାକେଟ ବିତରଣ କରାଯିବ । ଖରାଦିନେ ଜଳକ୍ଳିଷ୍ଟ ସ୍ଥାନଗୁଡିକରେ ବାଟୋଇ, ଯାତ୍ରୀ ତଥା ସାଧାରଣ ଜନତାଙ୍କ ତୃଷା ନିବାରଣ ନିମନ୍ତେ ଆବଶ୍ୟକ ଅନୁଯାୟୀ ଜଳଛତ୍ର ସ୍ଥାପନ କରିବାକୁ ଜିଲ୍ଲାପାଳ କହିଛନ୍ତି ।

## କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ସଚିବଙ୍କୁ ସତ୍ୟବ୍ରତ ସାହୁଙ୍କ ସାକ୍ଷାତ

ଭୁବନେଶ୍ୱର,୦୩/୦୩(ନି.ପ୍ର): କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଚିବ ଶ୍ରୀ ବିଦ୍ୟୁତ ବିହାରୀ ସ୍ୱାଇଁଙ୍କୁ ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ନୂଆଦିଲ୍ଲୀଠାରେ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟ ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ସଂପର୍କରେ ଅବଗତ କରିଥିଲେ । ଏହି ଅବସରରେ ସଚିବ ଶ୍ରୀ ସାହୁ ଓଡ଼ିଶାରେ 'ସ୍ଫୁର୍ତି' ଯୋଜନା ଅଧୀନରେ ଆଉ ଏକ ଶିଳ୍ପାଂଚଳ କ୍ଲଷ୍ଟର ସ୍ଥାପନ ପାଇଁ ଅନୁରୋଧ ଜଣାଇଥିଲେ । ସେହିପରି ଏହି କ୍ଷେତ୍ରରେ ବ୍ୟାଙ୍କ ଅର୍ଥ ଲଗାଣ ପରିମାଣ ବୃଦ୍ଧି, ପିଏମ୍‌ଇଜିପି ପାଇଁ ଅଧିକ ଅର୍ଥ ଆବଂଟନ କରିବାକୁ ଏବଂ ଶିଳ୍ପାଂଚଳଗୁଡ଼ିକରେ ଭିତିଭୂମି ବିକାଶ କରିବାକୁ ସେ କହିଥିଲେ ।

## ଆଦିବାସୀ ସଂଗେଲ ଅଭିଯାନ ଉଦ୍‌ଯାପିତ

ଜଳେଶ୍ୱର, ୩/୩ (ନି.ପ୍ର) : ଜଳେଶ୍ୱର ବ୍ଲକର ରାଇବଣିଆ ଅଂଚଳରେ ମୋଟ ଲୋକ ସଂଖ୍ୟାର ପ୍ରାୟ ୭୫ଭାଗ ଲୋକ ଆଦିବାସୀ । ତେଣୁ ସେ ଅଂଚଳରେ ବିଭିନ୍ନ ସମୟରେ ଆଦିବାସୀ ପର୍ବପର୍ବାଣୀ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଛି । କାଳିକ ପଂଚାୟତ ଅନ୍ତର୍ଗତ ହାତୀଗଡ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଆଦିବାସୀ ସଂଗେଲ କାର୍ଯ୍ୟକ୍ରମ ନିରଞ୍ଜନ ମାରାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଜଳେଶ୍ୱରର ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ବ୍ରମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଆଦିବାସୀଙ୍କ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବାଲାଗି ସମସ୍ତେ ସଚେତନ ହେବା ଉଚିତ୍ ବୋଲି କହିଥିଲେ । ସାରନା ଧର୍ମକୁ ମାନ୍ୟତା ଦେବାପାଇଁ ସ୍ଥାନୀୟ ଅଧିବାସୀମାନେ ଅତିରିକ୍ତ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ କମିଟି ସଭାପତି ଶାଙ୍ଖାର ବାସ୍କେ, ବାରିପଦା ଜୋନାଲ କମିଟି ନାରନ ମୁର୍ମୁ, ଯୋନାଲ ପାରଗାନ୍ ମାଧବ ଚନ୍ଦ୍ର ମୁର୍ମୁ, କେନ୍ଦ୍ରୀୟ କମିଟି ସଦସ୍ୟ ଲାଦୁରାମ ସରେନ୍, ଥ୍ରୀଷ୍ଟାର୍ କର୍ମାର ବନମାଳୀ ହାଁସଦା ପ୍ରମୁଖ ଯୋଗ ଦେଇ ସାରନା ଧର୍ମ ପ୍ରଚାର ପ୍ରସାର ହେବା ସଂପର୍କରେ କହିଥିଲେ ।

## ଜାତୀୟ ଜନୌଷଧି ସପ୍ତାହରେ ମହିଳା ସ୍ୱାସ୍ଥ୍ୟ ସଚେତନତା ଶିବିର

ବାଲେଶ୍ୱର,୦୩/୦୩ (ନି.ପ୍ର): ଜାତୀୟ ଜନୌଷଧି ସପ୍ତାହ ପାଳନ ଅବସରରେ ମୃତ୍ୟୁଞ୍ଜୟ ଡ୍ରଗ୍‌ସ ପକ୍ଷରୁ ଏକ ମହିଳା ସ୍ୱାସ୍ଥ୍ୟ ସଚେତନତା ଶିବିର ଶୋଭାରାମପୁରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ମୀରା ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ନାରୀମାନଙ୍କଠାରେ ଦେଖାଯାଉଥିବା ବିଭିନ୍ନ ରୋଗ ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ଲଜ୍ଜା ଯୋଗୁଁ ନିଜର ରୋଗ ଯନ୍ତ୍ରଣା ସମ୍ପର୍କରେ ବହୁ ମହିଳା ପ୍ରକାଶ ନ କରିବା ଯୋଗୁଁ ଏହା ଅଧିକ ଜଟିଳ ସ୍ଥିତି ସୃଷ୍ଟି କରିଥାଏ। ଯେତେ ଗୁପ୍ତ ହେଲେ ମଧ୍ୟ ଡାକ୍ତରଙ୍କ ନିକଟରେ କିଛି ନ ଲୁଚାଇ ନିଃସଙ୍କୋଚରେ ପ୍ରକାଶ କଲେ ଯାଇ ଏହାର ସଠିକ ଚିକିତ୍ସା କରାଯାଇ ପାରିବ ବୋଲି ଡାକ୍ତର ପତି ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ମାସିକ ଓଡ଼ିଆ ପତ୍ରିକା 'ଯୁଗଶ୍ରୀ ଯୁଗନାରୀ'ର ସମ୍ପାଦିକା ମମତା ମହାପାତ୍ର ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିରୋଗ ତଥା ଉତ୍ତମ ସ୍ୱାସ୍ଥ୍ୟ ରକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବାଲେଶ୍ୱର କଲେଜର ଅଧକ୍ଷ ଅନ୍ନଦା ପ୍ରସାଦ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ମୃତ୍ୟୁଞ୍ଜୟ ଡ୍ରଗ୍‌ସର ମୁଖ୍ୟ ସୁରଞ୍ଜନ ଦାସମହାପାତ୍ର ଏଥିରେ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଅଧ୍ୟାପକ ସୌମ୍ୟରଞ୍ଜନ ପ୍ରଧାନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ସର୍ବବୃହତ ମେରିଟାଇମ ଇଣ୍ଡିଆ ସମିଟ୍-୨୦୨୧ ଉଦ୍‌ଘାଟିତ




ପାରାଦୀପ,୦୩/୦୩ (ନି.ପ୍ର): ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ମେଗା ତଥା ସର୍ବବୃହତ ମେରିଟାଇମ ଇଣ୍ଡିଆ ସମିଟ୍-୨୦୨୧ କୁ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସି ମାଧମରେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଡେନ୍‌ମାର୍କର ପରିବହନ ମନ୍ତ୍ରୀ ବେନି ଇଂଗଲବ୍ରେଟ୍, ଗୁଜୁରାଟ ଓ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବନ୍ଦର, ଜାହାଜ ଓ ଜଳମାର୍ଗ ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟା ଉପସ୍ଥିତ ଥିଲେ । ଏହି ଭରଚୁଆଲ ସମ୍ମିଳନୀରେ ଭାଗ ନେବା ପାଇଁ ୧୦୦ରୁ ଉର୍ଦ୍ଧ୍ୱ ଦେଶର ୧.୭ଲକ୍ଷ ବ୍ୟକ୍ତି ପଞ୍ଜିକୃତ ହୋଇଛନ୍ତି । ତିନିଦିନ ବ୍ୟାପି ସମ୍ମିଳନୀରେ ୮ଟି ଦେଶର ମନ୍ତ୍ରୀ, ବିଶ୍ୱର ୫୦ରୁ ଉର୍ଦ୍ଧ୍ୱ ସିଇଓ ଏବଂ ୧୬୦ଜଣ ବକ୍ତା ଯୋଗ ଦେବେ । ଏହି ଉଦ୍‌ଘାଟନୀ ଅବସରରେ ପ୍ରଧାନମନ୍ତ୍ରୀ "ମେରିଟାଇମ୍ ଇଣ୍ଡିଆ ଭିଜନ-୨୦୩୦" ର ,କ ଇ-ବୁକ ଏବଂ ଏମ୍‌ଏମ୍‌ଡିଏସି କୁ ଉନ୍ମୋଚନ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଭାରତର ଅଭିବୃଦ୍ଧିର ଏକ ଅଂଶ ହେବାକୁ ବିଶ୍ୱକୁ ଆମନ୍ତ୍ରଣ କରିଥିଲେ । ନିଜ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ବିଶ୍ୱସ୍ତରର ଭିତ୍ତିଭୂମୀ ସହିତ ପାରାଦୀପ ଏବଂ କାଣ୍ଡାଲା ଦିନଦୟାଲ ବନ୍ଦରରେ ବିକାଶ କାର୍ଯ୍ୟ ଶେଷ ପର୍ଯ୍ୟାରେ ବୋଲି ସୂଚନା ଦେଇଥିବା ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରୁ ପ୍ରକାଶ ।

## ମାର୍ଚ୍ଚ ୧୨ରେ ସଂସଦ ଘେରିବ ଛାତ୍ର କଂଗ୍ରେସ

ଭୁବନେଶ୍ୱର,୦୩/୦୩ (ନି.ପ୍ର): କେନ୍ଦ୍ର ସରକାରଙ୍କ ଛାତ୍ର ବିରୋଧି ନୀତି ପ୍ରତିବାଦରେ 'ନୌକରି ଦୋ ୟା ଡିଗ୍ରୀ ୱାପସ୍ ଲୋ' କାର୍ଯ୍ୟକ୍ରମରେ ଆସନ୍ତା ମାର୍ଚ୍ଚ ୧୨ ତାରିଖରେ ଛାତ୍ର କଂଗ୍ରେସ ପକ୍ଷରୁ ସଂସଦ ଘେରାଉ କରାଯିବ। ରାଷ୍ଟ୍ରୀୟ ଛାତ୍ର କଂଗ୍ରେସ ସଭାପତି ନିରଜ କୁନ୍ଦନଙ୍କ ନେତୃତ୍ୱରେହବାକୁ ଥିବା ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଓଡିଶାର ଛାତ୍ର ନେତା ଅଂଶଗ୍ରହଣ କରିବେ ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଏବଂ ଅଖିଳ ଭାରତ ଛାତ୍ର କଂଗ୍ରେସ ସଂପାଦକ ରୋଶନଲାଲ ବିଟୁ କଂଗ୍ରେସ ଭବନ ଠାରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ୟାସିର ନୱାଜ କହିଛନ୍ତି ଯେ ନରେନ୍ଦ୍ର ମୋଦି ସରକାର ଦେଶର ଛାତ୍ର ଓ ଯୁବକମାନଙ୍କୁ ପ୍ରତାରିତ କରିଛନ୍ତି। ମିଥ୍ୟା ପ୍ରତିଶ୍ରୁତି ଦେଇ ଛାତ୍ର ଓ ଯୁବକମାନଙ୍କ ଠାରୁ ଭୋଟ ଲୁଟିନେବା ପରେ ଏବେ ନରେନ୍ଦ୍ର ମୋଦିଙ୍କର ପକୋଡା ନିଯୁକ୍ତି ପ୍ରସଙ୍ଗ ଦେଶର ଛାତ୍ର ସମାଜକୁ ଗଭୀର ଦୁଃଖ ଦେଇଛି। ମୋଦି ଓ ନବୀନ ଦୁହେଁ ଶିକ୍ଷାର ଘରୋଇକରଣକୁ ପ୍ରୋତ୍ସାହିତ କରୁଛନ୍ତି। ଓଡିଶାରେ ସରକାରୀ ଶିକ୍ଷା ବ୍ୟବସ୍ଥାର ମାନ ଭୁଷୁଡି ପଡିଛି। ସ୍କୁଲରେ ଓ କଲେଜରେ ଶିକ୍ଷକ ନାହାନ୍ତି, ଶ୍ରେଣୀଗୃହର ଅବସ୍ଥା ଶୋଚନୀୟ, ଲାବ୍ରୋଟାରୀ ରୁମ୍ ଓ ଉପକରଣ ନାହିଁ, ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହନ ପାଇଁ ବ୍ୟବସ୍ଥା ବି ନାହିଁ। ଅନ୍ୟପଟରେ ୧୪ ହଜାର ସ୍କୁଲ ବନ୍ଦ କରିଦିଆଯାଇଛି। ବେସରକାରୀ ସ୍କୁଲମାଲିକମାନେ କିପରି ପରିତୁଷ୍ଟ ହେବେ ଏବଂ ଅଭିଭାବକ ଓ ଛାତ୍ରଙ୍କର ରକ୍ତ ଶୋଷଣ କରିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟବସ୍ଥା କରିଦେଇଛନ୍ତି। ଅଖିଳ ଭାରତ ଛାତ୍ର କଂଗ୍ରେସର ସଂପାଦକ ତଥା ଓଡିଶା ପ୍ରଭାରୀ ଶ୍ରୀ ବିଟୁ କହିଲେ ଯେ ଭାରତର ପ୍ରଧାନମନ୍ତ୍ରୀ ଏବଂ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନରେ କୌଣସି ପାର୍ଥକ୍ୟ ନାହିଁ। ଉଭୟ ସରକାର ଛାତ୍ର ଓ ଯୁବକମାନଙ୍କ ସ୍ୱାର୍ଥ ବିରୋଧୀ।ଦରଦାମ୍ ବୃଦ୍ଧି ବେଲଗାମ। ଛଟେଇ ଚାଲିଛି। ଦେଶର ଯୁବକଯୁବତୀ ଓ ଛାତ୍ର ସମାଜ ଆଜି ବେସାହାରା। ଏଣୁ ଗାଦିରେ ମୋଦି ସରକାର ରହିବାର ଅଧିକାର ନାହିଁ।

## ଭଦ୍ରକକୁ ଧଳା ଜହର ମୁକ୍ତ ଦାବି କଲା ବିଜେପି ମହିଳା ମୋର୍ଚ୍ଚା



ଭଦ୍ରକ,୦୩/୦୩ (ନି.ପ୍ର): ଭଦ୍ରକ ସହରରେ ଦିନକୁ ଦିନ ନିଶା କାରବାର ବ୍ୟାପକ ଭାବେ ବଢିବାରେ ଲାଗିଛି। ବିଶେଷ କରି ପଶ୍ଚିମ ବଙ୍ଗରୁ ଚାଲାଣ ହୋଇ ଆସୁଥିବା ବ୍ରାଉନ ସୁଗାର ବା ଧଳା ଜହର ଭଦ୍ରକକୁ କବଳିତ କଲାଣି। ଯୁବକ, ଛାତ୍ର ସମାଜ ଏବେ ପୂର୍ଣ୍ଣ ଭାବେ ଡ୍ରଗ୍ସ ଦ୍ୱାରା କବଳିତ। ନିଶା ପାଇଁ ବହୁ ପରିବାର ନଷ୍ଟ ହେଉଛି। ଯୁବ ପିଢି ଏହି ନିଶା ପାଇଁ ଏତେ ପାଗଳ ଯେ ଏଥିଲାଗି ଚୋରି ଛିନ୍‌ତାଇ ଭଳି ଅପରାଧ କରିବାକୁ ଆଗେଇ ଆସିଲେଣି। ଏପରି ଧଳା ଜହର ପାଇଁ ହତ୍ୟାକାଣ୍ଡ ଭଳି ଜଘନ୍ୟ ଅପରାଧ କରିବାକୁ ପଛାଉ ନାହାନ୍ତି। ଏ ସବୁଠାରୁ ଭଦ୍ରକ ସହରକୁ ଉଦ୍ଧାର କରିବା ପାଇଁ, ସମ୍ପୂର୍ଣ୍ଣ ନିଶାମୁକ୍ତ ଭଦ୍ରକ ପାଇଁ ପୁଲିସର ପଦକ୍ଷେପ ଅତ୍ୟନ୍ତ ଜରୁରୀ। ନିଶା ବେପାରୀ, ବ୍ରାହଉନ ସୁଗାର କାରବାର କରୁଥିବା ବ୍ୟବସାୟୀ, ବିକ୍ରେତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ଜିଲ୍ଲା ବିଜେପି ମହିଳାମୋର୍ଚ୍ଚା ଏକ ଦାବିପତ୍ର ଜିଲ୍ଲା ସଭାନେତ୍ରୀ ହରପ୍ରିୟା ସାହୁଙ୍କ ନେତୃତ୍ୱରେ ଜିଲ୍ଲା ସମ୍ପାଦିକା ତପସ୍ୱିନୀ ମହାପାତ୍ର, ଉଷା ପାଢୀ, ବିଷ୍ଣୁପ୍ରିୟା ଲେଙ୍କା, ବିଷ୍ଣୁପ୍ରିୟା ଜେନା, ଯୁବମୋର୍ଚ୍ଚା ସଭାପତି ବିକାଶ ଶ୍ରେଷ୍ଠା, ପୁଷ୍ପକାନ୍ତ ସାହୁ, ବୃଷଭାନୁ ସାହୁ, ରାକେଶ ମହାପାତ୍ର, ଶୁଭେନ୍ଦୁ ମହାପାତ୍ର, ଶଶାଙ୍କ ଦାଶ, ଆଇଟି ସେଲ୍ ପ୍ରମୁଖ ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନାଙ୍କୁ ପ୍ରଦାନ କରିଛନ୍ତି। ପୁଲିସ ଏ ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ହଜାର ହଜାର ମହିଳା ରାଜରାସ୍ତାକୁ ଓହ୍ଲାଇବାକୁ ପଛେଇବେ ନାହିଁ ବୋଲି ସଭାନେତ୍ରୀ ସାହୁ ଚେତାବନୀ ଦେଇଛନ୍ତି।

## ବିଜେପି ନଗର କମିଟିର ସାଂଗଠନିକ ବୈଠକ




ବାଲେଶ୍ୱର,୦୩/୦୩ (ନି.ପ୍ର): ବିଜେପି ବାଲେଶ୍ୱର ନଗର କମିଟିର ଏକ ସାଙ୍ଗଠନିକ ବୈଠକ ସ୍ଥାନୀୟ ଟାଉନହଲ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିଜେପି ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା ଏଥିରେ ପୌରୋହିତ୍ୱ କରିଥିଲେ। ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ସଦସ୍ୟା ଶୋଭନା ମହାନ୍ତି, ବରିଷ୍ଠ ଆଇନଜୀବୀ ବିଜୟ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ କର୍ମୀ ଦଳ ପାଇଁ ଗରୁତ୍ୱ ବହନ କରୁଥିବା ବେଳେ ନିଃସ୍ୱାର୍ଥପର ସାଙ୍ଗଠନିକ ଦକ୍ଷତା ହିଁ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥାଏ ବୋଲି କହିଥିଲେ। ତେବେ କୌଣସି ମୁହୂର୍ତ୍ତରେ ପୌର ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଯାଉଥିବା ବେଳେ ବାଲେଶ୍ୱର ପୌରାଞ୍ଚଳର ୱାର୍ଡସ୍ତରୀରୟ ସଂଗଠନକୁ ମଜବୁତ କରିବା ଉପରେ ବିଜେପି ନେତାମାନେ ଗୁରୁତ୍ୱ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନଗର ଉପ-ସଭାପତି ସଂଯୁକ୍ତା ମହାପାତ୍ର, ସିଦ୍ଧେଶ୍ୱର ବିନ୍ଧାଣୀ, ମନୋହର ପେରିୱାଲ ଓ ରାଧାକୃଷ୍ଣ ଦାସ, ନଗର ସାଧାରଣ ସମ୍ପାଦକ ଯୋଗେନ ରଣା ଓ ସନାତନ ବାରିକ, ନଗର ମହିଳା ମୋର୍ଚ୍ଚା ସଭାପତି ସୁସ୍ମିତା ପଣ୍ଡା, ନଗର ଯୁବମୋର୍ଚ୍ଚା ସଭାପତି ଦେବବ୍ରତ ମିଶ୍ର, ନଗର ଓବିସି ମୋର୍ଚ୍ଚା ସଭାପତି ସର୍ବେଶ୍ୱର ପାତ୍ର, ନଗର ଏସଟି ମୋର୍ଚ୍ଚା ସଭାପତି ରୁହିଆ ମୁର୍ମୁ, ନଗର ସମ୍ପାଦକ ପ୍ରଶାନ୍ତ ପରିଡା, ନଗର କମିଟିର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଉମାକାନ୍ତ ମାଝୀ ପ୍ରମୁଖ ଏଥିରେ ମଂଚସୀନ ଥିଲେ । ଯୁବନେତା ବିଭୁଦତ ସଭା ପରିଚାଳନା କରିଥିଲେ । ଏହି ଅବସରରେ ନବ ଗଠିତ ନଗର କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲାକ । ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ଆଶିଷ ଘୋଷ, ରଞ୍ଜିତ ପ୍ରଧାନ, ସୁଶାନ୍ତ ବେରା, ସୁକାନ୍ତୀ ଦେବଗୋସ୍ୱାମୀ, ବିଷ୍ଣୁପ୍ରିୟା ଅଧିକାରୀ, ପାର୍ବତୀ ଦାସ, ଅବନ୍ତୀ ସାହୁ, ଛବି ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ଆବାସ ଯୋଜନାରେ ୯୦ହଜାର ଟଙ୍କା ହଡପ ଘଟଣା

# ମିଳିମିଶି ଭଣ୍ଡୁର କଲେ ତଦନ୍ତ : ପୁନଃ ତଦନ୍ତ ପାଇଁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଜଳେଶ୍ୱର, ୩/୩ (ନି.ପ୍ର) : ଜଳେଶ୍ୱର ବ୍ଲକରେ ବିଭିନ୍ନ ଯୋଜନାରେ ଦୁର୍ନିତୀ ହେଉଥିବାର ବହୁ ଅଭିଯୋଗ ହୋଇ ଆସୁଛି । ଗତ କିଛିଦିନ ତଳେ ଝାଡପିମ୍ପଳ ପଂଚାୟତର ଶଂକର ଦଣ୍ଡପାଟଙ୍କ ନାମରେ ଆବାସ ଯୋଜନାରେ ଏକ ଗୃହ ନିର୍ମାଣ ହୋଇଥିବା ଦର୍ଶାଇ ୯୦ହଜାର ଟଙ୍କା ହଡପ ହୋଇଥିବାର ଏକ ତଦନ୍ତକୁ କେତେକ କର୍ମଚାରୀ ମିଳିମିଶି ଭଣ୍ଡୁର କରିଥିବାରୁ ବାଲେଶ୍ୱର ଉପଜିଲାପାଳ ଆଶିଷ ଈଶ୍ୱର ପଟେଲ ପୁନଃ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ତଦନ୍ତକାରୀ ଅଫିସର ୨ଟି ଯାକ ତଦନ୍ତର ଭାର ନେଇଥିବାରୁ ନ୍ୟାୟ ମିଳିବା ସଂପର୍କରେ ସନ୍ଦେହ ପ୍ରକାଶ ପାଇଛି। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଝାଡପିମ୍ପଳ ଗାଁର ଶକଂ ଦଣ୍ଡପାଟଙ୍କ ନାଁରେ ଏବଂ ତାଙ୍କ ଅଗୋଚରରେ ଏକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ହୋଇଥିବା ଦର୍ଶଯାଇଛି । ୩ଟି କିସ୍ତିରେ ମୋଟ ୯୦ହଜାର ଟଙ୍କା ଶଂକର ଦଣ୍ଡପାଟଙ୍କ ନାମରେ ବ୍ୟାଙ୍କକୁ ପଠାଯାଇଛି। କିନ୍ତୁ ବ୍ୟାଙ୍କରେ ନକଲି ଆଡି ନଂ ଖୋଲି ଏହି ଟଙ୍କା ଗାଁର ଜଣେ ଜୈନିକ ଯୁବକ, ପଂଚାୟତ କର୍ମଚାରୀ, ଜିଆର୍‌ଏସ୍ ଏବଂ ବ୍ଲକର କେତେକ ସହାୟତାରେ ମିଳିମିଶି ଉଠାଇଥିବା ଜଣାଯାଇଛି । ଶଂକର ଦଣ୍ଡପାଟ ଏ ସଂପର୍କରେ ଜାଣି ପ୍ରଥମେ ବିଡିଓଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେ ଜଳେଶ୍ୱର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ସେଠାରୁ ନ୍ୟାୟ ନ ପାଇ ଜିଲାପାଳଙ୍କୁ ବାରମ୍ବାର ସାକ୍ଷାତ କରିବାରୁ ସେ ବିଡିଓ ଦୀପ୍ତିରଂଜନ ସେଠୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ କରିଥିଲେ । କିନ୍ତୁ ଆଶ୍ଚର୍ଯ୍ୟକର କଥା ତଦନ୍ତ ରିପୋର୍ଟ ସଂପର୍କରେ ଜଣାପଡିନଥିବା ବେଳେ ୯୦ହଜାର ଟଙ୍କା ପଂଚାୟତ ପିଇଓ ବ୍ଲକ ମିସେଲିନିଆସ୍ ଏକାଉଣ୍ଟରେ ଜମା କରିଥିଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା ଗାଁର ସଂପୃକ୍ତ ଯୁବକ, ଜିଆର୍‌ଏସ୍, ପିଇଓ, ଡାଟାଏଣ୍ଟ୍ରି ଅପରେଟର କିମ୍ବା ବିଡିଓଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଜଣାଯାଇଛି । ବରଂ କର୍ତ୍ତୃପକ୍ଷ ଶଂକର ଦଣ୍ଡପାଟଙ୍କ ଗୃହ ନିର୍ମାଣ ସମ୍ପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବରୁ ସେ ଗତ ୨୮-୨-୨୧ରେ ବାଲେଶ୍ୱର ଉପଜିଲାପାଳ ଆଶିଷ ଈଶ୍ୱର ପଟେଲଙ୍କୁ ସାକ୍ଷାତ କରି ସବିଶେଷ ତଥ୍ୟ ଜଣାଇଥିଲେ । ଉପଜିଲାପାଳଙ୍କ ଚିଠି ନଂ ୩୫ ତା ୧୮-୨-୨୧ରେ ସେ ବିଡିଓ ଦୀପ୍ତିରଂଜନ ସେଠୀଙ୍କୁ ପୁନଃ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶଯୋଗ୍ୟ ବିଡିଓ ପ୍ରଥମ ତଦନ୍ତରେ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିନଥିବା ବେଳେ ଏବେ ତଦନ୍ତ ନେଇ ସନ୍ଦେହ ପ୍ରକାଶ ପାଇଛି । ବରଂ ଏପରି ଘଟଣାରେ ଭିଜିଲାନ୍ସ କିମ୍ବା ସିବିଆଇ ତଦନ୍ତ କରିବାକୁ ସାଧାରଣରେ ଦାବି ଯୋର ଧରିଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo